୬ ହୋଟେଲ୍ ଭିତରେ ବନ୍ଦ ଟିମ୍‌ଇଣ୍ଡିଆ
ମିଳିଲା ସନ୍ଦେହଜନକ ପ୍ୟାକେଜ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS

# ସମ୍ବାଦ କଳିକା

The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

• ବର୍ଷ–୩୩ • ସଂଖ୍ୟା–୧୫୫ • ୩ ଜୁଲାଇ ୨୦୨୫, ଗୁରୁବାର • ଭୁବନେଶ୍ୱର • Vol -32 • Issue-155 • 3rd July 2025, Thursday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

### ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣା

## କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସରକାର ଯାହା ନିଷ୍ପତ୍ତି ନେବେ : ରାଜ୍ୟ ସଭାପତି

**ଭୁବନେଶ୍ୱର, ୨।୭ : ନ୍ୟୁଜ୍ ବ୍ୟୁରୋ**

ବିଏମସିର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣାରେ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ଗିରଫ କରାଯିବା ପାଇଁ ରାଜ୍ୟ ଓଏଏସ୍ ସଂଘ ପକ୍ଷରୁ ଦାବି ଉଠାଯିବା ସହ ସମୂହ ଛୁଟି ଓ କାର୍ଯ୍ୟବନ୍ଦ ଆନ୍ଦୋଳନ ପରେ ସରକାରଙ୍କୁ ଏକ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିଥିଲା । ଏହି ଘଟଣାକୁ ନେଇ ଦଳୀୟ ମହଲରେ ଦିନତମାମ ଚାପା ଉତ୍ତେଜନା



ପ୍ରକାଶ ପାଇଥିଲା । ଏଭଳି ପରିସ୍ଥିତିକୁ ଦେଖି ଓ ଦଳୀୟ ଚାପରେ ସନ୍ଧ୍ୟା ବେଳକୁ ଜଗନ୍ନାଥ ପ୍ରଧାନଙ୍କ ସ୍ୱର ନରମି ଯାଇଥିଲା । ଏକ ଟ୍ୱିଟ ଜରିଆରେ ସେ ଆଇନକୁ ସମ୍ମାନ ଦେଉଛି ବୋଲି ସ୍ପଷ୍ଟ କରିଥିଲେ । ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ଲେଖିଛନ୍ତି ରାଜ୍ୟରେ ଦୁଇ ଦିନ ହେବ ବିଏମସି ଘଟଣାରେ ବିରୋଧୀ ଦଳ ଏକ ରାଜନୈତିକ ରୁଟି ସେକିବା ପାଇଁ ପ୍ରୟାସ କରୁଛି । ମୁଁ ଆଗରୁ କହିଛି, ଏବେ ବି କହୁଛି, ଏହି ଘଟଣା ଦୁଃଖଦାୟକ ଓ ନିନ୍ଦନୀୟ । ଏହାକୁ ମୁଁ କଡ଼ା ଶବ୍ଦରେ ନିନ୍ଦା କରୁଛି । ରାଜ୍ୟରେ ପ୍ରଶାସନିକ ଅଚଳାବସ୍ଥା ଆଡକୁ ଗତି କରୁଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବାକୁ ଯାଉଛି । ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ଏବଂ ଆମ ସରକାରର ହିତ ପାଇଁ ମୁଁ ଆଇନକୁ ସମ୍ମାନ ଦେଉଛି । ଆଇନ ଅନୁସାରେ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ, ସେଥିରେ ମୁଁ ସମ୍ପୂର୍ଣ୍ଣ ସହଯୋଗ କରିବି ।

ପରବର୍ତ୍ତି ସମୟରେ ଏହି ସମସ୍ୟାର ସମାଧାନ ଏବଂ ଆଇନ୍ *(ପୃଷ୍ଠା ୭ରେ)*

## ତେଲେଙ୍ଗାନା ଫାର୍ମା କମ୍ପାନୀ ଦୁର୍ଘଟଣାରେ ୪ ଓଡ଼ିଆ ମୃତ

**ଭୁବନେଶ୍ୱର, ୨।୭**
**ନ୍ୟୁଜ୍ ବ୍ୟୁରୋ**

ଗତ ୧ ତାରିଖରେ ତେଲେଙ୍ଗାନା ରାଜ୍ୟର ସଙ୍ଗାରେଡ୍ଡୀ ଜିଲ୍ଲା ସ୍ଥିତ ସିଗାଚୀ ଫାର୍ମା କମ୍ପାନୀରେ ଘଟିଥିବା ଦୁର୍ଘଟଣାରେ ଏଯାବତ୍ ଓଡ଼ିଶାର ୪ଜଣ ବ୍ୟକ୍ତି ମୃତ୍ୟୁ ବରଣ କରିଥିବାବେଳେ ୫ଜଣ ବ୍ୟକ୍ତି ନିଖୋଜ ରହିଥିବାର ସୂଚନା ମିଳିଛି । ଏଥିସହ ୪ଜଣ ଓଡ଼ିଆ ବ୍ୟକ୍ତି ଆହତ ହୋଇ ନିକଟତମ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି ।

ଏହି ସମସ୍ତ ଓଡ଼ିଆ ବ୍ୟକ୍ତି ସିଗାଚୀ ଫାର୍ମା କମ୍ପାନୀର କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ । ଉକ୍ତ ଓଡ଼ିଆ ବ୍ୟକ୍ତିମାନଙ୍କର ଉଦ୍ଧାର କାର୍ଯ୍ୟ ସମେତ ପରିବାରବର୍ଗଙ୍କୁ ସାହାଯ୍ୟ ଓ ସହଯୋଗ ପ୍ରଦାନ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ୨ଜଣ ଅଧିକାରୀଙ୍କୁ ଘଟଣାସ୍ଥଳକୁ ପଠାଯାଇଛି ।



୨ଜଣ ଅଧିକାରୀ ଡ଼. ଚନ୍ଦ୍ର ଶେଖର ହୋତା ଏବଂ ପ୍ରୀତିଶ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ନିଖୋଜ ରହିଥିବା ଓଡ଼ିଆ ବ୍ୟକ୍ତିମାନଙ୍କର ସନ୍ଧାନ ନିମନ୍ତେ ସଙ୍ଗାରେଡ୍ଡୀ ଜିଲ୍ଲା ପ୍ରଶାସନକୁ ସହଯୋଗ କରୁଛନ୍ତି । ଏଥିସହିତ ଅଧିକାରୀମାନେ ଆହତ ହୋଇଥିବା ଓଡ଼ିଆ ବ୍ୟକ୍ତିମାନଙ୍କୁ ଚିକିତ୍ସାଳୟରେ ଭେଟିଛନ୍ତି । ଆହତ ହୋଇଥିବା ବ୍ୟକ୍ତିମାନଙ୍କର ଚିକିତ୍ସା ନିମନ୍ତେ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ପ୍ରଦାନ କରାଯାଇଛି । ମୃତ୍ୟୁବରଣ କରିଥିବା ଓଡ଼ିଆ ବ୍ୟକ୍ତିମାନଙ୍କର ମୃତ ଶରୀରକୁ ଓଡ଼ିଶାକୁ ଫେରେଇ ଆଣିବା ସହ ସେମାନଙ୍କ ପରିବାର ବର୍ଗକୁ ସାହାଯ୍ୟ କରିବା ନିମନ୍ତେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

## ଚିଟ୍‌ଫଣ୍ଡ ଜମାକାରୀଙ୍କ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨।୭ : ନ୍ୟୁଜ୍ ବ୍ୟୁରୋ**

ଚିଟଫଣ୍ଡ କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀମାନେ ଅର୍ଥ ଫେରସ୍ତ ପାଇବେ । ଏଥି ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ଚିଟଫଣ୍ଡ କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀଙ୍କୁ ଅର୍ଥ ଫେରସ୍ତ ପାଇଁ ମୋହନ ସରକାର ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡ଼ିଛି । ଏତତ୍‌ଦ୍ୱାରା ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ଗତ ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାର ୧,୨୬,୧୩୭



ଜଣ କ୍ଷୁଦ୍ର ଜମାକାରୀଙ୍କୁ ୪୭.୦୭ କୋଟି ଟଙ୍କା ଫେରସ୍ତ କରିସାରିଛନ୍ତି । ଆସନ୍ତା ୩–୪ ମାସ ମଧ୍ୟରେ ଆଉ ୫ ଲକ୍ଷ କ୍ଷୁଦ୍ର ଜମାକାରୀଙ୍କୁ ଅର୍ଥ ଫେରସ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି ।

ଏଠାରେ ସୂଚାଇ ଦିଆଯାଇ ପାରେ ଯେ, ୨୦୧୪ରୁ ୨୦୨୪ ମସିହା ଦୀର୍ଘ ୧୦ ବର୍ଷ ମଧ୍ୟରେ କେବଳ ୨,୭୯,୧୦୯ ଜଣ କ୍ଷୁଦ୍ର ଜମାକାରୀଙ୍କୁ ମାତ୍ର ୧୧୯ କୋଟି ଟଙ୍କା ଫେରସ୍ତ କରାଯାଇଥିଲା ।

### ଦକ୍ଷିଣ ମୋଡ଼ ନେଲେ ତିନି ରଥ : ବାହୁଡ଼ା ଯାତ୍ରା ଓ ସୁନାବେଶ ପାଇଁ ପ୍ରସ୍ତୁତି ଚୂଡାନ୍ତ

**ପୁରୀ, ୨।୭ : ନ୍ୟୁଜ୍ ବ୍ୟୁରୋ**

ମହାପ୍ରଭୁଙ୍କ ପାଖରେ ସମର୍ପଣ ହେଲେ ସବୁ କାର୍ଯ୍ୟ ସୁରୁଖୁରୁରେ ହୋଇଥାଏ । ବୁଧବାର ତିନି ରଥ ଦକ୍ଷିଣ ମୋଡ଼ ନେଇଛନ୍ତି । ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ମହାପ୍ରଭୁଙ୍କ ଆଜ୍ଞାମାଳ ବିଜେ ପରେ ତିନି ରଥର ଦକ୍ଷିଣ ମୋଡ଼ କରାଯାଇଛି । ଦିବ୍ୟାଙ୍ଗ ଓ ବାଳାଶ୍ରମ ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ମଧ୍ୟ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯାଇଛି । ଆଗାମୀ ଦିନରେ ସନ୍ଧ୍ୟା ଦର୍ଶନ, ବାହୁଡ଼ା ଯାତ୍ରା ଓ ସୁନାବେଶ ପାଇଁ ପ୍ରଶାସନ ପକ୍ଷରୁ ଚୂଡାନ୍ତ ପ୍ରସ୍ତୁତି କରାଯାଇଛି ବୋଲି ଜିଲ୍ଲାପାଳ ଚଞ୍ଚଳ ରାଣା ସୂଚନା ଦେଇଛନ୍ତି ।

## ରଥଯାତ୍ରାରେ ଅଘଟଣ : ତଦନ୍ତ ପାଇଁ ୪ ଜଣିଆ ଟିମ୍ ଗଠନ କଲେ ରାଜ୍ୟ ସରକାର

**ଭୁବନେଶ୍ୱର, ୨।୭ : ନ୍ୟୁଜ୍ ବ୍ୟୁରୋ**

ପୁରୀ ଗୁଣ୍ଡିଚାମନ୍ଦିର ନିକଟରେ ସମ୍ପ୍ରତି ଘଟିଥିବା ଭିଡ଼ ଦୁର୍ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଚାରି ଜଣିଆ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ଅଧିକାରୀଙ୍କୁ ନେଇ ଏକ ଟିମ ଗଠନ କରିଛନ୍ତି । ଉନ୍ନୟନ କମିଶନର–ତଥା–ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ଏହି ଟିମ୍ ତଦନ୍ତରେ ସହାୟତା କରିବ । ଏହି ତଦନ୍ତ ଟିମରେ ନିଯୁକ୍ତ ଅଧିକାରୀମାନେ ହେଲେ ଯୁଗ୍ମ ନିର୍ଦ୍ଦେଶକ (ଏଷ୍ଟେଟ) ତଥା ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ ମାନସ ରଞ୍ଜନ ସାମଲ, ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ବିନୟ କୁମାର ଦାଶ, ଜଳ ସମ୍ପଦ ବିଭାଗ ଅତିରିକ୍ତ ସଚିବ ରଶ୍ମୀ ରଞ୍ଜନ ନାୟକ ଏବଂ ନିର୍ମାଣ ବିଭାଗ ଅତିରିକ୍ତ ସଚିବ ପ୍ରଦୀପ କୁମାର ସାହୁ ରହିଛନ୍ତି ।

ସାଧାରଣ ପ୍ରଶାସନ ବିଭାଗର ନିର୍ଦ୍ଦେଶ ଅନୁଯାୟୀ, ଶ୍ରୀ ଦାଶ ଓ ଶ୍ରୀ ସାହୁ ବର୍ତ୍ତମାନ ପୁରୀରେ ଅଛନ୍ତି ଏବଂ ୮ ଜୁଲାଇ ପର୍ଯ୍ୟନ୍ତ ସେଠାରେ ରହିବେ । ଏହି ଚାରି ଅଧିକାରୀ ନିଜ ନିଜର ବର୍ତ୍ତମାନର ଦାୟିତ୍ୱ ସହିତ ଏହି ତଦନ୍ତ କାର୍ଯ୍ୟ ମଧ୍ୟ ପରିଚାଳନା କରିବେ । ନିର୍ଦ୍ଦେଶରେ ଆହୁରି କୁହାଯାଇଛି ଯେ, ଏହି ଅଧିକାରୀମାନେ ପ୍ରତିଦିନ ଅପରାହ୍ଣ ୩ଟାରୁ ଦୁଇ ଘଣ୍ଟା ପାଇଁ ଯୋଜନା ଓ ସମନ୍ୱୟ ବିଭାଗର ଉନ୍ନୟନ କମିଶନର–ତଥା–ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ତଦନ୍ତରେ ସହାୟତା କରିବେ ।

ଗତ ଜୁନ୍ ୨୯ରେ ବାର୍ଷିକ ରଥଯାତ୍ରା ଉତ୍ସବ ସମୟରେ *(ପୃଷ୍ଠା ୭ରେ)*

# ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ଆଦାନୀ ଗ୍ରୁପ୍’ର ଦିବ୍ୟ ସେବା

**ପ୍ର**ତିବର୍ଷ ଓଡ଼ିଶାର ଶ୍ରୀକ୍ଷେତ୍ର ପୁରୀରେ, ଯେତେବେଳେ ପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ଶ୍ରୀବଳଭଦ୍ର ଏବଂ ଦେବୀ ଶ୍ରୀସୁଭଦ୍ରାଙ୍କ ତିନୋଟି ସୁଉଚ୍ଚ ରଥ ସହରର ଗ୍ରାଣ୍ଡ ରୋଡ୍ (ବଡଦାଣ୍ଡ) ଦେଇ ସେମାନଙ୍କର ପବିତ୍ର ଯାତ୍ରା ଆରମ୍ଭ କରନ୍ତି, ସେତେବେଳେ ଏହି ମହୋତ୍ସବରେ ଆଧ୍ୟାତ୍ମିକତାର ପରିବେଶ ସୃଷ୍ଟି ହୋଇଥାଏ, ବିଶ୍ୱାସର ଏକ ଜୀବନ୍ତ ରୂପ ନେଇଥାଏ । ନଅ ଦିନ ବ୍ୟାପୀ ପୁରୀ ରଥଯାତ୍ରା କୌଣସି ସାଧାରଣ ଘଟଣା ନୁହେଁ । ଏହା ହିନ୍ଦୁ ପରମ୍ପରାର ଏକ ବିରଳ ମୁହୂର୍ତ୍ତ ଯେଉଁଠାରେ ଦେବତାମାନେ ସେମାନଙ୍କର ମନ୍ଦିର ଛାଡି ଲୋକଙ୍କ ପାଖକୁ ଆସନ୍ତି । ଓଡ଼ିଶାର ଏହି ପ୍ରାଚୀନ ଉପକୂଳବର୍ତ୍ତୀ ସହରରୁ ତୀର୍ଥଯାତ୍ରୀମାନେ ଖାଲି ପାଦରେ ଚାଲିଥାନ୍ତି । ଦେବତାମାନେ ଯିବା ପୂର୍ବରୁ ସ୍ୱେଚ୍ଛାସେବକମାନେ ରାସ୍ତା ସଫା କରନ୍ତି । ସ୍ଥାନୀୟ ଦୋକାନୀମାନେ ଅପରିଚିତ ଲୋକଙ୍କୁ ଖାଦ୍ୟ ଏବଂ ପିଇବା ପାଣି ପ୍ରଦାନ କରନ୍ତି । ଏହି ସମ୍ବେଦନଶୀଳ, ଉଷ୍ମ ମାନବିକତା ମଧ୍ୟରେ ଆହୁରି ଗଭୀର କିଛି ଦୃଶ୍ୟମାନ ହୁଏ । ବିଶ୍ୱାସ ଯେତେବେଳେ ଅନ୍ୟମାନଙ୍କ ସେବା କରେ ସେତେବେଳେ ତାହା ସବୁଠାରୁ ପବିତ୍ର ହୋଇଥାଏ । ଏହି ଆତ୍ମାକୁ ଆଦାନୀ ଗ୍ରୁପର ଅଧ୍ୟକ୍ଷ ଗୌତମ ଆଦାନୀଙ୍କ ସହ ତାଙ୍କ ପତ୍ନୀ ତଥା ଆଦାନୀ ଫାଉଣ୍ଡେସନର ଚେୟାର ପର୍ସନ ଡ. ପ୍ରୀତି ଆଦାନୀ ଏବଂ ପୁତ୍ର ତଥା ଆଦାନୀ ପୋର୍ଟ ଓ ଏସ୍‌ଇଜେଡ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ କରନ ଆଦାନୀ, ଯେତେବେଳେ ଏହି ବର୍ଷ ରଥଯାତ୍ରାକୁ ନୀରବରେ ସମର୍ଥନ କରିବା ଆରମ୍ଭ କରିଥିଲେ, ସେତେବେଳେ ସେମାନେ ବ୍ୟବହାର କରିଥିଲେ ଏହି ଲଜିଷ୍ଟିକ୍ ସହଭାଗିତା । ଏବେ ଅଧିକ ଭାବପ୍ରବଣ ଏବଂ ମାନବୀୟ ହେବାରେ ଲାଗିଛି – ନୀରବ ସେବାର ଏକ ନିଦର୍ଶନ, ଯାହା ଶିରୋନାମା ଦ୍ୱାରା ନୁହେଁ ବରଂ ମାନବିକତା ଦ୍ୱାରା ଚିହ୍ନିତ ହୋଇଥାଏ ।



### ଭକ୍ତି ଏବଂ ସେବା ଉଦ୍ଦେଶ୍ୟରେ ସମର୍ପିତ

ରଥଯାତ୍ରା ସମୟରେ ସମବେତ ଲକ୍ଷ ଲକ୍ଷ ଭକ୍ତମାନଙ୍କ ସେବା କରିବା ନିମନ୍ତେ ଆଦାନୀ ଫାଉଣ୍ଡେସନ ତରଫରୁ ବହୁବିଧ ସୁବିଧା ବ୍ୟବସ୍ଥା କରାଯାଇଛି । ସ୍ୱଚ୍ଛ ପାନୀୟ ଜଳ କିଓସ୍କ, ମୋବାଇଲ୍ ମେଡିକାଲ୍ ଭ୍ୟାନ୍, ବିଶ୍ରାମସ୍ଥଳ, ପରିମଳ ସେବା ଏବଂ ପରିବେଶ ଅନୁକୂଳ ଅଳିଆ ଡବା ରୂପରେ, ଯାହା ଆଦାନୀ ଫାଉଣ୍ଡେସନ୍ ଦ୍ୱାରା ସୁବିଧା କରାଯାଇଛି, ଯାହା ଆଦାନୀ ଗ୍ରୁପର ସିଏସ୍‌ଆର (କର୍ପୋରେଟ୍ ସାମାଜିକ ଦାୟିତ୍ୱ) ଶାଖା । ଏହି ମହୋତ୍ସବ ଅବସରରେ ଆଦାନୀ ଗ୍ରୁପ ପକ୍ଷରୁ ଭକ୍ତମାନଙ୍କୁ ଲକ୍ଷ ଲକ୍ଷ ଲିଟରରୁ ଅଧିକ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଶହ ଶହ ସ୍ୱେଚ୍ଛାସେବକଙ୍କ ଜରିଆରେ ୨୪ଘଣ୍ଟିଆ ଜରୁରୀକାଳୀନ ସେବାକାରୀ ଦଳ ନିୟୋଜିତ କରାଯାଇଛି । ଏହା କେବଳ ପ୍ରଦର୍ଶନ ପାଇଁ ନୁହେଁ, ବ୍ୟବସାୟ ପାଇଁ ନୁହେଁ ବରଂ ଭକ୍ତି ଏବଂ ସେବା ଉଦ୍ଦେଶ୍ୟରେ ସମର୍ପିତ । ପୁରୀର ଅନେକଙ୍କ ପାଇଁ, ଏଗୁଡ଼ିକ ଆଉ କେବଳ ସେବା ନୁହେଁ ଏଗୁଡ଼ିକ ତୀର୍ଥଯାତ୍ରା ଅଭିଜ୍ଞତାର ଏକ ଅଂଶ । ଗରମରେ ସଂଜ୍ଞାହୀନ ହୋଇଯାଇଥିବା ଜଣେ ବୃଦ୍ଧା ଏକ ଜଳଯୋଗାଣ କେନ୍ଦ୍ରରେ ତୃଷା ମେଣ୍ଟାଇ ପୁନର୍ଜୀବିତ ହୋଇଛନ୍ତି । ଭଙ୍ଗା କାଚ ଉପରେ ପାଦ ଦେଇ ଗୁରୁତର ହୋଇଥିବା ପିଲାଟିକୁ ପ୍ରାଥମିକ ଚିକିତ୍ସା ଦିଆଯାଇଛି । ଏଥିପାଇଁ ବିହାରର ଜଣେ ତୀର୍ଥଯାତ୍ରୀ ଜଣେ ସ୍ୱେଚ୍ଛାସେବୀଙ୍କୁ ହାତ ଯୋଡି ଦିଅନ୍ତି ଯିଏ କେବଳ ହସି ଚାଲିଯାଆନ୍ତି । ଏହି ମୁହୂର୍ତ୍ତଗୁଡ଼ିକ ପ୍ରସାରିତ ହୁଏ ନାହିଁ – ସେଗୁଡ଼ିକ ଅନୁଭବ କରାଯାଏ ।




### ଆଦାନୀ ଗ୍ରୁପର ସେବାକାର୍ଯ୍ୟ ବିରଳ

ପୁରୀ ରଥଯାତ୍ରା ସମୟରେ ଆଦାନୀ ଗ୍ରୁପର ସେବାକାର୍ଯ୍ୟ ଏକ ବିରଳ ମିଶ୍ରଣ । କର୍ପୋରେଟ୍ ଶୃଙ୍ଖଳା, ଆଧ୍ୟାତ୍ମିକତା, ନମ୍ରତା, ପ୍ରେମ ଦ୍ୱାରା ସମନ୍ୱିତ ଭାବେ ଏହା ପରିଚାଳିତ । ରଥଯାତ୍ରା ଆମକୁ ମନେ ପକାଇ ଦିଏ ଯେ ବଡ ଠାକୁର ମନ୍ଦିରରୁ ବାହାରି ବଡଦାଣ୍ଡରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଭକ୍ତଗଣଙ୍କୁ ଦର୍ଶନ ଦେଇଥାନ୍ତି । ଏହି ଦୃଷ୍ଟିରୁ ରଥଯାତ୍ରାରେ ଆଦାନୀଙ୍କ ଉପସ୍ଥିତି କେବଳ ମହିମାର ନୁହେଁ ବରଂ ଏହା କୃପା, ଭକ୍ତି ଏବଂ ସେବାର ଜ୍ୱଳନ୍ତ ନିଦର୍ଶନ ।



ଜୀବନ ରକ୍ଷାକାରୀ ଦଳଙ୍କ ସହ ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀ, ପତ୍ନୀ ଡ. ପ୍ରୀତି ଆଦାନୀ ଓ ପୁତ୍ର କରନ୍ ଆଦାନୀ ।

### ସ୍ୱେଚ୍ଛାସେବକଙ୍କୁ ସେବା କାର୍ଯ୍ୟପାଇଁ ତାଲିମ୍

ଅତିଥି ଦେବୋ ଭବଃ । ଅର୍ଥାତ୍ ଅତିଥିମାନଙ୍କୁ ଭଗବାନଙ୍କ ପରି ମନେକରି ସେବା କରାଯାଏ । ପୁରୀ ରଥଯାତ୍ରାକୁ ଆସିଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଭକ୍ତଙ୍କୁ ସେହିଭଳି ସେବା କରିବାର ସୁଯୋଗ ଆଦାନୀ ଫାଉଣ୍ଡେସନ ଲାଭ କରିବାର ସୌଭାଗ୍ୟପ୍ରାପ୍ତ ହୋଇଛି । ଫାଉଣ୍ଡେସନ ପକ୍ଷରୁ ପ୍ରତ୍ୟେକ ସ୍ୱେଚ୍ଛାସେବକଙ୍କୁ କେବଳ ସେବା ଓ ସାହାଯ୍ୟ କରିବା ପାଇଁ ନୁହେଁ ବରଂ ଏଥିନିମନ୍ତେ ସମର୍ପିତ ମନୋଭାବ ସହ କାମ କରିବା ପାଇଁ ତାଲିମ ଦିଆଯାଇଛି ।




### ସମର୍ପିତ ମନୋଭାବ ସହ ଲୋକଙ୍କ ସେବା

ଶ୍ରୀ ଆଦାନୀଙ୍କ ନେତୃତ୍ୱକୁ ପ୍ରାୟତଃ ରଣନୈତିକ, ସାହସିକ ଏବଂ ଭବିଷ୍ୟତ କୈନ୍ଦ୍ରିକ ଭାବରେ ବର୍ଣ୍ଣନା କରାଯାଇଛି । କିନ୍ତୁ ତାଙ୍କ ସହିତ ଘନିଷ୍ଠ ଭାବରେ କାମ କରୁଥିବା ଲୋକମାନେ ଅନ୍ୟ ଏକ ଦିଗ ବିଷୟରେ ଜାଣନ୍ତି: ଯାହାହେଲା ତାଙ୍କର ପବିତ୍ରତା ପ୍ରତି ନୀରବ ଶ୍ରଦ୍ଧା, ନିଷ୍ଠା ଓ ବିଶ୍ୱାସ । ବ୍ୟବସାୟ କେବଳ ପୁଞ୍ଜି ସହିତ ନୁହେଁ, ବରଂ କରୁଣା ଓ ସମର୍ପିତ ମନୋଭାବ ସହ ଲୋକଙ୍କ ସେବା କରିବା । ଶ୍ରୀଆଦାନୀ ଜୋର ଦେଇ କହନ୍ତି ଯେ ରଥଯାତ୍ରା ସେବାମୂଳକ କାର୍ଯ୍ୟକ୍ରମ ଉପରେ ପର୍ଯ୍ୟବେସିତ ହେବା ଉଚିତ । ଯାହା ଭକ୍ତଙ୍କୁ ଧ୍ୟାନ ଓ ଦିବ୍ୟ ଅନୁଭବ ଦେଇପାରିବ ।










କଲିକତାର ଦକ୍ଷିଣେଶ୍ୱର ମନ୍ଦିର ଢାଞ୍ଚାରେ ନିର୍ମିତ ହୋଇଥିବା କଟକ ଆଲାମଚନ୍ଦ ବଜାରରେ ଅବସ୍ଥିତ "ମା' ଭବତାରିଣୀ କାଳୀ' ମନ୍ଦିରର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଦିବସ ମହାସମାରୋହରେ ଏକ ଭକ୍ତି ପୂତ ପରିବେଶ ମଧ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି। ଭୋର ୫ଟାରେ ମଙ୍ଗଳ ଆଳତି, ପରେ ମା'ଙ୍କ ଶୃଙ୍ଗାର, ପୂଜା, ଚଣ୍ଡୀପାଠ, ହୋମ ଇତ୍ୟାଦି ବିଧିବିଧାନ ଅନୁଯାୟୀ ପୂଜକମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। (ଫଟୋ : ସମ୍ବାଦ କଳିକା)

# ଶହ ଶହ କ୍ୱିଣ୍ଟାଲ ରବି ଧାନ ବର୍ଷାରେ ଭିଜୁଛି : ଚାଷୀଙ୍କ ଅସନ୍ତୋଷ

**ଭବାନୀପାଟଣା, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡିରେ ରବି ଧାନ କିଣା ପାଇଁ ଖୋଲିଥିବା ଧାନ ମଣ୍ଡି ଶେଷ ହେଇଛି। ଶେଷ ଦିନରେ ଜିଲ୍ଲାରେ ପ୍ରାୟ ୧ ଲକ୍ଷ ୬୦ ହଜାର କ୍ୱିଣ୍ଟାଲ ଧାନ କିଣା ଯାଇଥିବା ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କଳାହାଣ୍ଡି ଜିଲ୍ଲାରେ ରବି ଧାନ କିଣାବିକା ପାଇଁ ଗତ ୨୦ ତାରିଖରୁ ଧାନ ମଣ୍ଡି ଆରମ୍ଭ ହେଇଥିଲା। ଜିଲ୍ଲାରେ ୩୨ ଲକ୍ଷ ୫୧ ହଜାର କ୍ୱିଣ୍ଟାଲ ଧାନ କିଣା ସରିଲାଣି। ଶେଷ ଦିନରେ ଟୋକନ ଅବଧି ଥିବା ପ୍ରାୟ ୪୦୦ ଜଣ ଚାଷୀଙ୍କ ଠାରୁ ପ୍ରାୟ ୧ ଲକ୍ଷ ୬୦ ହଜାର କ୍ୱିଣ୍ଟାଲ ଧାନ କିଣାଯାଇଥିବା ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ କହିଛନ୍ତି।

ଜୁନାଗଡ଼ ନିୟନ୍ତ୍ରିତ ବଜାର କମିଟି ଅନ୍ତର୍ଗତ ବିଭିନ୍ନ ମଣ୍ଡିରେ ୧୫୮୭ ଜଣ ଚାଷୀଙ୍କର ୯୫ ହଜାର ୬୦୭ କ୍ୱିଣ୍ଟାଲରୁ ଅଧିକ ଧାନ ଶେଷ ଦିନରେ କିଣାଯାଇଛି। ମୁଖିଗୁଡା ନିୟନ୍ତ୍ରିତ ବଜାର କମିଟି ଅନ୍ତର୍ଗତ ସମସ୍ତ ମଣ୍ଡିରେ ଥିବା ଧାନ ମଧ୍ୟ କିଣା ଯାଇଥିବା ସୂଚନା ମିଳିଛି।



ଗତ କିଛିଦିନ ଧରି ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର ବିଭିନ୍ନ ମଣ୍ଡିରେ ଥିବା ଧାନ ତିନ୍ତୁଥିବା ଦେଖିବାକୁ ମିଳୁଛି। ଦାସୀଗାଁ, ଗୌଡ଼ଛେଣ୍ଡିଆ ଭଳି କେତେକ ମଣ୍ଡିରେ ଶହ ଶହ କ୍ୱିଣ୍ଟାଲ ଧାନ ଖୋଲା ଆକାଶ ତଳେ ପଡ଼ି ରହିଛି। ମହିଚଲା ମଣ୍ଡି ପରିସରରେ ମଧ୍ୟ ଖୋଲା ଆକାଶ ତଳେ ବହୁ ପରିମାଣରେ ଧାନ ଥିବା ସୂଚନା ମିଳିଛି। ସେହିଭଳି ମୁଖିଗୁଡ଼ା, ବନ୍ଧକନା ପ୍ରଭୃତି ମଣ୍ଡିରେ ଧାନ ରହିଛି। ତେବେ ସମସ୍ତ ଧାନ ଆନୁଷ୍ଠାନିକ ଭାବେ କିଣା ସରିଥିବା ଆରଏମସି ସୂତ୍ରରୁ ପ୍ରକାଶ। ଏଣୁ ଚାଷୀଙ୍କ ସମସ୍ୟା ଆଉ ରହିବ ନାହିଁ। କେବଳ ପାଗ ଠିକ୍ ହେଲେ ମିଲର୍ସମାନେ ଧାନ ଉଠାଇବେ ବୋଲି ଉଭୟ ଆରଏମସି ପକ୍ଷରୁ କୁହାଯାଇଛି।

ମୁଖିଗୁଡା ନିୟନ୍ତ୍ରିତ ବଜାର କମିଟି ଅନ୍ତର୍ଗତ ବିଜମରା ମଣ୍ଡିରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ମଣ୍ଡି ଗେଟ୍ ସମ୍ମୁଖରେ ଚାଷୀମାନେ ଟ୍ରାକ୍ଟରରେ ଧାନ ରଖି ବାଟ ଓଗାଳିଛନ୍ତି। ଫଳରେ ମଣ୍ଡି ଭିତରେ ଥିବା ଧାନ ବାହାରକୁ ଆସିପାରୁ ନାହିଁ। ଦୈତ୍ୟାରି ମାଝୀ ନାମକ ସ୍ଥାନୀୟ ଚାଷୀଙ୍କ କହିବା ଅନୁଯାୟୀ ତାଙ୍କର ୧୦୦ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ଟୋକନର ଶେଷ ଦିନ ଥିଲା। ହେଲେ ଗତ ୨୨ ତାରିଖରୁ ମଣ୍ଡି ଗେଟ୍ ବନ୍ଦ ରଖିଥିବାରୁ ଭିତରକୁ ଧାନ ନେଇ ପାରିନାହାନ୍ତି। ଫଳରେ ମଣ୍ଡି ବାହାରେ ଟ୍ରାକ୍ଟରରେ ଧାନ ରଖିଛନ୍ତି। ସେହିଭଳି ନିରଞ୍ଜନ ନାଏକ ନାମକ ଚାଷୀଙ୍କ ୫୬ କ୍ୱିଣ୍ଟାଲ ଧାନ ଅଛି। କିନ୍ତୁ ୨୨ ତାରିଖରୁ ମଣ୍ଡି ଗେଟ୍ ଖୋଲିନି। ଫଳରେ ଟୋକନ ଅବଧି ଶେଷ ହେଇଗଲା। ଏଣୁ ଧାନ ଆଉ ବିକ୍ରି ହେଇପାରୁନାହିଁ। ସେହିଭଳି ଯୁଗେଶ୍ୱର୍ ମାଝି, ଶଶି ମାଝି, ପ୍ରଶାନ୍ତ ସାହୁ ପ୍ରମୁଖ ଚାଷୀଙ୍କ ଧାନ ବିକ୍ରି ହେଇପାରି ନଥିବାରୁ ସେମାନେ ଚିନ୍ତାରେ ଅଛନ୍ତି। ସୂଚନା ଅନୁଯାୟୀ ଗତ ସନ୍ଧ୍ୟା ସୁଦ୍ଧା ବିଜମରା ମଣ୍ଡିରେ ପ୍ରାୟ ୪୫ ଜଣ ଚାଷୀଙ୍କର ପ୍ରାୟ ୬ ହଜାର ବସ୍ତା ଧାନ ରହିଛି। ସେହିଭଳି ମଣ୍ଡି ବାହାରେ ମଧ୍ୟ ଅନେକ ଚାଷୀ ଧାନ ରଖି ଆନ୍ଦୋଳନକୁ ଓହ୍ଲାଇଛନ୍ତି।

## ପୋଲିସ ଓ ବିଏମସିର ଖାଦ୍ୟ ତଦାରଖ ଅଧିକାରୀଙ୍କ ପକ୍ଷରୁ ଚଢ଼ଉ

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ବ୍ରହ୍ମପୁର ବଡବଜାର ଅଞ୍ଚଳରେ ଏକ ସସ୍, ବଡି ଓ ଆଚାର ଦୋକାନ ଉପରେ ବ୍ରହ୍ମପୁର ବଡ଼ବଜାର ଥାନା ପୋଲିସ ଓ ବ୍ରହ୍ମପୁର ମହାନଗର ନିଗମ (ବିଏମସି)ର ଖାଦ୍ୟ ତଦାରଖ ଅଧିକାରୀମାନେ ଚଢ଼ଉ କରି ବିପୁଳ ପରିମାଣର ବିଭିନ୍ନ ପ୍ରକାରର ସସ୍, ବଡି, ପାମ୍ପଡ଼, ଆଚାର ଜବତ କରିଛନ୍ତି। ଏହି ଗୋଦାମରେ ନକଲି ଜିନିଷ ଉପରେ ଅସଲି ବ୍ରାଣ୍ଡର ଲେବୁଲ ଲଗାଇ ବଜାରରେ ବିକ୍ରୀ କରାଯାଉଥିବା ଅଭିଯୋଗ ହୋଇ ଥିଲା। ପୋଲିସ ଏବଂ ଖାଦ୍ୟ ତଦାରଖ ଅଧିକାରୀମାନଙ୍କ ପକ୍ଷରୁ ଜବତ ସାମଗ୍ରୀର ସାମ୍ପୁଲ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପରୀକ୍ଷାଗାରକୁ ପଠାଯାଇଛି। ଏହି ଘଟଣାରେ ଜଣକୁ ଥାନାରେ ଅଟକ ରଖି ପଚରା ଉଚୁରା ଚଳାଇଛି ପୋଲିସ।

# କୋଟି କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ବଣ୍ଡା ଜନଜାତିଙ୍କ ଗାଁକୁ ଛୁଇଁପାରିନି ବିକାଶ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ଗାଁର ନାଁ ବରଗୁଡ଼ା। ମୌଳିକ ସୁବିଧା ସୁଯୋଗ ଅଭାବରୁ ଲୋକେ ଏଠି ବିତାଉଛନ୍ତି ଅଭିଶପ୍ତ ଜୀବନ। ଗାଁକୁ ଯାତାୟାତ ପାଇଁ ପକ୍କା ରାସ୍ତା ଖଣ୍ଡିଏ ନାହିଁ। ପାନୀୟ ଜଳ ପାଇଁ ଚୁଆ ଭରସା। ଶିକ୍ଷା ପାଇଁ ଦେଢ଼ କି.ମି. ପାହାଡ଼ ଚଢ଼ିବାକୁ ପଡୁଥିବା ବେଳେ ଭତ୍ତା ଓ ସରକାରୀ ଯୋଜନା ପାଇଁ ହିତାଧିକାରୀଙ୍କୁ ଚାଲିବାକୁ ପଡୁଛି ୮ କି.ମି. ରାସ୍ତା। ବଣ୍ଡାଘାଟିର ବିକାଶ ପାଇଁ ଯୋଜନାର ଅଭାବ ନଥିବା ବେଳେ ସରକାରୀ ବାବୁଙ୍କ ଅବହେଳା କାରଣରୁ ବିକାଶଠୁ ବହୁ ଦୂରରେ ରହିଛି ବରଗୁଡ଼ା ଗାଁ। ଖଇରପୁଟ ବ୍ଲକ୍ ମୁଦୁଲିପଡ଼ା ପଞ୍ଚାୟତ ଅଧୀନରେ ରହିଛି ବରଗୁଡ଼ା ଗାଁ। ପଞ୍ଚାୟତ ସଦର ମହକୁମା ଠାରୁ ୮ କି.ମି. ଦୂରରେ ଥିବା ଗାଁରେ ବସବାସ କରୁଛନ୍ତି ୩୦ ପରିବାର। ଜନସଂଖ୍ୟା ୮୦ରୁ ଉର୍ଦ୍ଧ୍ୱ। ସମସ୍ତେ ବଣ୍ଡା ସଂପ୍ରଦାୟର। ଚାଷ କରି ସଭିଏଁ ଜୀବନ ଜୀବିକା ନିର୍ବାହ କରୁଥିବା ବେଳେ ସରକାରୀ ଯୋଜନାର କୌଣସି ସୁବିଧା ଏହି ଗାଁକୁ ଛୁଇଁପାରିନି। ଗାଁକୁ ପକ୍କା ରାସ୍ତା ନଥିବାରୁ ପାହାଡ଼ିଆ ରାସ୍ତା ହିଁ ଗ୍ରାମବାସୀଙ୍କ ପାଇଁ ଯାତାୟାତର ମାଧ୍ୟମ ପାଲଟିଛି। ଗାଁକୁ ଆମ୍ବୁଲାନ୍ସ ପହଞ୍ଚୁ ନଥିବାରୁ ଅସୁସ୍ଥ ବ୍ୟକ୍ତି ଓ ଗର୍ଭବତୀଙ୍କୁ ଭାର ଓ କାଉଡ଼ିରେ ମେଡିକାଲ ନେବାକୁ ପଡୁଛି। ଭତ୍ତା ଓ ପିଡିଏସ୍ ଚାଉଳ ପାଇଁ ପାହାଡ଼ିଆ ରାସ୍ତାରେ ୮ କି.ମି. ଚାଲିବାକୁ ପଡୁଛି ଗ୍ରାମବାସୀଙ୍କୁ। ଗାଁରେ ନଳକୂପ କିମ୍ବା ଜଳ ପ୍ରକଳ୍ପ ନଥିବାରୁ ପାନୀୟ ଜଳ ପାଇଁ ଗାଁର ମହିଳା ମାଇଲ୍ ମାଇଲ୍ ବାଟ ଚାଲି ଚୁଆରୁ ପାଣି ସଂଗ୍ରହ କରିଥାନ୍ତି। ସ୍କୁଲ୍ ଓ ଅଙ୍ଗନୱାଡ଼ି କଥା ନ କହିବା ଭଲ। ଦେଢ଼ କିଲୋମିଟର ପାହାଡ଼ ଚଢିଲେ ପିଣ୍ଡାଝାଙ୍କର ଗାଁରେ ସ୍କୁଲ୍ ଓ ଅଙ୍ଗନୱାଡ଼ି ସୁବିଧା ରହିଛି। ଏତେ ଦୂରରେ ସ୍କୁଲ୍ ଓ ଅଙ୍ଗନବାଡ଼ି ଥିବାରୁ ପିଲାମାନେ ଦୈନିକ ଯିବା ପାଇଁ ପସନ୍ଦ କରୁନାହାନ୍ତି। ଯାତାୟାତ ସମସ୍ୟା ଲାଗି ଅଭିଭାବକ ମଧ୍ୟ ପିଲାଙ୍କୁ ବାଧ୍ୟ କରନ୍ତି ନାହିଁ। ସ୍କୁଲ୍ ସମୟରେ ଘର ଓ ଚାଷ ଜମିରେ କାମ କରିଥାନ୍ତି ପିଲାମାନେ। ଗାଁକୁ ନାହିଁ ପକ୍କା ରାସ୍ତା, ରୋଗୀ ଓ ଗର୍ଭବତୀଙ୍କୁ ଭାର ଭରସା, ଭତ୍ତା, ରାସନ ସାମଗ୍ରୀ ପାଇଁ ୮ କି.ମି. ଚାଲୁଛନ୍ତି ହିତାଧିକାରୀ। ବଣ୍ଡାଘାଟିରେ ବାସ କରୁଥିବା ଏହି ବିରଳ ଜନଜାତିଙ୍କୁ ବିକାଶ ସ୍ରୋତରେ ସାମିଲ କରିବାକୁ ପ୍ରତିବର୍ଷ ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟଜଳ ଭଳି ମୌଳିକ ସୁବିଧାର ଭିତିଭୂମି ସୁଦୃଢ଼ ଲାଗି ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା। ହେଲେ ସରକାରୀ ବାବୁଙ୍କ କୃପା ଦୃଷ୍ଟି ବରଗୁଡ଼ା ଉପରେ ପଡୁନଥିବାରୁ ବିକାଶ ବାଟ ହୁଡୁଛି।

## ବଲାଙ୍ଗିରରେ ଗଡ଼ିଲା ସବୁଜ ରଥ

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲାରେ ୭୬ତମ ବନ ମହୋତ୍ସବ ଆରମ୍ଭ ହୋଇଥିବା ବେଳେ ବଲାଙ୍ଗିର ଅଞ୍ଚଳ ବନାଧିକାରୀ ଅଜିତ କୁମାର ବିଶି ସବୁଜ ପତାକା ଦେଖାଇ ସଚେତନତା ପାଇଁ 'ସବୁଜ ରଥ'କୁ ଉଦ୍‌ଘାଟନ କରିଥିଲେ। ଏହି ରଥ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଯାଇ ଲୋକଙ୍କୁ ସଚେତନତା କରିବା ସହିତ ଲୋକଙ୍କୁ ଚାରା ଯୋଗାଇ ଦେବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବନ ବିଭାଗ କର୍ମଚାରୀ ମାନଙ୍କ ସମେତ ସବୁଜ ବଲାଙ୍ଗିର କର୍ମକର୍ତ୍ତା ଓ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ମାନେ ଯୋଗଦେଇଥିଲେ। ଏହି କ୍ରମରେ ଶାଗୁଆ ବଲାଙ୍ଗିର ଦ୍ୱାରା ଆରମ୍ଭ ହୋଇଥିବା ବନୀକରଣ କାର୍ଯ୍ୟରେ ଯୋଗଦାନ କରିଥିବା ବଲାଙ୍ଗିର ସାଗୁଆପ୍ରେମୀ ବନ୍ଧୁମାନେ ଉପସ୍ଥିତ ରହି ଚାରାରୋପଣ ଆରମ୍ଭ କରିଛନ୍ତି।

# ଦୁର୍ଗମ ଇଲାକାରେ ଯବାନଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି ମ୍ୟାଲେରିଆ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ଯବାନଙ୍କୁ ନାକେଦମ କଲାଣି ମ୍ୟାଲେରିଆ। ମନରେ ଦମ୍ଭ ଧରି ଅପରେସନରେ ଯାଉଥିବା ଯବାନ ଜଙ୍ଗଲରୁ ଫେରିବା ପରେ ସିଧା ମେଡିକାଲ ମୁହାଁ ହେଉଛନ୍ତି। କାରଣ ଘଞ୍ଚ ଜଙ୍ଗଲରେ କେବଳ ମାଓବାଦୀଙ୍କ ସହ ନୁହେଁ ମଶାଙ୍କ ସହ ମଧ୍ୟ ରୀତିମତ ଚାଲିଛି ଯବାନଙ୍କ ଲଢ଼େଇ। ମାଲକାନଗିରିରେ ତାଉ ଦେଖାଉଛି ମ୍ୟାଲେରିଆ। ପ୍ରତିଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ବେଳେ ମଶାଙ୍କ କୋପରୁ ବର୍ତ୍ତିନାହାନ୍ତି ସାହସୀ ଯବାନ। ଦୁର୍ଗମ ଅଞ୍ଚଳରେ ମୁତୟନ ଥିବା ବିଏସଏଫ୍ ଓ ଏସଓଜି ଯବାନଙ୍କ ପାଇଁ ମ୍ୟାଲେରିଆ ମୁଣ୍ଡବିନ୍ଧାର କାରଣ ପାଲଟିଛି। ନିୟମିତ ଭାବେ ମ୍ୟାଲେରିଆରେ ପୀଡ଼ିତ ହେଉଛନ୍ତି ଯବାନ। ଗତ ଜାନୁଆରିରୁ ବିଭିନ୍ନ ବିଏସ୍‌ଏଫ୍ କ୍ୟାମ୍ପରୁ ୬୦ ମ୍ୟାଲେରିଆ ଆକ୍ରାନ୍ତ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଛନ୍ତି। ଏବେ ବିଭିନ୍ନ ବାଟାଲିୟନରେ ୧୦ ଜଣ ଯବାନ ମ୍ୟାଲେରିଆରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଛନ୍ତି। ଜଣେ ଏସଓଜି ଯବାନଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଯବାନଙ୍କ ପାଇଁ ଘଞ୍ଚ ଜଙ୍ଗଲ ଭିତରେ ଶତ୍ରୁଙ୍କ ସହ ଲଢ଼ିବା ଯେତିକି ଚ୍ୟାଲେଞ୍ଜିଂ, ତାହା ଠାରୁ ଅଧିକ କଷ୍ଟକର ମଶାଙ୍କ ଠାରୁ ନିଜକୁ ବଞ୍ଚାଇବା। ମ୍ୟାଲେରିଆର ହଟ୍‌ସ୍ପଟ୍ ପାଲଟିଛି ତୁଳସୀ ପାହାଡ଼। ସ୍ୱାଭିମାନ ଅଞ୍ଚଳରେ ବି ଯବାନ ଆକ୍ରାନ୍ତ। ଛତିଶଗଡ଼ ଓଡ଼ିଶା ସୀମାବର୍ତ୍ତୀ ମାଥିଲି ଥାନା ଅନ୍ତର୍ଗତ ତୁଳସୀ ପାହାଡ଼ ବିଏସଏଫ୍ କ୍ୟାମ୍ପର ଯବାନ ଲଗାତାର ଭାବେ ମାଓ ଦମନ ଅଭିଯାନ ଜାରି ରଖିଛନ୍ତି। ଏକାଧିକ ଦିନ ଜଙ୍ଗଲ ଭିତରେ ରହି ମାଓବାଦୀଙ୍କ ମୁକାବିଲା କରୁଛନ୍ତି। କିନ୍ତୁ ଜଙ୍ଗଲରୁ ଜୋଶ୍‌ରେ ଫେରିଥିବା ଯବାନଙ୍କ ମନୋବଳ ଭାଙ୍ଗୁଛି ମ୍ୟାଲେରିଆ। ଅପରେସନରୁ ଫେରୁଥିବା ବିଏସଏଫ୍ ଏବଂ ଏସଓଜି ଯବାନ ଜ୍ୱରରେ ପଡୁଛନ୍ତି। ସ୍ୱାଭିମାନ ଅଞ୍ଚଳର ଯନ୍ତ୍ରୀ, ଗୁରାସେତୁ, ଘନବେଡ଼ା, ଯୋଡ଼ାମ୍ବ କ୍ୟାମ୍ପରେ ଅଧିକ ମ୍ୟାଲେରିଆ ରୋଗୀ ଚିହ୍ନଟ ହେଉଛନ୍ତି। ପୂର୍ବ ବର୍ଷ ତୁଳନାରେ ଚଳିତବର୍ଷ ମାଲକାନଗିରି ଜିଲ୍ଲାରେ ଅଢ଼େଇ ଗୁଣ ଅଧିକ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବଢ଼ିଛି। ଯାହା ଯବାନଙ୍କ ଜୋସକୁ ପ୍ରଭାବିତ କରିବାର ଆଶଙ୍କା କରାଯାଉଛି।

## ୧୦୫ କିଗ୍ରା ଗଞ୍ଜେଇ ଓ କାର୍ ଜବତ : ଜଣେ ଗିରଫ



**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ସମ୍ବଲପୁର ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ୧୦୫ କିଗ୍ରା ଗଞ୍ଜେଇ ଓ ଏକ ଦାମିକିଆ କାର୍ ଜବତ କରିବା ସହିତ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଅବକାରୀ ବିଭାଗ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ବେଆଇନ ନିଶା କାରବାର ରୋକିବା ପାଇଁ ଅଇଁଠାପାଲି ଥାନା ଅନ୍ତର୍ଗତ ସିଂହପାଲି ଅଞ୍ଚଳରେ ଚେକିଂ କରାଯାଉଥିଲା। ସେହି ସମୟରେ ଝାଡ଼ଖଣ୍ଡ ରାଜ୍ୟରେ ପଞ୍ଜିକୃତ ଏକ ଦାମିକିଆ କାର୍‌କୁ ସନ୍ଦିଗ୍ଧ ଆଧାରରେ ଅଟକାଇ ଯାଞ୍ଚ କରାଯାଇଥିଲା। କାର୍‌କୁ ଯାଞ୍ଚ ସମୟରେ ଉକ୍ତ ଗାଡ଼ିରୁ ୫ଟି ଜରି ବସ୍ତାରେ ୧୦୫ କିଗ୍ରା ଅବୈଧ ଗଞ୍ଜେଇ ମିଳିଥିଲା।

## ଇଣ୍ଟରନେଟ୍ ସେବା ଯୋଗାଣ ପାଇଁ ଦାବି

**ଫୁଲବାଣୀ, ନ୍ୟୁଜ୍‌ବ୍ୟୁରୋ**



କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଅଧିକାଂଶ ଜିଓ ଟାୱାର ନିର୍ମାଣର ଦୀର୍ଘ ବର୍ଷ ବିତିଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ଜନସାଧାରଣ ଦୀର୍ଘ ବର୍ଷରୁ ଜିଓ ଟାୱାର ନିର୍ମାଣ ପାଇଁ ଦାବି କରି ଜିଓ ଟାୱାର ନିର୍ମାଣ ହୋଇଥିଲେ ମଧ୍ୟ କାର୍ଯ୍ୟକ୍ଷମ ନ ହେବା ଏବଂ ଜନସାଧାରଣ ଏହି ସେବାରୁ ବଞ୍ଚିତ ହେବାରୁ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏଭଳି ଏକ ଜିଓ ଟାୱାର ଗତ ୨ ବର୍ଷ ତଳେ ନୂଆପଦର ପଞ୍ଚାୟତ ଟଣାସୁ କୁଟିରେ ନିର୍ମାଣ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେଉନାହିଁ ଯାହାଦ୍ୱାରା ନୂଆଁ ପଦର ଅଞ୍ଚଳବାସୀ ଜିଓ ଟାୱାର ସେବାରୁ ବଞ୍ଚିତ ଅଛନ୍ତି। ଅଞ୍ଚଳବାସୀଙ୍କ ତରଫରୁ ଉପରିସ୍ଥ ପ୍ରଶାସନିକ ଅଧିକାରୀ ସମେତ ଜିଓ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ଫଳ ମିଳିପାରିନାହିଁ।

## ଜାତୀୟ ରାଜପଥରେ ଭୂସ୍ଖଳନ: ଯାତାୟାତ ପ୍ରଭାବିତ

**କୋଇଡ଼ା, ନ୍ୟୁଜ୍‌ବ୍ୟୁରୋ**

କିଛିଦିନ ଧରି ଲଗାଣବର୍ଷା ଜନଜୀବନକୁ ପ୍ରଭାବିତ କରିଥିବାବେଳେ ଜାତୀୟ ରାଜପଥରେ ଭୂସ୍ଖଳନ ହେବାରେ ଲାଗିଛି। ପୂର୍ବରୁ ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ୫୨୦ ନମ୍ବର ରଜାମୁଣ୍ଡା-କୋଇଡ଼ା ଜାତୀୟ ରାଜପଥର ତୋଡ଼ା ନିକଟରେ ଭୂସ୍ଖଳନ ହୋଇଥିଲା। ବର୍ଷାଜଳର ସ୍ରୋତରେ ରାସ୍ତା ଉପରକୁ ବଡ଼ବଡ଼ ପଥର ସାଙ୍ଗକୁ ପାହାଡ଼ର ମାଟି ଧସି ଆସିଥିଲା। ବର୍ଷାଜଳର ସ୍ରୋତ ଏତେ ତୀବ୍ର ଥିଲା ଯେ, ପାହାଡ଼ରୁ ପଥର ଭସାଇ ଆଣି ରାସ୍ତା ଉପର ପକାଇଥିଲା। ଫଳରେ ରାଜାମୁଣ୍ଡା-କୋଇଡ଼ା ରାସ୍ତାରେ ଯାନବାହନ ଚଳାଚଳରେ ସମସ୍ୟା ହୋଇଥିଲା। ସକାଳେ ପ୍ରଶାସନ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହାୟତାରେ ରାସ୍ତାର ପଥରଗୁଡ଼ିକ ହଟାଇବା ପରେ ସ୍ଥିତି ସ୍ୱାଭାବିକ ହୋଇଛି। ହେଲେ ବର୍ଷା ଯୋଗୁ ସେହି ରାସ୍ତାରେ ଏବେବି ଭୂସ୍ଖଳନ ଜାରି ରହିଥିବା ଦେଖିବାକୁ ମିଳିଛି। ଏ ନେଇ ତହସିଲଦାର ନିର୍ମଳ ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଛନ୍ତି, ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ବୈଠକରେ ତୋଡ଼ା ସହ ଆଉକିଛି ସ୍ଥାନରେ ଭୂସ୍ଖଳନ ଆଶଙ୍କା ନେଇ ଆଲୋଚନା କରାଯାଇଥିଲା। ସେଥିପାଇଁ ପୁଲିସ, ଅଗ୍ନିଶମ ବାହିନୀ ପ୍ରସ୍ତୁତ ରହିଛନ୍ତି। ଭୂସ୍ଖଳନ ଆଶଙ୍କାଥିବା ସ୍ଥାନମାନଙ୍କରେ ଗାର୍ଡୱାଲ୍ ନିର୍ମାଣ ସହ ଲୁହାଜାଲି ଲଗାଇବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯିବ ବୋଲି ସେ କହିଛନ୍ତି।

## ଜାତୀୟ ରାଜପଥ ସମ୍ପ୍ରସାରଣ ନିମନ୍ତେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଜାତୀୟ ରାଜପଥ ସମ୍ପ୍ରସାରଣରେ ଜବର ଦଖଲ ବାଧକ ସାଜିଥିଲା। ବର୍ଷ ବର୍ଷ ଧରି କିଛି ମୁଷ୍ଟିମେୟ ବ୍ୟକ୍ତି ସରକାରୀ ଜମିରେ ଜବର ଦଖଲ କରି ସେଠାରେ ବହୁ ଘର ଓ ଦୋକାନ କରି ରହି ଆସୁଥିଲେ। ଜାତୀୟ ରାଜପଥ ସମ୍ପ୍ରସାରଣରେ ବିଳମ୍ବ ହେବାରୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ଯାଜପୁର ଜିଲ୍ଲା ଦର୍ପଣ ତହସିଲ ଅଧିନ ବେଣାପୁର ଓ ବାଲିଚନ୍ଦ୍ରପୁରର ବିଭିନ୍ନ ସ୍ଥାନରେ ଜାତୀୟ ରାଜପଥ ପାର୍ଶ୍ୱରେ ବହୁ ଲୋକେ ଜବରଦଖଲ କରି ସେଠାରେ ବେଆଇନ ଭାବେ ଦୀର୍ଘ ଦିନ ହେବ ଘର ଓ ଦୋକାନ ଗୃହ ନିର୍ମାଣ କରିଥିଲେ। ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ରାସ୍ତା ନିର୍ମାଣରେ ନାନା ସମସ୍ୟା ଦେଖା ଦେଇଥିଲା। ଏନେଇ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ ପୂର୍ବରୁ ସେମାନଙ୍କୁ ନୋଟିସ କରାଯାଇଥିଲା। ଏବେ ବିଧିବଦ୍ଧ ଭାବେ ପ୍ରଶାସନ ପକ୍ଷରୁ ଘର ଓ ଦୋକାନଗୁଡିକୁ ମେସିନ ଲଗାଇ ଭଙ୍ଗାଯାଇଛି। ଦର୍ପଣ ତହସିଲଦାର, ଜାତୀୟ ରାଜପଥ ଜମି ଅଧିଗ୍ରହଣ ଅଧିକାରୀ, ବଡ଼ଚଣା ଓ ବାଲିଚନ୍ଦ୍ରପୁର ପୋଲିସ ଉପସ୍ଥିତିରେ ଏହି ସମସ୍ତ ବେଆଇନ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ସୁରକ୍ଷା ଦୃଷ୍ଟିରୁ ଅଞ୍ଚଳରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## କଫସିରପ ଜବତ : ୪ ଗିରଫ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ସମ୍ବଲପୁର ସହରର ଅଇଁଠାପାଲି ଥାନା ପୋଲିସ ନିଶା ସାମଗ୍ରୀ ବିକ୍ରି ଅଭିଯୋଗରେ ୪ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ଏକ ବାଇକ, ୪ଟି ମୋବାଇଲ ଫୋନ, ୨,୪୦୦ ଟଙ୍କା, ୧୫୦ଟି କଫସିରପ୍ ଭର୍ତ୍ତି ବୋତଲ, ୩୦ଟି ଖୋଲା କଫସିରପ ଭର୍ତ୍ତି ବୋତଲ, ୧୦ଲିଟର ଅପମିଶ୍ରିତ କଫ ସିରପ, ୨ଟି ପତା ନିଶା ବଟିକା, ୧୧ଟି ବ୍ୟବହୃତ ଗ୍ଲାସ୍ ଓ ୨୭ଟି ଅବ୍ୟବହୃତ ଗ୍ଲାସ ଏବଂ ୩ଟି ବ୍ୟାଗ ଜବତ ହୋଇଛି। ଏନେଇ ୧୮୮/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ଅଇଁଠାପାଲି ଥାନା ଅନ୍ତର୍ଗତ ସିଂଘପାଲି ଫୁଟବଲ ପଡିଆରେ ନିଶା ସାମଗ୍ରୀ ବିକ୍ରି ହେଉଥିବା ପୋଲିସ ପାଟ୍ରୋଲିଂ ବେଳେ ଦେଖି ଚଢଉ କରିଥିଲା। ଚଢଉ ବେଳେ ମାନେଶ୍ୱର କଣ୍ଟେଇ ପାଲି ଗ୍ରାମର ସୋମନାଥ ପ୍ରଧାନ (୩୪), ମହମ୍ମଦ ସୋନୁ(୩୧), ଦିନବନ୍ଧୁ ନାଏକ(୨୭) ଓ ଚନ୍ଦ୍ରଶେଖର କୁମ୍ଭାର(୨୪)ଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ଠାରୁ ଉପରୋକ୍ତ ନିଶା ସାମଗ୍ରୀ ଜବତ ହୋଇଛି।

# ଚାନ୍ଦବାଲିରେ ଏସଡିପିଓ ପଦବୀ ଖାଲି କେବେ ହେବ ପୂରଣ ?

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଦୀର୍ଘ ଦିନ ହେଲା ଚନ୍ଦବାଲିରେ ଏସ୍‌ଡିପିଓ ପଦବୀ ଖାଲି ପଡ଼ିଛି। ଏସଡିପିଓ ପଦବୀ ବିଗତ ୮ ମାସ ହେବ ଖାଲି ପଡ଼ିଛି। ଚାନ୍ଦବାଲି ଏସଡିପିଓ ପଦବୀ ଖାଲି ପଡ଼ିଥିବା ହେତୁ ଧାମନଗର ଏସଡିପିଓ ତ୍ରିଲୋଚନ ସେଠୀ ଦାୟିତ୍ୱରେ ରହିଛନ୍ତି। ଚାନ୍ଦବାଲି ପୁଲିସ ଉପଖଣ୍ଡ ଅଧୀନରେ ଥିବା ଚାନ୍ଦବାଲି, ତିହିଡି, ଧାମରା, ବଂଶଡ଼ା, ପିରାହାଟ ଓ ଧାମରା ମେରାଇ ୬ଟି ଥାନା ସମେତ ୪ଟି ଫାଣ୍ଡି ଆରଡ଼ି, ମତୋ ଘଣ୍ଟେଶ୍ୱର ଓ କରଞ୍ଜୀନ ରହିଛି। ମୋଟାମୋଟି ଭାବେ ଚାନ୍ଦବାଲି ଓ ଧାମନଗରର ୧୧ଟି ଥାନା ଓ ୬ଟି ଫାଣ୍ଡି ଶ୍ରୀ ସେଠୀଙ୍କ ଦାୟିତ୍ୱରେ ଥିବାରୁ ସେ ସବୁବେଳେ ଚାନ୍ଦବାଲି ଆସିପାରୁ ନାହାନ୍ତି। ଚାନ୍ଦବାଲି ଏସଡିପିଓ ପଦବୀ ପାଇଁ ଫେବୃୟାରୀ ୭ରେ ରାଜ୍ୟ ସରକାରଙ୍କ ଦ୍ୱାରା ବାହାରି ଥିବା ପୁଲିସ ଅଧିକାରୀ ଅଦଳବଦଳ ଲିଷ୍ଟରେ ଇଓଡବ୍ଲୁରେ କାର୍ଯ୍ୟରତ ମୟୂରଭଞ୍ଜର ରମେଶ ଚନ୍ଦ୍ର ସିଂଙ୍କୁ ଚାନ୍ଦବାଲି ଏସ୍‌ଡିପିଓ ଭାବେ ଘୋଷଣା ହେଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାଙ୍କର ଅଡରକୁ ବାତିଲ କରି ଦିଆଯାଇଥିଲା। ତେଣୁ ଚାନ୍ଦବାଲି ଏସଡିପିଓ ଓ ପଦ ଦୀର୍ଘ ଦିନ ଖାଲି ପଡ଼ିଥିବା ହେତୁ ଆଇନ ଶୃଙ୍ଖଳା ବ୍ୟବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାକୁ ଲାଗିଛି। ତେବେ ଅଞ୍ଚଳବାସୀ ଯଥା ଶୀଘ୍ର ପଦବୀ ପୂରଣ କରିବାକୁ ଦାବି କରିଲେଣି। ତେଣୁ ତୁରନ୍ତ ଅଞ୍ଚଳବାସୀ ଦାବିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏଠାରେ ଏସ୍‌ଡିପିଓ ପଦବୀ ପୂରଣ ଦାବି ହେଉଛି।

# ଚନ୍ଦ୍ରାଙ୍କ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହ ପୁର ବ୍ଲକ ଧାମୁଣିପଙ୍ଗା ପଞ୍ଚାୟତର କତାଗୁଡ଼ା ଗ୍ରାମର ମୃତ ଯଦୁମଣି ପାଲକାଙ୍କ ସାନ ଝିଅ ଚନ୍ଦ୍ରା ପାଲକା(୨୧)ଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ଏହି ପରିବାରରେ ବିଧବା ସତମା ତିନି ଝିଅ, ଦୁଇ ପୁଅଙ୍କୁ ନେଇ ଝିଙ୍କର ଘରେ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି। ପିତା ଯଦୁମଣି ଦୁଃଖ କଷ୍ଟରେ ପିଲାଙ୍କୁ ଭଲ ମଣିଷ କରିବା ପାଇଁ ଚେଷ୍ଟା କରିବା ବେଳେ ରୋଗରେ ପଡ଼ି ତାଙ୍କର ମୃତ୍ୟୁ ଘଟିଥିଲା। ବାପା ରୋଗରେ ଆକ୍ରାନ୍ତ ହେବାପରେ ପୁଅ ମିସ୍ତ୍ରୀ, ବଡ଼ଝିଅ କୁଲି କାମ କରି ପରିବାର ଚଳାଇବା ସହ ସାନ ଝିଅକୁ ପାଠପଢ଼ାରେ ସାହାଯ୍ୟ କରିଥିଲେ। ଯଦୁମଣିଙ୍କ ମୃତ୍ୟୁ ପରେ ମାଆ ସତମା ବିଧବା ଭତ୍ତା ପାଇଥିଲେ। ସାନ ଝିଅ ଚନ୍ଦ୍ରା ରାୟଗଡ଼ାରେ ସ୍ନାତକ ସାରି ଘରକୁ ଆସିବାପରେ ରୋଗାକ୍ରାନ୍ତ ହୋଇ ପଡ଼ିଛନ୍ତି। ଘରେ ଯାହା ଥିଲା



ସବୁ ବିକ୍ରି କରି ଝିଅର ଚିକିତ୍ସା କରିବା ପାଇଁ କଲ୍ୟାଣସିଂହପୁର, ରାୟଗଡ଼ା, କୋରାପୁଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଫେରି ଆସିଛନ୍ତି। ବର୍ତ୍ତମାନ ମାଆ ସତମା ଭତ୍ତା ପାଇବା ସହ ଗାଁ ଗାଁ ବୁଲି କେତେବେଳେ ଶୁଖୁଆ, ପରିବା ବିକ୍ରି କରି ସେଥିରୁ ଯାହା ଟଙ୍କା ଆଣନ୍ତି ସେଥିରେ ପରିବାର ଭରଣ ପୋଷଣ କରିଥାନ୍ତି। ଭାଇ ଓ ଭଉଣୀ କେତେବେଳେ କାମ ମିଳିଲେ କାମ କରନ୍ତି ନ ହେଲେ ଘରେ ବସି ରହୁଛନ୍ତି। ବିଜୁସ୍ୱାସ୍ଥ୍ୟ କାର୍ଡ ବନ୍ଦ କରିଦେବା ପରେ ବର୍ତ୍ତମାନ ପର୍ଯ୍ୟନ୍ତ ଆୟୁଷ୍ମାନ କାର୍ଡ ପାଇପାରି ନାହାନ୍ତି। ସାନ ଝିଅ ଚନ୍ଦ୍ରାଙ୍କ ଉତ୍ତମ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ତେଣୁ ସରକାର ଚନ୍ଦ୍ରାଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମରେ ବହୁ ବର୍ଷ ଧରି ରହି ଆସୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଆବାସ ଯୋଜନାରେ ଘର ଖଣ୍ଡିଏ ହେଲେ ପାଇନଥିବା କହିଛନ୍ତି ସତମା।

# ରିହାତି ସତ୍ତ୍ୱେ ଆଗକୁ ବଢ଼ିପାରିନି 'ସୂର୍ଯ୍ୟଘର' ଯୋଜନା

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାର ବଡ଼ଚଣା, ଧର୍ମଶାଳା, ରସୁଲପୁର ଓ ବରୀ ବ୍ଲକରେ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଦିଗହରା ହୋଇଛି। ବ୍ଲକବାସୀ ସୌରଶକ୍ତି ମାଧ୍ୟମରେ ମାଗଣା ବିଜୁଳି ପାଇବାର ସ୍ୱପ୍ନ ହୋଇ ରହିଯାଇଛି। ଦାୟିତ୍ୱରେ ଥିବା ବିଦ୍ୟୁତ୍‌କରଣ ସଂସ୍ଥାର ଏଥିପ୍ରତି ଆନ୍ତରିକ ଅଭାବ ଓ ବେସରକାରୀ ସଂସ୍ଥା ଉପରେ ଲୋକଙ୍କ ଭରସା ଓ ବିଶ୍ୱାସ ପାଉ ନ ଥିବାରୁ ଏହି ଯୋଜନା ଫେଲ୍ ମାରିଛି। ଫଳରେ କେନ୍ଦ୍ରର ଯୋଜନା ଏହି ସବୁ ବ୍ଲକରେ ବିଫଳ ହୋଇଛି। ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉପଭୋକ୍ତାଙ୍କୁ ଆଶାତିତ ସବ୍‌ସିଡ୍ ଯୋଗାଇ ଦେଉଛନ୍ତି। ଯୋଜନାରେ ପ୍ରତି ହିତାଧିକାରୀ ନିଜ ଘର ଉପରେ ସୌର ପ୍ୟାନେଲ ବସାଇ ଅଳ୍ପ ବ୍ୟୟରେ ମାଗଣାରେ ବିଦ୍ୟୁତ୍ ଶକ୍ତି ପାଇବା ସହିତ ବଳକା ବିଦ୍ୟୁତ୍ ଆଗ୍ରହୀ ଉପଭୋକ୍ତାଙ୍କୁ ବିକି ଲାଭବାନ ହୋଇପାରିବେ। ଏହା ଦ୍ୱାରା ବିଜୁଳି ସଞ୍ଚୟ ହେବା ସହିତ ଖର୍ଚ୍ଚ କମ୍ ହେବ। ଏହାଛଡ଼ା ଅନ୍ୟାନ୍ୟ ଅନେକ ସୁବିଧା ରହିଛି। ସରାକରଙ୍କ ପକ୍ଷରୁ ଏହି ଯୋଜନାକୁ ନେଇ ବିଭିନ୍ନ ସମୟରେ ପ୍ରଚାର ମାଧ୍ୟମରେ ଉପଭୋକ୍ତାଙ୍କୁ ଅବଗତ ଠିକ୍ ଭାବେ କରାଯାଉନାହିଁ। ଯେଉଁମାନେ ସେମାନଙ୍କ ନାମ ପଞ୍ଜିକରଣ କରିଛନ୍ତି ସେମାନଙ୍କୁ ଉପଯୁକ୍ତ ମରାମର୍ଶ ମିଳୁ ନାହିଁ। ଯୋଜନାକୁ ସଫଳ କରିବା ପାଇଁ ଦାୟିତ୍ୱ ଦିଆଯାଇଥିବା ସରକାରୀ ନିୟନ୍ତ୍ରିତ ବିଦ୍ୟୁତ୍ ସଂସ୍ଥା ପକ୍ଷରୁ ଆଗ୍ରହୀ ହିତାଧିକାରୀଙ୍କୁ ଗୁରୁତ୍ୱ ଦିଆଯାଉ ନ ଥିବା ସହ ସହଯୋଗ ମଧ୍ୟ ମିଳୁ ନାହିଁ। ସରକାରୀ ନିୟନ୍ତିତ ସଂସ୍ଥା ଆଗ୍ରହ ପ୍ରକାଶ କରୁ ନଥିବା ବେଳେ ଏହି ଯୋଜନା ପାଇଁ ଆଗେଇ ଆସୁଥିବା ଏକାଧିକ ବେସରକାରୀ ସଂସ୍ଥା ଯେତେ ଆଗ୍ରହ ଦେଖାଇଲେ ମଧ୍ୟ ଲୋକଙ୍କ ଭରସା ଓ ବିଶ୍ୱାସ ଜିତି ପାରୁ ନାହିଁ। ୨୦୨୪ ସାଧାରଣ ନିର୍ବାଚନ ରେ ଶାସକ ବିଜେପି ପକ୍ଷରୁ ଯେଉଁ ୩ଶହ ୟୁନିଟ୍ ମାଗଣା ବିଦ୍ୟୁତ୍ ସଂକ୍ରାନ୍ତରେ କୁହାଯାଇଥିଲା ବାସ୍ତବରେ ତାହା ସୌର ପ୍ରକଳ୍ପଯୁକ୍ତ ବିଦ୍ୟୁତ୍ ବୋଲି ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ମାଗଣା ବିଜୁଳି ଯୋଗାଣକୁ ପ୍ରସଙ୍ଗ କରି ବିରୋଧୀ ସରକାରଙ୍କୁ ସମାଲୋଚନା କରୁଥିବା ସତ୍ତ୍ୱେ କେଉଁ କାରଣରୁ ଏହି କେନ୍ଦ୍ରୀୟ ଯୋଜନା ସଫଳ ହୋଇପାରୁ ନାହିଁ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୌରଶକ୍ତି ମାଧ୍ୟମରେ ବିଜୁଳି ଉତ୍ପାଦନ କଲେ ପ୍ରତ୍ୟେକ ହିତାଧିକାରୀ ନାନା ପ୍ରକାର ସୁବିଧା ପାଇବା ସହିତ ଏହି ପ୍ରକଳ୍ପ ପରିବେଶ ପାଇଁ ବହୁ ଉପଯୋଗୀ ହେବ। ମାତ୍ର ଉପଯୁକ୍ତ ପ୍ରଚାର ଓ ପ୍ରସାର ଅଭାବରୁ ହିତାଧିକାରୀ ସୌରପ୍ରକଳ୍ପ ସ୍ଥାପନ ପାଇଁ ସେତେଟା ଆଗ୍ରହ ପ୍ରକାଶ କରୁ ନଥିବା ବେଳେ ସରକାର ଓ ପ୍ରଶାସନ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଲେ ବିଦ୍ୟୁତ୍ ଉପଭୋକ୍ତ ଉପକୃତ ହୋଇପାରିବେ ବୋଲି ଉପଭୋକ୍ତାମାନେ ପ୍ରକାଶ କରିଛନ୍ତି।

## ଚମ୍ପୁଆରେ ଚାଷୀଙ୍କ ନିଦ ହଜାଇଦେଇଛି ଲଗାଣ ବର୍ଷା ଓ ହାତୀ ଉପଦ୍ରବ

**ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ**

ଚମ୍ପୁଆ ବନାଞ୍ଚଳ ଅନ୍ତର୍ଗତ ଉଖୁଣ୍ଡା ସେକ୍ସନରେ ବଣୁଆ ହାତୀ ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଉଛି। ଲଗାଣ ବର୍ଷାକୁ ଦୈନିକ ହାତୀ ଉପଦ୍ରବ ଅଞ୍ଚଳବାସୀଙ୍କ ନିଦ ହଜାଇ ଦେଇଛି। ଅଞ୍ଚଳବାସୀ ହାତୀ ଭୟରେ ଅନିଦ୍ରାରେ ରାତି ବିତାଉଛନ୍ତି। ସୂଚନା ଯୋଗ୍ୟ କି ଗତ କିଛି ସପ୍ତାହ ହେବ ଉଖୁଣ୍ଡା ସେକ୍ସନରେ ଡେରା ପକାଇଥିବା ବଣୁଆ ହାତୀପଲ ଅଞ୍ଚଳ ଛାଡ଼ି ଯିବା ନାଁ ଧରୁନାହାନ୍ତି। ଦିନ ବେଳେ ଫସଲ ନଷ୍ଟ କରିବା ସହ ରାତି ହେଲେ ଖାଦ୍ୟ ଅନ୍ୱେଷଣରେ ହାତୀପଲ ଦଳ ଦଳ ହୋଇ ଗାଁ ମୁହାଁ ହେଉଥିବାରୁ ଅଞ୍ଚଳବାସୀ ଧନଜୀବନକୁ ନେଇ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ହାତୀ ପଲ ଗାଁ ଭିତରେ ପଶି ଘର ଭାଙ୍ଗି ଧାନ ଚାଉଳ ଖାଇବା ସହ ଗାଁ ଦାଣ୍ଡରେ ଅବାଧ ବିଚରଣ କରୁଥିବା ବେଳେ ହାତୀ ଘଉଡ଼ାଇବାକୁ ବନ ବିଭାଗର ସବୁ କୌଶଳ ଫେଲ୍ ମାରୁଛି। ହାତୀ ଉପଦ୍ରବରୁ ଲୋକଙ୍କୁ ସୁରକ୍ଷା ଦେବାରେ ବିଭାଗ ବିଫଳ ହେଉଛି। ଯାହାଦ୍ୱାରା ଦିନକୁ ଦିନ ହାତୀ ଉପଦ୍ରବ ବୃଦ୍ଧି ପାଉଛି। ଗତ ଶନିବାର ରାତି ହାତୀପଲ କରଞ୍ଜିଆ ପଞ୍ଚାୟତ ରାଇଗୁଡ଼ି ଗ୍ରାମରେ ନଅ ଟି ଘର ଭାଙ୍ଗିଥିବା ବେଳେ ଗତ ରାତି ହାତୀପଲ କାଟୁଳିକନା ଗ୍ରାମରେ ପୂର୍ଣ୍ଣମୀ ମହାନ୍ତ ଓ କେମୁଣ୍ଡିଆ ଗ୍ରାମରେ ବଗଲ କେଷ୍ଟକାରଙ୍କ ଘର ଭାଙ୍ଗି ଧାନଚାଉଳ ଖାଇବା ସହ ଆସବାବପତ୍ର ନଷ୍ଟ କରିଛନ୍ତି। ସେହିପରି କେମୁଣ୍ଡିଆ ଗ୍ରାମର ଗଙ୍ଗା ପାତ୍ରଙ୍କ ପାଚେରୀ ଭାଙ୍ଗିଥିବା ଜଣାପଡିଛି। କ୍ଷତିଗ୍ରସ୍ତଙ୍କୁ ଅତିଶୀଘ୍ର ବିଭାଗୀୟ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। କାଟୁଳିକନା ଜଙ୍ଗଲରେ ୨୬ ଟିକିଆ ହାତୀପଲ ଥିବା ବେଳେ କେମୁଣ୍ଡିଆରେ ଦୁଇଟି ଓ ଝାଲିଆବେଡ଼ା ଜଙ୍ଗଲରେ ଗୋଟିଏ ହାତୀ ଥିବା ନେଇ ଜଣାପଡ଼ିଛି।





# ରାସ୍ତାରେ ଲହଡ଼ି ଭାଙ୍ଗୁଛି ବର୍ଷା ପାଣି:ଲୋକେ ହଟହଟା

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ତଥା ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ବିଦ୍ୟାଳୟ ସମୂହ ଆନୁକୂଲ୍ୟରେ ପରିଚାଳିତ ନରଣପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ହଷ୍ଟେଲ ପରିସରରେ ଚାଲିଥିବା ଲଗାଣ ବର୍ଷାରେ ସମଗ୍ର ପରିସର ଜଳମୟ ହୋଇପଡିଛି। ଛାତ୍ରଛାତ୍ରୀ ମାନେ ରହିଥିବା ହଷ୍ଟେଲରୁ ବିଦ୍ୟାଳୟକୁ କ୍ଲାସ୍ କରିବା ପାଇଁ ରାସ୍ତାରେ ଯିବାକୁ ଡରୁଛନ୍ତି। ହଷ୍ଟେଲ ପରିସରରେ ଜମିରହିଥିବା ଜଳ ଭିତରେ ବିଦ୍ୟାଳୟକୁ ଶିକ୍ଷାଦାନ ପାଇଁ ଯିବାକୁ ପଡୁଛି। ଅନେକ ଏହି ପାଣି ଭିତରେ ଯିବା ଆସିବା କରିବା ଯୋଗୁ ଥଣ୍ଡା, ଜର, ସର୍ଦ୍ଦି, କାଶ ଆଦି ରୋଗରେ ପୀଡିତ ହେଉଥିବା ଦେଖିବାକୁ ମିଳିଛି। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅପରିମିତା ବେହେରା ଉଚ୍ଚ କର୍ତ୍ତୃପକ୍ଷଙ୍କ



ଦୃଷ୍ଟି ଆକର୍ଷଣ କରିଆସୁଥିବା ବେଳେ ଯୋଜନାର ଆକଳନ ପ୍ରସ୍ତୁତି ଫାଇଲ ଚାଷ ଭିତରେ ଦିନ ପରେ ଦିନ ଗାଡି ଚାଲିଛି। ବିଗତ ବର୍ଷ ମାନଙ୍କରେ ସମାନ ଅବସ୍ଥା ସୃଷ୍ଟି ହୋଇଥିବା ବେଳେ ବର୍ଷା ଦିନ ପରେ ତାହା ଉପରେ ଆଦିବାସୀ ଉନ୍ନୟନ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା କ୍ଷୋଭ ଓ ପରିତାପର ବିଷୟ ବୋଲି ନରଣପୁର ଅଞ୍ଚଳର ଅନେକ ଶିକ୍ଷାବିତ ଚିନ୍ତା ପ୍ରକଟ କରିଛନ୍ତି। କେନ୍ଦୁଝର ଜିଲ୍ଲାରେ ସାପ କାମୁଡା ଜନିତ ମୃତ୍ୟୁହାର ଅଧିକ ଥିବାବେଳେ ଗତ ବର୍ଷ ଏକାଧିକ ହଷ୍ଟେଲରେ ବିଷଧର ସାପ କାମୁଡ଼ାରେ କିଛି ସ୍କୁଲ ଛାତ୍ରଙ୍କର ମୃତ୍ୟୁ ହୋଇଥିଲା। ହଷ୍ଟେଲ ପରିସର ଜଳବନ୍ଦୀ ଅବସ୍ଥା ସୃଷ୍ଟି ହୋଇଥିବା ବେଳେ ନିକଟରେ ନରଣପୁର ସଂରକ୍ଷିତ ଜଙ୍ଗଲ ଓ ହୁଡ଼ି ପାହାଡ଼ ରହିଛି। ଯେଉଁଠି ଚିତି, ନାଗ, ଗୋଖର, ବୋଡା, ଅଜଗର, ଅହିରାଜ ପରି ଅନେକ ବିଷାକ୍ତ ସାପ ହଷ୍ଟେଲ ଆଖପାଖରେ ଅନେକ ସମୟରେ ବାହାରୁଥିବା ଯୋଗୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ବେହେରାଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଯଦି କୌଣସି ଅଘଟଣ ଘଟେ ସେଥିପାଇଁ କିଏ ଦାୟୀ ରହିବ ବୋଲି ନରଣପୁର ସରକାରୀ ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ ମହେଶ୍ୱର ବେହେରା ଅଭିଯୋଗ କରିଛନ୍ତି। ଏ ନେଇ ଆଦିବାସୀ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର ନାଥ ନାଏକ ବିଦ୍ୟାଳୟ ହଷ୍ଟେଲ ପରିଦର୍ଶନ କରିଥିବା ବେଳେ, କିପରି କାମ ହେବ କେତେ ଶୀଘ୍ର କାମ ହେବ ସେ ବିଷୟରେ ନୀରବତା ଗ୍ରହଣ କରିଥିଲେ। ହଷ୍ଟେଲ ପରିସରକୁ ଯାତାୟାତ ରାସ୍ତାରେ କିଛି ସମସ୍ୟା ଥିବା ସେ କହିଛନ୍ତି। ସମସ୍ୟା ସମାଧାନ ହେଲେ ରାସ୍ତା କାମ ହୋଇପାରିବ। ଏ ନେଇ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ହଷ୍ଟେଲ ପରିସରରେ ରହିଥିବା ଶତାଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ତଥା ସୁରକ୍ଷାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି।



# ଲଘୁଚାପ ବର୍ଷାରେ ୩ ଜଣଙ୍କ ଘର ଭୁଶୁଡ଼ିଲା

**ସେମିଳିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ରାଜପୁଟ ଗ୍ରାମପଞ୍ଚାୟତରେ ଲଘୁଚାପ ଲଗାଣ ବର୍ଷା ଯୋଗୁ ତିନି ଜଣଙ୍କ ଘର ଭୁଶୁଡ଼ି ପଡିଛି। ମୁଖିବିଡେଇର କୃଷ୍ଣ ମାଝୀ, ପୋଡାଗଡ଼ ଗ୍ରାମର ଜେମା ହନ୍ତାଳଙ୍କ ଘର ଭୁଶୁଡ଼ି ପଡିଥିବା ବେଳେ ପୁଜାରୀପୁଟ ଗ୍ରାମର ବଳରାମ ପୁଜାରୀଙ୍କ ଘର ଉପରେ କରଞ୍ଜ ଗଛ ପଡି ଘର ନଷ୍ଟ ହୋଇଯାଇଛି। ଏଥିରେ ରାଜପୁଟ ଗ୍ରାମ ପଞ୍ଚାୟତର ସରପଞ୍ଚ ପିତାମ୍ବର କିର୍ସାନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ରାଜସ୍ୱ ବିଭାଗ ଅଧିକାରୀଙ୍କୁ ଅବଗତ କରେଇଛନ୍ତି। ବିଳମ୍ବିତ ରାତି ୩ଟା ସମୟରେ ଗଛ ପଡି ଘର ଆଜ୍‌ବେଷ୍ଟ ସବୁ ଭାଙ୍ଗି ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଭିତରେ ରଖିଥିବା ଧାନ, ମଣ୍ଡିଆ, ଚାଉଳ ଘର ସାମଗ୍ରୀ ବର୍ଷାରେ ଭିଜି ନଷ୍ଟ ହୋଇଯାଇଛି। ରାଜୁପୁଟ ସରପଞ୍ଚ ପିତାମ୍ବର କିର୍ସାନୀ ପହଞ୍ଚି ଘର ପରିବାରବର୍ଗଙ୍କୁ ପଲିଥିନ୍ ଆଣି ଉପରେ ପକେଇବାକୁ କହିଛନ୍ତି। ଏହି ତିନି ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସରକାରଙ୍କ ପକ୍ଷରୁ ସାହାଯ୍ୟ ଓ ସହାୟତା ପାଇଁ ସାଧାରଣରେ ଦାବି ହୋଇଛି।

# ଏକାଠି ଜଳିଲା ୩ ଭାଇଙ୍କ ଜୁଇ, କୋହରେ ଭିଜିଲା ଗାଁ

**ଝରିଗାଁ/ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ଏକ ସଡ଼କ ଦୁର୍ଘଟଣାରେ ୩ ଜଣ ସମ୍ପର୍କୀୟ ଭାଇଙ୍କର ମୃତ୍ୟୁ ହୋଇଥିବା ବେଳେ ସେମାନଙ୍କ ଦାହ ସଂସ୍କାର କରାଯାଇଛି। ଗୋଟିଏ ପରିବାରର ୩ ଭାଇଙ୍କ ମୃତ୍ୟୁ ଖବରରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ଗାଁ ଦାଣ୍ଡ କାନ୍ଦବୋବାଳିରେ ଫାଟି ପଡ଼ିଥିଲା। ସମସ୍ତଙ୍କ ଆଖିରେ ଲୁହ ଆଉ ଛାତିରେ କୋହ ଭରିଯାଇଥିଲା। ଏକକାଳୀନ ତିନି ତିନିଟି କୋକେଇ ଉଠିବା ଗାଁରେ ଏକ ହୃଦୟ ବିଦାରକ ପରିସ୍ଥିତି ସୃଷ୍ଟି କରିଥିଲା। ଗାଁ ମଶାଣିରେ ତିନି ଭାଇଙ୍କ ଜୁଇ ଏକକାଳୀନ ଜଳିବା ଘଟଣା ସ୍ଥାନୀୟ ଲୋକଙ୍କ ପାଇଁ ବରଦାସ୍ତ କରିବା ବେଶ୍ କଷ୍ଟଦାୟକ ଥିଲା। ନବରଙ୍ଗପୁର ଜିଲ୍ଲା ଝରିଗାଁ ସିରାଗୁଡା ସାହିର ସାଗର ଜୈନ, ଅଙ୍କୁର ଜୈନ ଓ କ୍ରିସ୍ ଜୈନ କୌଣସି କାମରେ ପୁଫୁଗାଁ ଯାଉଥିବା ସମୟରେ ଡାଇନିଗୁଡା ନିକଟରେ ସେମାନଙ୍କ କାର୍‌ଟି ଭାରସାମ୍ୟ ହରାଇ ଗଛ ସହ ପିଟି ହୋଇଥିଲା। ଏଥିରେ ଘଟଣାସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣଙ୍କର ହସ୍ପିଟାଲ୍ ଯିବା ବାଟରେ ପ୍ରାଣବାୟୁ ଉଡ଼ିଯାଇଥିଲା। ସେମାନଙ୍କ ବୟସ ୧୮ରୁ ୨୨ ବର୍ଷ ମଧ୍ୟରେ ଥିବାବେଳେ ଏହି ଅଘଟଣରେ ସେମାନଙ୍କ ପିତାମାତାଙ୍କ କୋଳ ଖାଲି ହୋଇଯାଇଛି। କାରଣ ତିନି ଜଣଯାକ ନିଜ ନିଜ ପିତାମାତାଙ୍କର ଏକମାତ୍ର ସନ୍ତାନ ଥିଲେ। ସେମାନଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପରେ ଗାଁ ମଶାଣିରେ ସମୂହ ଜୁଇରେ ପଞ୍ଚଭୂତରେ ଲୀନ ହୋଇଛନ୍ତି ତିନି ଭାଇ। ପରିବାର ଲୋକଙ୍କ କଥା ଦୂରେ ଥାଉ, ଗାଁ ଲୋକଙ୍କ ଆଖିରୁ ବି ଲୁହ ଶୁଖୁନାହିଁ।



# ଶ୍ରୀରାମ ଓ ଲକ୍ଷ୍ମଣ ବେଶରେ ଦର୍ଶନ ଦେଲେ ବଡ଼ ଠାକୁର

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ବଡ଼ବଜାର ଗୁଣ୍ଡିଚା ମନ୍ଦିର ଠାରେ ଚତୁର୍ଦ୍ଧାମୂର୍ତ୍ତି ଭକ୍ତଙ୍କୁ ରାମ ଓ ଲକ୍ଷ୍ମଣ ବେଶରେ ଦର୍ଶନ ଦେଇଛନ୍ତି। କଥାରେ ଅଛି ଆଡପ ମଣ୍ଡପରେ ପ୍ରଭୁଙ୍କୁ ଦର୍ଶନ ମହାପୁଣ୍ୟ ଓ ଫଳ ପ୍ରାପ୍ତି ଅଟେ। ସେପଟେ ପବିତ୍ର ହେରା ପଞ୍ଚମୀରେ ମାଁ ଲକ୍ଷ୍ମୀ କ୍ରୋଧିତ ହୋଇ ପ୍ରଭୁ ଜଗନ୍ନାଥଙ୍କୁ ଶ୍ରୀମନ୍ଦିର ଆସିବା ପାଇଁ ନିମନ୍ତ୍ରଣ କରି ଫେରିବା ବେଳେ ଅଷ୍ଟବେତାଳଙ୍କ ସହାୟତାରେ ନନ୍ଦିଘୋଷ ରଥକୁ ଭାଙ୍ଗି ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବଡ଼ଠାକୁରଙ୍କ ଯାତ୍ରା ଅବସରରେ ବଡ଼ବଜାର 'ଗୁଣ୍ଡିଚା ରଥଯାତ୍ରା ସାଂସ୍କୃତିକ କମିଟି' ପକ୍ଷରୁ ଗୁଣ୍ଡିଚା ମନ୍ଦିର ଠାରେ ସନ୍ଧ୍ୟା ସମୟରୁ ରାତି ପର୍ଯ୍ୟନ୍ତ ପ୍ରତ୍ୟହ ସୁନ୍ଦର ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ 'ଶ୍ରାବଣୀ' ଭୁବନେଶ୍ୱର ଭଜନ ସନ୍ଧ୍ୟାରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଦର୍ଶନ ସହିତ ଭଜନ କାର୍ଯ୍ୟକ୍ରମର ମଜା ନେଇଥିଲେ। ସାଂସ୍କୃତିକ କାର୍ଯକ୍ରମରେ ଅତିଥି ଭାବରେ ସମାଜସେବୀ ଅସିତ୍ ପୂଜାହାରୀ, ସନ୍ତୋଷ ପୂଜାହାରୀ ଓ ନିଶାନ୍ତ ମହାନ୍ତି ଯୋଗ ଦେଇଥିଲେ। ସେହିପରି ବୃନ୍ଦାବନ ମନ୍ଦିରରେ ପ୍ରଭୁ ଜଗନ୍ନାଥ ରାମ ଅବତାରରେ ଭକ୍ତମାନଙ୍କୁ ଦର୍ଶନ ଦେଉଥିବା ବେଳେ ବଡ଼ଠାକୁର ପ୍ରଭୁ ଦଧିବାମନ ମଝିପଡା ଠାରେ ରାମ ଓ ଲକ୍ଷ୍ମଣ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଓ ଥନାପତି ପଡାରେ ମଧ ଶ୍ରଦ୍ଧାଳୁ ପ୍ରଭୁ ଜଗନ୍ନାଥଙ୍କ ଦିବ୍ୟ ଲୀଳା ଦର୍ଶନ ଲାଭ କରୁଛନ୍ତି।

# ୨୦୨୫ ଆର୍ଥିକ ବର୍ଷ ପାଇଁ ଖରିଫ୍ ଫସଲ ନିମନ୍ତେ ନୀତି ନିର୍ଦ୍ଧାରଣ

**କଟକ, ନ୍ୟୁଜ୍ ବ୍ୟୁରୋ**

କୃଷି ଓ କୃଷକ ସଶକ୍ତିକରଣ ପ୍ରକ୍ରିୟାକୁ ଆହୁରି ଅଧିକ ତ୍ୱରାନ୍ୱିତ କରିବା ସହ ଉପଯୁକ୍ତ ହିତାଧିକାରୀଙ୍କୁ ସମନ୍ୱିତ କୃଷି ଆଧାରରେ ସମସ୍ତ ପ୍ରକାରର ସହଯୋଗ ଯୋଗାଇଦେଇ ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ଖରିଫ ଫସଲ ନୀତି ନିର୍ଦ୍ଧାରଣ କମିଟି ବୈଠକ ୨୦୨୫ରେ ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୨୦୨୫ ଆର୍ଥିକ ବର୍ଷ ପାଇଁ ଖରିଫ ଫସଲ ନିମନ୍ତେ ବିଭିନ୍ନ ନୀତି ନିର୍ଦ୍ଧାରଣ କରାଯାଇଛି। ନିର୍ଦ୍ଧାରିତ ରଣନୀତି ଅନୁଯାୟୀ ଅମଳବିହୀନ ଧାନ ଜମିରେ ମୂଲ୍ୟଭିତିକ ଚାଷ, କୃଷି କ୍ଷେତ୍ରରେ ଉଦ୍ୟମିତା ପ୍ରୋତ୍ସାହନ ଓ ବେସରକାରୀ ପୁଞ୍ଜିଲଗାଣ, ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ, ଜଳସେଚନର ସଦୁପଯୋଗ, ପଥୁରିଆ ଜମିରେ ମାଣ୍ଡିଆ ବା ମିଲେଟ୍ ଜାତୀୟ ଫସଲ ଉତ୍ପାଦନ ଆଦି କରାଯିବାକୁ ବୈଠକରେ ପରାମର୍ଶ ଦିଆଯାଇଛି।




ଜୈବିକ କୃଷିକୁ ପ୍ରୋତ୍ସାହନ ଓ ସମନ୍ୱିତ କୃଷିର ପ୍ରଚଳନ ପୂର୍ବକ ମୃତିକା ପରୀକ୍ଷା ନିମନ୍ତେ ପ୍ରୋତ୍ସାହିତ କରିବା, ରିହାତି ଦରରେ କୃଷି ଯନ୍ତ୍ରପାତି ଯୋଗାଇ ଦେବା, ସୌରଶକ୍ତିର ଉପଯୋଗ ଦ୍ୱାରା ପାଣି ପମ୍ପ ଓ ଅନ୍ୟାନ୍ୟ ବୈଦ୍ୟୁତିକ ସରଞ୍ଜାମ ବ୍ୟବହାର କରିବା ନିମନ୍ତେ କୃଷକମାନଙ୍କୁ ପ୍ରୋତ୍ସାହିତ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଯଅ ଚାଷକୁ ପ୍ରୋତ୍ସାହିତ କରିବା ନିମନ୍ତେ ମଞ୍ଜିର ଅଭାବ ହେଲେ ତାହା ବଜାରରୁ କ୍ରୟ କରି ଚାଷୀକୁ ଯୋଗାଇଦେବା ନିମନ୍ତେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସୂର୍ଯ୍ୟମୁଖୀ ଚାଷର ବୃଦ୍ଧି ଉପରେ ଗୁରୁତ୍ୱ ଦେଇ ସେ ଚାଷୀଙ୍କୁ ସଚେତନ କରିବା ଏବଂ ବଜାର ସହାୟତା ଯୋଗାଇଦେବା ନିମନ୍ତେ କୃଷି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ରିହାତି ଦରରେ ଯୋଗାଇ ଦିଆଯାଉଥିବା ସାର ଗ୍ରହଣ କରୁଥିବା ଚାଷୀମାନଙ୍କର ତାଲିକା ପ୍ରତ୍ୟେକ ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରକାଶ କରିବାକୁ ଜିଲ୍ଲାପାଳ କହିଥିଲେ। ବୈଠକରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରାଜଶ୍ରୀ ବେହେରା ଗତ ଖରିଫ ଋତୁରେ ଶତ ପ୍ରତିଶତ ଲକ୍ଷ୍ୟ ହାସଲ ହୋଇଥିବା ସୂଚନା ଦେଇଥିଲେ। ୨୦୨୫ ଖରିଫ ଋତୁରେ ମୋଟ ୧୨୯୦୭୦ ହେକ୍ଟର ଜମିରେ ଧାନ, ୯୪୦ ହେକ୍ଟର ଜମିରେ ମକା ଓ ୧୧୨୦ ହେକ୍ଟର ଜମିରେ ମାଣ୍ଡିଆ, ବାଜରା ଓ ଯଅ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିସହ ୬୯୫୦ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ, ୧୯୨୦ ହେକ୍ଟର ଜମିରେ ତୈଳବୀଜ, ୬୩୦ ହେକ୍ଟର ଜମିରେ ଝୋଟ, ୨୯୬୦୦ ହେକ୍ଟର ଜମିରେ ପନିପରିବା, ୩୬୪୦ ହେକ୍ଟର ଜମିରେ ମସଲା ଜାତୀୟ ଫସଲ, ୨୪୪୦ ହେକ୍ଟର ଜମିରେ ଆଖୁ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ବା ଆକସ୍ମିକ ଅଘଟଣ ଏଡାଇବା ନିମନ୍ତେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଜିଲ୍ଲାରେ ଖରିଫ ଫସଲ ଚାଷକୁ ବୀମାଭୁକ୍ତ କରାଯାଇଛି। ଚଳିତ ଖରିଫ ଋତୁରେ ଧାନ ଚାଷ ନିମନ୍ତେ ପର୍ଯ୍ୟାପ୍ତ ବିହନ ମହଜୁଦ ଥିବା କଥା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଦର୍ଶାଇଥିଲେ। ଉଦ୍ୟାନ କୃଷି ଅଧିନସ୍ଥ ନଡ଼ିଆ ଚାଷ ନିମନ୍ତେ ଧାର୍ଯ୍ୟ ୬୦୦୦ ଚାରା ରୋପଣ ଲକ୍ଷ୍ୟକୁ ୨୫୦୦୦ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକ ସ୍ଥଳେ ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିନ୍ତ ରୋଜଗାର ଅଧିନିୟମର ସହାୟତା ନେବାପାଇଁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ପିଜୁଳି ଚାଷକୁ ଅଧିକ ପ୍ରୋତ୍ସାହିତ କରିବା ନିମନ୍ତେ ଜିଲ୍ଲାପାଳ ମଧ୍ୟ ପରାମର୍ଶ ଦେଇଥିଲେ। ଜିଲ୍ଲାରେ କୃଷକ ମାନଙ୍କର ପ୍ରତ୍ୟେକ ଆବଶ୍ୟକତାକୁ ସହାୟତା ପ୍ରଦାନ କରି କୃଷି, ଉଦ୍ୟାନ କୃଷି, ଜଳ ସେଚନ ଆଦି ପ୍ରତ୍ୟେକ ବିଭାଗ ନିଜ ଭିତରେ ସମନ୍ୱୟ ରକ୍ଷାକରି ଉତ୍ପାଦନ ବୃଦ୍ଧି ଦିଗରେ କାର୍ଯ୍ୟ କଲେ ଆମେ ନିଶ୍ଚିନ୍ତ ଭାବେ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଅଧିକ ସଫଳତା ହାସଲ କରିପାରିବା ବୋଲି ଜିଲ୍ଲାପାଳ ଶ୍ରୀ ଶିନ୍ଦେ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ କୃଷି ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ଉଦ୍ୟାନ କୃଷି, ଉପନିବନ୍ଧକ, ଉଠା ଜଳସେଚନ ଯନ୍ତ୍ରୀ, ସହକାରୀ କୃଷି ଅଧିକାରୀ, ବ୍ଲକ୍ କୃଷି ଅଧିକାରୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଚିମିନିକଲ ଛାତ ମରାମତି କରୁଥିବା ବେଳେ ତଳକୁ ଖସି ଶ୍ରମିକଙ୍କ ମୃତ୍ୟୁ

**ଆସିକା, ନ୍ୟୁଜ୍ ବ୍ୟୁରୋ**

ଆସିକା ସମବାୟ ଚିନି ଶିଳ୍ପର ସିମେଣ୍ଟ ଆଜ୍‌ବେଷ୍ଟ ଛାତ ମରାମତି କାମ କରୁଥିବା ବେଳେ ତଳକୁ ଖସିପଡି ଜଣେ ଶ୍ରମିକର ମୃତ୍ୟୁ ହୋଇଛି। ମୃତ ଶ୍ରମିକ ସଲମାନ ଖାନ (୨୨) ଓ ଘର ଯାଜପୁର। ପ୍ରାୟ ଚାଳିଶି ଫୁଟ୍ ଉପରେ ବିପଦ ଜନକ ଅବସ୍ଥାରେ ସାଥୀ ଶ୍ରମିକଙ୍କ ସହ କାମ କରୁଥିବାବେଳେ ତଳକୁ ଖସିପଡ଼ିଥିଲେ। ମୁମୂର୍ଷ ଅବସ୍ଥାରେ ସଲମାନଙ୍କୁ ଆସିକା ଏସଡିଏଚ୍ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସେ ଏକ ଠିକା ସଂସ୍ଥା ଅଧିନରେ କାର୍ଯ୍ୟ କରୁଥିଲେ। ଏହି କାର୍ଯ୍ୟ ଚାଲୁଥିବା ସମୟରେ ସଲମାନ ବହୁ ଉଚ୍ଚରୁ ଖସି ତଳେ ପଡ଼ିଯାଇଥିବା ଓ ମୁଣ୍ଡରେ ପ୍ରବଳ ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇ ସେଠି ହିଁ ସଂଜ୍ଞା ହୀନ ହୋଇପଡ଼ିଥିଲେ। ଏ ସମ୍ପର୍କରେ ଆସିକା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଥିବା ଭାରପ୍ରାପ୍ତ ଥାନା ଅଧିକାରୀ କୁଳମଣି ସେଠୀ କହିଛନ୍ତି।



# ଯୁକ୍ତ ଦୁଇ ବିଜ୍ଞାନ ଛାତ୍ରଙ୍କ ମୃତ୍ୟୁ:କାର୍ଯ୍ୟାନୁଷ୍ଠାନ ଦାବି କଲା କଂଗ୍ରେସ

**ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ**

ଛତ୍ରପୁର ତାମ୍ପରା ନିକଟ ପ୍ରତିଭା ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର. ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ତଥା କବିସୂର୍ଯ୍ୟନଗର ଥାନା ଝାଡ଼ବନ୍ଧର ଶୁଭମ ସ୍ୱାଇଁ (୧୭) ନିଖୋଜ ପରେ ମୃତଦେହ ମିଳିଥିଲା। ଏହି ଘଟଣାକୁ ଛାତ୍ର କଂଗ୍ରେସ ଓ କ୍ରାନ୍ତି ଯୁବ ଛାତ୍ର ସଙ୍ଘ ପକ୍ଷରୁ ମିଳିତ ଭାବେ ଦୃଢ ନିନ୍ଦା କରାଯାଇଛି ଏହି ଘଟଣା ସମଗ୍ର ଛାତ୍ର ସମାଜ ପାଇଁ ଅତ୍ୟନ୍ତ ଦୁଃଖଦ ଓ ହୃଦୟବିଦାରକ ବୋଲି କୁହାଯାଇଛି ଏନେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଉକ୍ତ ୨ ସଙ୍ଘ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳ ଙ୍କ ଠାରେ ଦାବୀ ନେଇ ସ୍ମାରକପତ୍ର ପ୍ରଦାନ କରାଯାଇଛି ଏମାନଙ୍କ ପକ୍ଷରୁ କୁହାଯାଇଛି ଯେ ଉକ୍ତ କଲେଜରେ ପୂର୍ବରୁ ମଧ ଅଘଟଣ ଘଟିବାର ନଜିର ରହିଛି ଏଥିପାଇଁ ଉକ୍ତ କଲେଜକୁ ତଦନ୍ତ ପରିସରଭୁକ୍ତ କରିବାକୁ ଉକ୍ତ ୨ ସଙ୍ଘ ପକ୍ଷରୁ ଦାବି ହୋଇଛି ଏପରିକି ତଦନ୍ତ ଶିଥିଳ ପଡ଼ିଥିବା ଏମାନଙ୍କ ପକ୍ଷରୁ ଅଭିଯୋଗ ହୋଇଛି ସୂଚନାଯୋଗ୍ୟ ବୁଧବାର କଲେଜରୁ ଶୁଭମ ନିଖୋଜ ହୋଇଥିଲେ ଏବଂ ଉକ୍ତ ରାତିରେ କଲେଜ ନିକଟ ରେଳଧାରଣାରୁ ଜଣଙ୍କ ମୃତଦେହ ମିଳିଥିଲା ପୂର୍ବରୁ ଛାତ୍ରଙ୍କ ମୃତ୍ୟୁ ନେଇ ଯିଏ ସମ୍ପୃକ୍ତ ଓ ଅବହେଳା ପାଇଁ ଦାୟି ତାଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ତାଙ୍କ ମାମୁଁ ସନ୍ଦୀପ କୁମାର ସ୍ୱାଇଁ ଙ୍କ ପକ୍ଷରୁ ଓଡିଶା ମାନବ ଅଧିକାର କମିଶନ ର ଅଧକ୍ଷ ଙ୍କୁ ଚିଠି ଲେଖି ଏଥିରେ ହସ୍ତକ୍ଷେପ ପାଇଁ ନିବେଦନ କରିଛନ୍ତି।

# କେନ୍ଦ୍ରାପଡାରେ ଓ.ଏ.ଏସ୍ ଅଫିସରଙ୍କ ସମୂହ ଛୁଟି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଓ.ଏ.ଏସ୍ ଅଧିକାରୀମାନେ ସମୂହ ଛୁଟିରେ ରହିଥିବା ଜଣାପଡିଛି। ଭୁବନେଶ୍ୱର ସ୍ଥିତ ମହାନଗର ନିଗମର ଡେପୁଟି କମିଶନର ଅଫିସ୍‌ରେ କାର୍ଯ୍ୟରତ ଥିବାବେଳେ କେତେକ ଦୁର୍ବୃତ ତାଙ୍କୁ ଅଫିସରୁ ଘୋଷାଡି ଆଣି ନିସ୍ଥୁକ ମାଡ ମାରିବା ଘଟଣା ସମଗ୍ର ରାଜ୍ୟରେ ଚହଳ ପକାଇଦେଇଛି। ରାଜ୍ୟ ଓ.ଏ.ଏସ୍ ସଂଘର ନିଷ୍ପତି କ୍ରମେ କେନ୍ଦ୍ରାପଡାର ଓ.ଏ.ଏସ୍ ଅଧିକାରୀମାନଙ୍କ ଜରୁରୀ ବୈଠକ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଡିଏମ୍ ରବିନ୍ଦ୍ର କୁମାର ମଲିକ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଡେରାବିଶ ବିଡିଓ ନମିତା ବାରିକଙ୍କ ସମେତ ବହୁ ଓ.ଏ.ଏସ୍ ଅଧିକାରୀ ବୈଠକରେ ଯୋଗଦେଇଥିଲେ। ରାଜ୍ୟ ସଂଘର ନିଷ୍ପତି କ୍ରମେ ସମସ୍ତେ ଓ.ଏ.ଏସ୍ ଅଧିକାରୀ ସଂଘର ପରବର୍ତ୍ତୀ ନିଷ୍ପତି ପର୍ଯ୍ୟନ୍ତ ଛୁଟିରେ ଯିବାପାଇଁ ନିଷ୍ପତି ନେଇଛନ୍ତି।




# ସମାଜ ପରିବର୍ତ୍ତନରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ରାଉରକେଲା, ନ୍ୟୁଜ୍**

ସମାଜ ପରିବର୍ତ୍ତନରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଓଡ଼ିଆ ଭାଷାରେ ପ୍ରଥମ ଗେଜେଟିୟର ଜଣେ ଇଂରେଜ ପ୍ରକାଶନ କରିଥିଲେ। ଅନ୍ୟକୁ ସମାଲୋଚନା ନକରି ନିଜର କାର୍ଯ୍ୟ ମାଧ୍ୟମରେ ଆଲୋଚନାର ବିଷୟ ହୁଅନ୍ତୁ ବୋଲି ରଶ୍ମିପ୍ରଭା ଓ ପାର୍ବତୀ ଗୋବିନ୍ଦ ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ସାରଦା ପ୍ରସାଦ ନାୟକ କହିଛନ୍ତି। ରାଉରକେଲା ସହରର ସେକ୍ଟର–୭ ସ୍ଥିତ ଇସ୍ପାତ ସାହିତ୍ୟ ସଂସଦ ଭବନ ପରିସରରେ ରଶ୍ମିପ୍ରଭା ସାହିତ୍ୟ ଓ ସାମାଜିକ ଅନୁଷ୍ଠାନର ଅଷ୍ଟମ ବାର୍ଷିକ ଉତ୍ସବରେ ଶ୍ରୀ ନାୟକ ଯୋଗଦେଇ ରାଉରକେଲା ହେଉଛି ସାହିତ୍ୟ ଓ ସଂସ୍କୃତିର ନଗରୀ ବୋଲି କହିଛନ୍ତି। ବରିଷ୍ଠ ଶିକ୍ଷକ ତଥା ସାମାଜିକ କର୍ମୀ ରାଧାକାନ୍ତ ମହାରଣାଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷୟିତ୍ରୀ ସୁସ୍ମିତା ମହାପାତ୍ରଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାହିତ୍ୟିକ ତଥା ଶିକ୍ଷାବିତ୍ ଡ. ଅଶ୍ୱିନୀ ରାୟ ଯୋଗଦେଇ ଆଲୋଚ୍ୟ ବିଷୟ ଓଡ଼ିଆ ସାହିତ୍ୟକୁ ପତ୍ରପତ୍ରିକାର ଅବଦାନ ଶୀର୍ଷକ ପ୍ରସଙ୍ଗରେ ଦୀର୍ଘ ୨୦୦ ବର୍ଷ ଧରି ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର ଦିଗରେ ସମ୍ବାଦପତ୍ର ଓ ବିଭିନ୍ନ ପତ୍ରପତ୍ରିକାର ଅବଦାନ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଅଷ୍ଟାଦଶ ଶତାବ୍ଦୀରେ ସାଧୁସୁନ୍ଦର ଦାସଙ୍କ ପ୍ରଥମ ହାତଲେଖା କୁଜିବର ସମ୍ବାଦପତ୍ରରୁ ନେଇ ବିଂଶ ଶତାବ୍ଦୀରେ ଆରମ୍ଭ ହୋଇଥିବା ଦୈନିକ ଆଶା ଓ ଦୈନିକ ସମାଜ ମାଧ୍ୟମରେ ଓଡ଼ିଆ ସାହିତ୍ୟର ପ୍ରଚାର ସମ୍ପର୍କରେ ଡ. ରାୟ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଲେଖକ ତଥା ଶିକ୍ଷାବିତ୍ ପ୍ରଶାନ୍ତ କୁମାର ପତି ଯୋଗଦେଇ ରଶ୍ମିପ୍ରଭା ସଂସ୍ଥା ଦ୍ୱାରା କରାଯାଉଥିବା ସାରସ୍ୱତ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଉଦ୍‌ଘାଟକ ଭାବେ ବିଶିଷ୍ଟ ସମାଜସେବୀ ତଥା ଶିକ୍ଷାବିତ୍ ଏବଂ ପାର୍ବତୀ ଗୋବିନ୍ଦ ସ୍ମୃତି ସଂସଦର ପ୍ରତିଷ୍ଠାତା ଶଶଧର ପଣ୍ଡା ଯୋଗଦେଇ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ଦିଗରେ ସାହିତ୍ୟିକମାନଙ୍କର ମହତ୍ୱପୂର୍ଣ୍ଣ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ରଶ୍ମିପ୍ରଭା ଅନୁଷ୍ଠାନର ସମ୍ପାଦକ ତଥା ସାହିତ୍ୟିକ ମନୋଜ ନନ୍ଦ ଅନୁଷ୍ଠାନର ଆରମ୍ଭ ଓ କ୍ରମବିକାଶ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ରାଉରକେଲା ସହରର ବିଭିନ୍ନ ବର୍ଗର ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ରାଉରକେଲାର ମହିଳା ଉଦ୍ୟୋଗୀ ନିହାରିକା ବସ୍ତିଆ ଓ ଲେଖିକା ନିରୁପମା ନାୟକ ଏବଂ ମମତା ଜେନା, ସମ୍ବଲପୁରର ଡ. ପ୍ରଦୀପ କୁମାର ପଣ୍ଡା ଓ ଡ. ଭାରତୀ ଦାଶ, ଯାଜପୁରର ଇଂ ସୂର୍ଯ୍ୟକାନ୍ତ ଜେନା, ଦିବାକର ଦାସ ଓ ନିବେଦିତା ପଣ୍ଡା, ସୁନ୍ଦରଗଡ଼ରୁ ଝରଣା ତନ୍ତି, ଜଗତସିଂହପୁରରୁ ରଶ୍ମିତା ନାୟକ, କେନ୍ଦ୍ରାପଡ଼ାରୁ ନିକୁଞ୍ଜ ବିହାରୀ ଦାଶ, ବରଗଡ଼ରୁ ଡ. ଡୋଲାମଣି ସତପଥୀ ପ୍ରମୁଖଙ୍କୁ ସାରସ୍ୱତ ସମ୍ମାନରେ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ରଶ୍ମିବାଳା ରାଉତରାୟଙ୍କ ଅଧ୍ୟକ୍ଷତାରେ ହୋଇଥିବା କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ ଗୀତାରାଣୀ ବେହେରା ଓ ମମତା ଜେନା। ଏହା ସହିତ ଏହି ଅବସରରେ ରଶ୍ମିପ୍ରଭା ତ୍ରୟମାସିକ ପତ୍ରିକା ସହିତ, ପ୍ରତାପ ପଣ୍ଡାଙ୍କ କବିତା ସଂକଳନ କଳାଭୂଇଁ, ବନଲତା ମିଶ୍ରଙ୍କ କବିତା ସଂକଳନ ମାଳିନୀ, ନିକୁଞ୍ଜ ବିହାରୀ ଦାଶଙ୍କ ନାଟକ– ମଶାଣି ତୁଳସୀ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ତିନୋଟି ପୁସ୍ତକକୁ ଯଥାକ୍ରମେ ତାରିଣୀ ଚରଣ ସାହୁ, ସୁସ୍ମିତା ମହାପାତ୍ର ଓ ବିଜୟିନୀ ଜେନା ସମୀକ୍ଷା କରିଥିଲେ। ଶେଷରେ ଉପେନ୍ଦ୍ର ପସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିବାରେ ତ୍ରିଲୋଚନ ମଥାନ, ରଘୁବର ଧଳ, ରଙ୍କନିଧି ସେଠୀ, କଳ୍ପନା ନନ୍ଦ, ମନୋଜ କୁମାର ଭୋଇ, ଶରତ କୁମାର ସୁତାର, ଦିପ୍ତି ମହାନ୍ତି, ମଞ୍ଜୁଳା କୁମାରୀ ରଥ, ପ୍ରବୀର କୁମାର ଦୁବେ, ପୂର୍ଣ୍ଣଚନ୍ଦ୍ର ମେହେର ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ।

ସମ୍ପାଦକୀୟ

31 YEARS ସମ୍ବାଦ କଳିକା

# ରାଜ୍ୟକୁ ଭୟ କରୋନା ଓ ଜଣ୍ଡିସ୍

ମାଡ଼ି ଚାଲିଛି ଝାଡ଼ାବାନ୍ତି । ଜିଲ୍ଲା ପରେ ଜିଲ୍ଲାକୁ ଡେଇଁବାରେ ଲାଗିଛି । ହଇଜା ଭୂତାଣୁ ଠାବ ହେଲାଣି ବିଭିନ୍ନ ଜିଲ୍ଲାରୁ । ଏପଟେ କରୋନା, ଜଣ୍ଡିସ୍ ଭୟ ବି ଘାରିଛି । ଏଭଳି ସ୍ଥିତିରେ ଆଉ ଦିନ କେଇଟା ପରେ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା । ଲକ୍ଷଲକ୍ଷ ଶ୍ରଦ୍ଧାଳୁ ରାଜ୍ୟର କୋଣ ଅନୁକୋଣ ସହ ଦେଶ ବିଦେଶରୁ ଛୁଟି ଆସିବେ ପୁରୀକୁ । ଲୋକାରଣ୍ୟ ହେବ ପୁରୀ ସହର । ତେଣୁ ଏବେଠାରୁ ଛାତିରେ ଛନକା ପଶିଲାଣି । ଯଦି ରଥଯାତ୍ରା ସମୟରେ ପୁରୀରେ ଝାଡ଼ାବାନ୍ତି ବ୍ୟାପିଲା କିମ୍ବା ହଇଜା ମାଡ଼ିଲା... ତେବେ କ'ଣ ହେବ ? ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇପାରେ । ସରକାରୀ ରିପୋର୍ଟ ଅନୁସାରେ, ଯାଜପୁର, କେନ୍ଦୁଝର, ଢେଙ୍କାନାଳ, ଭଦ୍ରକ ଓ କଟକରେ ଝାଡ଼ାବାନ୍ତି ବ୍ୟାପିଛି । ୪୨୯ ଜଣ ନୂଆ ରୋଗୀ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ମାତ୍ର ବେସରକାରୀ ତଥ୍ୟ ଅନୁସାରେ ୯ ଜିଲ୍ଲାକୁ ଝାଡ଼ାବାନ୍ତି ବ୍ୟାପିଛି । ମୁଖ୍ୟତଃ ଦୂଷିତ ପାଣି ଓ ନିମ୍ନମାନର ଖାଦ୍ୟ ହିଁ ଏହାର କାରଣ ବୋଲି କୁହାଯାଉଛି । ବିଶେଷଜ୍ଞ ଟିମ୍ ଏ ଜିଲ୍ଲାରୁ ସେ ଜିଲ୍ଲାକୁ ଯାଇ ନିତି ତନାଘନା କରୁଛନ୍ତି । ହେଲେ ବର୍ଷା ଦିନ ଆରମ୍ଭ ହୋଇଥିବାରୁ ସ୍ଥିତି ନିୟନ୍ତ୍ରଣକୁ ଆସିବା ଏତେ ସହଜ ହେଉନି । ଏଭଳି ସମୟରେ ପୁରୀରେ ରଥଯାତ୍ରା ଆୟୋଜନ ସରକାର ଓ ପ୍ରଶାସନ ପାଇଁ ବଡ଼ ଆହ୍ୱାନ ହୋଇଛି । ରଥଯାତ୍ରା ସମୟରେ ପୁରୀକୁ ଝାଡ଼ାବାନ୍ତି ସଂକ୍ରମିତ ଅଞ୍ଚଳ ସହ ପ୍ରତି ଜିଲ୍ଲାରୁ ଲୋକେ ଆସିବେ । ବଡ଼ଦାଣ୍ଡରୁ ନେଇ ସମୁଦ୍ରକୂଳ ଓ ଗଳିକନ୍ଦିରେ ଭଳିକି ଭଳି ଖାଦ୍ୟ ପସରା ସହ ବିଭିନ୍ନ ସ୍ଥାନରେ ପାନୀୟ ଜଳ ବ୍ୟବସ୍ଥା ଲାଗିବ । ତେବେ ଏ ଖାଦ୍ୟ କେତେ ସୁରକ୍ଷିତ, ସ୍ୱଚ୍ଛ, ତାହାର ମାନ ଯାଞ୍ଚ କରିବା ସ୍ୱାସ୍ଥ୍ୟ ବିଭାଗ ଏବଂ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ପାଇଁ ବଡ଼ ଆହ୍ୱାନ ହେବ । ରଥଯାତ୍ରା ସମୟରେ ଭୀଷଣ ଗରମକୁ ଲକ୍ଷ୍ୟ କରି ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନ ପକ୍ଷରୁ ପାନୀୟ ଜଳ, ସରବତ୍, ମୃଦୁ ପାନୀୟ, ଦହି ପାଣି, ଟଙ୍କ ତୋରାଣି ବ୍ୟବସ୍ଥା ବି କରାଯାଏ । ଏହି ପାଣିର ମାନ ଯଦି ବିଶୁଦ୍ଧ ହୋଇନଥିବ, ସ୍ଥିତି ବିଗାଡ଼ିପାରେ । ଭିଡ଼କୁ ଦେଖି ହୋଟେଲ, ଫାଷ୍ଟଫୁଡ୍, ଜଳଖିଆ ଦୋକାନ ଓ ରାସ୍ତାପାର୍ଶ୍ୱ ବୁଲା ବିକାଳିଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ, ଚା' ମଧ୍ୟ ଝାଡ଼ାବାନ୍ତି, ହଇଜା ଓ ଜଣ୍ଡିସ ଭଳି ରୋଗକୁ ଡାକି ଆଣିପାରେ । ଯଦି ଥରେ ଏଭଳି କିଛି ସଂକ୍ରମଣ ବ୍ୟାପିବ, ନିୟନ୍ତ୍ରଣକୁ ଆଣିବା କଷ୍ଟକର ହୋଇପଡ଼ିବ । ତା' ଛଡ଼ା ବାସି ଓ ନିମ୍ନମାନର ଖାଦ୍ୟ ଉପରେ କିଭଳି କଡ଼ା ନଜର ରଖିହେବ ତାହା ଜନସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ ବିଭାଗର ମୁଣ୍ଡବ୍ୟଥା ବଢ଼ାଇଲାଣି । କେବଳ ପୁରୀ ସହର ନୁହେଁ, ଭୁବନେଶ୍ୱରରୁ ପୁରୀ ଯିବାବେଳେ ରାସ୍ତାପାର୍ଶ୍ୱ ହୋଟେଲ, ରେସ୍ତୋରାଁ, ଜଳଖିଆ ଦୋକାନ, ଚା' ଦୋକାନ ଏବଂ ଉଠାଦୋକାନରେ ପ୍ରସ୍ତୁତ ଖାଦ୍ୟ ଓ ପାନୀୟ ଜଳ ମଧ୍ୟ ବିଭିନ୍ନ ସଂକ୍ରମିତ ରୋଗର କାରଣ ହୋଇପାରେ । ବହୁ କମ୍ପାନି ଶସ୍ତାରେ ବଜାରକୁ ପାଣି ବୋତଲ ଛାଡ଼ିଛନ୍ତି । ଅଧିକାଂଶ କମ୍ପାନିର ପାଣି ବିଶୁଦ୍ଧ ନଥିବାବେଳେ କେବଳ ଷ୍ଟିକର ମାରି ବଜାରକୁ ଛଡ଼ାଯାଇଛି । ଏଭଳି ନିମ୍ନମାନର ପାଣି ପିଇଲେ ମଧ୍ୟ ସଂକ୍ରମଣ ବ୍ୟାପିପାରେ । ଖାଲି ସେତିକି ନୁହେଁ, କରୋନା ଉପରେ ବି ନଜର ଦେବାକୁ ହେବ । ସଂକ୍ରମଣ ବ୍ୟାପିଲେ ଆଗକୁ ସ୍ଥିତି ବିଗିଡ଼ିପାରେ । ଜ୍ୱର, ଥଣ୍ଡା, ଝାଡ଼ା ଲକ୍ଷଣ ଥିବା ଲୋକେ ରଥଯାତ୍ରା ସମୟରେ ପୁରୀ ଆସିଲେ ସ୍ଥିତି ବିଗିଡ଼ିପାରେ । ଏନେଇ ରାଜ୍ୟ ସରକାରଙ୍କୁ ମଧ୍ୟ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ହେବ । ସବୁଦିଗକୁ ଧ୍ୟାନରେ ରଖି ସରକାର ସତର୍କତାମୂଳକ ପଦକ୍ଷେପ ନେବାକୁ ପ୍ରସ୍ତୁତ ହେଉଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ସୂଚନା ଦେଇଛନ୍ତି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ଅନନ୍ତ ଚିନ୍ତନ



ଶ୍ରୀ ଅଭିରାମ ସରସ୍ୱତୀ

ନକାରା ସକାରମ୍ରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତୀର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)

ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)

ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)

ନବ ବ୍ରହ୍ମଣ୍ୟ ଦେବରେ
କହି ତିନିବାର
ନତି ମସ୍ତକ ହେବୁରେ
ତୁଳସୀ ମୂଳର
ନବଖଣ୍ଡ...ମା ହେଲା ସାର (୩୭)

ନ ଭାବ ନଚିନି ତୁରେ
ଭେଦିବୁ ସେ ପୁର
ନରସିଂହ ଲକ୍ଷ୍ମୀଙ୍କୁରେ
ଭେଟିବୁ ସତ୍ୱର
ନବଖଣ୍ଡ...ମା ହେଲା ସାର (୩୮)

ନଗା ନାହିଁ ତୋ ଦେହରେ
ଅହଂକାର ଠାର
ନବ ସପ୍ତ ପଞ୍ଚମରେ
ଖେଳିବେ ଠାକୁର
ନବଖଣ୍ଡ...ମା ହେଲା ସାର (୩୯)
(କ୍ରମଶଃ)

# ସମ୍ବିଧାନରେ ବିଜ୍ଞାନ



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ବିଜ୍ଞାନ ଓ ପ୍ରଗତି ପରସ୍ପରର ପରିପୂରକ । ଯେଉଁଠାରେ ବିଜ୍ଞାନ ଅଛି ସେଠାରେ ପ୍ରଗତି ଅଛି ଓ ଯେଉଁଠାରେ ପ୍ରଗତି ଅଛି ସେଠାରେ ବିଜ୍ଞାନ ଅଛି । ବିଜ୍ଞାନ କେବଳ ଆର୍ଥିକ ପ୍ରଗତି ଆଣିଛି ତାହା ନୁହେଁ ଏହା ସହିତ ସାମାଜିକ ବିକାଶ କ୍ଷେତ୍ରରେ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଯେଉଁ ରାଷ୍ଟ୍ରମାନେ ଆଜି ବିକଶିତ, ସେମାନଙ୍କ ବିକାଶ ପଛରେ ରହିଛି ବିଜ୍ଞାନ । ଯେଉଁ ସମାଜ ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ଡେଇଁ ଏକ ନୈତିକତାପୂର୍ଣ୍ଣ ବୌଦ୍ଧିକ ସମାଜ ଆଡକୁ ଅଗ୍ରସର ହୋଇଛି ତାପଛରେ ବୈଜ୍ଞାନିକ ବିଚାରଧାରାର ପ୍ରଚ୍ଛନ୍ନ ହାତ ରହିଛି ବୋଲି ଧରିନେବାକୁ ହେବ । ଅନେକେ ବିଜ୍ଞାନ କହିଲେ କୌଣସି ନୂତନ ଉଦ୍ଭାବନକୁ ବୁଝନ୍ତି । ଏହା କୌଣସି ନୂତନ ଉପାଦେୟ ବସ୍ତୁର ଉଦ୍ଭାବନ ଅଥବା କୌଣସି ବସ୍ତୁ ପ୍ରତିକ୍ରିୟା ସୂତ୍ରର ଆବିଷ୍କାରକୁ ବୁଝିଥାନ୍ତି । ପ୍ରକୃତରେ ଏହା ବିଜ୍ଞାନର ଏକ ଆଂଶିକ ପ୍ରତିଫଳନ । ପ୍ରକୃତ ବିଜ୍ଞାନ ହେଉଛି ସେହି ମାନସିକତା ଯାହା ମାଧ୍ୟମରେ ଜଣେ ନୂତନ ଉଦ୍ଭାବନ ବା ସୂତ୍ରଗତ ଆବିଷ୍କାର ପାଇଁ ପ୍ରେରିତ ହୁଏ । ସମାଜ ବ୍ୟବସ୍ଥା କ୍ଷେତ୍ରରେ ଯାହା ଉତ୍କୃଷ୍ଟତାର ଭାବନାକୁ ଅଙ୍କୁରିତ କରେ ।

ଆମ ସମ୍ବିଧାନର ପ୍ରଣେତାମାନେ ଏକ ବିକଶିତ ଓ ସମୃଦ୍ଧ ଭାରତବର୍ଷର ପରିକଳ୍ପନା କରିଥିଲେ । ସେମାନେ ଜାଣିଥିଲେ ଏଦିଗରେ ବିଜ୍ଞାନର ଅବଦାନକୁ ଅଣଦେଖା କରିହେବ ନାହିଁ । ତେଣୁ ସେମାନେ ସମସ୍ତ କ୍ଷେତ୍ରରେ ପ୍ରଗତିଶୀଳ ଭାବନାକୁ ପ୍ରତିଫଳିତ କାରିବାକୁ ଚାହିଁଛନ୍ତି । ବିକଶିତ ରାଷ୍ଟ୍ରମାନଙ୍କ ସହିତ ତାଳଦେଇ ଭାରତ ମଧ୍ୟ କିପରି କ୍ଷୀପ୍ରଭାବେ ଆଗକୁ ବଢିପାରିବ ସେ ବିଷୟରେ ସମ୍ବିଧାନର ପ୍ରଣେତାମାନେ ଚିନ୍ତା କରିଥିଲେ । ସେମାନେ ସମ୍ବିଧାନର ପ୍ରସ୍ତାବନାରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ରଖିଛନ୍ତି ତାହା ବୈଜ୍ଞାନିକ ବିଚାରରେ ଆସ୍ଥା ସ୍ଥାପନ ବିନା ପ୍ରାପ୍ତ ହେବା ସମ୍ଭବପର ନୁହେଁ । ପ୍ରସ୍ତାବନା ଅନୁଯାୟୀ ଭାରତୀୟ ଗଣରାଜ୍ୟରେ ନ୍ୟାୟ, ସ୍ୱତନ୍ତ୍ରତା, ସମାନତା ଓ ଭାତୃତ୍ୱଭାବ ସ୍ଥାପନ ପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଛି ତାହା ପ୍ରଗତିଶୀଳ ଭାବନା ବିନା ସମ୍ଭବ ନୁହେଁ ଓ ପ୍ରଗତିଶୀଳ ଭାବନା ବିଜ୍ଞାନ ବିନା ସମ୍ଭବପର ନୁହେଁ । ଯେଉଁମାନେ ସମ୍ବିଧାନ ରଚନା ଦାୟିତ୍ୱରେ ଥିଲେ ସେମାନଙ୍କ ମଧ୍ୟରୁ ଅନେକେ ବୈଜ୍ଞାନିକ ବିଚାରର ଅନୁଗାମୀ ଥିଲେ । ସେମାନଙ୍କ ଉଚ୍ଚଶିକ୍ଷା ବିଦେଶରେ ହୋଇଥିଲା । ବିଶ୍ୱ ଜନସମୁଦାୟ ଓ ବିଶ୍ୱ ରାଜନୈତିକ ପରିସ୍ଥିତି ସମ୍ବନ୍ଧରେ ତାଙ୍କ ନିକଟରେ ଯଥେଷ୍ଟ ଜ୍ଞାନ ଥିଲା ।

ସମ୍ବିଧାନର ପଶ୍ଚାତରେ ଲୁକ୍କାୟିତ ଥିବା ବିଜ୍ଞାନ ପ୍ରତି ଆଗ୍ରହ ବିଧିବଦ୍ଧଭାବେ ୧୯୭୬ ମସିହାରେ ୪୨ତମ ସଂଶୋଧନ ମାଧ୍ୟମରେ ସମ୍ବିଧାନରେ ସ୍ଥାନିତ ହେଲା ଆର୍ଟିକିଲ ୫୧-କ(ଏଚ) ରୂପରେ । ଏହା ସମ୍ବିଧାନର ନିର୍ଦ୍ଦେଶିତ ନିୟମରେ ମୌଳିକ କର୍ତ୍ତବ୍ୟ ରୂପେ ସୂଚୀତ ହୋଇଛି । ଯେଉଁଥିରେ କୁହାଯାଇଛି ଯେ ପ୍ରତ୍ୟେକ ନାଗରୀକର ମୌଳିକ କର୍ତ୍ତବ୍ୟ ହେଉଛି ବୈଜ୍ଞାନିକ ଆଭିମୁଖ୍ୟର ବିକାଶ ଘଟାଇବା । ଏହା ସହିତ ଆନୁସାଙ୍ଗୀକ ଭାବେ ମାନବିକତାର ବିକାଶ, ଅନୁସନ୍ଧାନ ପ୍ରତି ଆଗ୍ରହର ବିକାଶ ଓ ସଂସ୍କାର ମୂଳକ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବାକୁ ମଧ୍ୟ ଏହାର ଅନ୍ତର୍ଗତ କରାଯାଇଛି । ଏହା ଏକ କ୍ରାନ୍ତିକାରୀ ପଦକ୍ଷେପ ଭାରତବର୍ଷକୁ ଆଧୁନିକତାର ମାର୍ଗରେ ପରିଚାଳିତ କରିବା ପାଇଁ । ସମସ୍ତ ନାଗରିକ ବିଜ୍ଞାନର ଅନୁଗାମୀ ହେବା ଓ ଜୀବନର ପ୍ରତ୍ୟେକ ସୋପାନରେ ବିଜ୍ଞାନକୁ ପ୍ରତିଫଳିତ କରିବା ଏକ ଯୁଗାନ୍ତକାରୀ ପଦକ୍ଷେପ । ଅନ୍ୟ ଯେଉଁ ଆନୁସାଙ୍ଗୀକ ବିଷୟଗୁଡିକ ଜଡିତ ହୋଇ ରହିଛି । ସେଗୁଡିକ ବିଜ୍ଞାନ ପ୍ରତି ଅଙ୍ଗୀକାରବଦ୍ଧତାରୁ ନିସୃତ । ବିଜ୍ଞାନ ବିଜ୍ଞାନସମ୍ମତ ସାମାଜିକ ବ୍ୟବସ୍ଥାକୁ ସଂସ୍ଥାପନ କରେ । ଏପରି ସମାଜର ମୂଳ ଆଧାର ହେଉଛି ମାନବିକତା । ମନୁଷ୍ୟ କୌଣସି ବିଷୟକୁ ଅନ୍ଧଭାବେ ଅନୁସରଣ ନକରି ତା ଭିତରର ଗୁଢ ରହସ୍ୟକୁ ଭେଦ କରିବା ଉଚିତ୍ । ଏଥିପାଇଁ ତା ଭିତରେ ଥିବା ଜାଣିବାର ଆଗ୍ରହ ଜାତ ହେବା ଉଚିତ୍ । ଏହାହିଁ ବୈଜ୍ଞାନିକ ଅନୁସନ୍ଧାନ । ଏହା ମଧ୍ୟ ତାକୁ ସଂସ୍କାରବାଦୀ କରାଏ । ପୁରାତନ ନିକୃଷ୍ଟତାରୁ ନୂତନ ଉତ୍କୃଷ୍ଟତାକୁ ବାଟ କଢ଼ାଏ । ଏହାହିଁ ସାମାଜିକ ପରିବର୍ତ୍ତନର ମୂଳ ଆଧାର । ଭାରତୀୟ ସମାଜ ସମ୍ପୂର୍ଣ୍ଣରୂପେ ଅନ୍ଧବିଶ୍ୱାସ ଓ କୁସଂସ୍କାରରୁ ମୁକ୍ତ ହୋଇଛି ବୋଲି କୁହାଯାଇ ପାରିବ ନାହିଁ । ଏବେବି ଗାଁ ଗହଳିରେ ଗୁଣି-ଗାରେଡ଼ି, ଡାହାଣୀ-ଚିରଗୁଣୀ, ତୁଟକା-ଛଡାଣ ପରି ଅନେକ ପ୍ରକାରର ଅନ୍ଧବିଶ୍ୱାସ ପରିବ୍ୟାପ୍ତ । ଦୈନନ୍ଦିନ ଖବର କାଗଜରେ ଡାହାଣୀ ସନ୍ଦେହରେ ହତ୍ୟା, ଗୁଣିଆ ସନ୍ଦେହରେ ହତ୍ୟା, ଝଡାଫୁଙ୍କା ଉପରେ ବିଶ୍ୱାସ କରି ମୃତ୍ୟୁବରଣ କରିବା ପରି ବିଷୟ ପ୍ରସାରିତ ହେଉଛି । ସେହିପରି ଅନେକ ପ୍ରକାର କୁସଂସ୍କାର ସମାଜରେ ରହିଛି । ବାଲ୍ୟବିବାହ, ଅନର କିଲିଙ୍ଗ, ପଶୁବଳି ଏପରିକି ନରବଳି ପରି ଅନେକ କୁସଂସ୍କାର ସମାଜରେ ରହିଛି । ଅନେକ ଉଚ୍ଚଶିକ୍ଷିତ ଅନ୍ଧବିଶ୍ୱାସ ଓ କୁସଂସ୍କାରରୁ ମୁକ୍ତ ନୁହଁନ୍ତି । ପରିତାପର ବିଷୟ ଯେ ଏମାନଙ୍କ ଭିତରୁ କିଛି ଏଗୁଡିକର ଯଥାର୍ଥତା ସପକ୍ଷରେ ଯୁକ୍ତି ବାଢନ୍ତି । ଭାରତୀୟ ସମାଜରେ ଥିବା ଜାତିବ୍ୟବସ୍ଥା ଉଭୟ ଅନ୍ଧବିଶ୍ୱାସ ଓ କୁସଂସ୍କାରର ମିଳିତ ପରିପ୍ରକାଶ । ବୈଜ୍ଞାନିକ ଚେତନାର ବିକାଶ ଓ ମାନବୀୟ ମୂଲ୍ୟବୋଧର ପ୍ରସାର ମାଧ୍ୟମରେ ଏହାକୁ ହଟାଯାଇ ପାରିବ । ସେହିପରି ଧାର୍ମିକ ମୌଳବାଦ ବାରମ୍ବାର ଆତ୍ମପ୍ରକାଶ କରୁଛି । ସାମଗ୍ରୀକ ଭାବେ ସମାଜ ବିଜ୍ଞାନର ଅନୁଗାମୀ ହେଲେ ଓ ବୈଜ୍ଞାନିକ ଚେତନାର ବଶବର୍ତ୍ତୀ ହେଲେ ଯେଉଁ ସଂକୀର୍ଣ୍ଣତାରୁ ମୌଳବାଦ ଜାତହୁଏ, ତାହା ଆପେ ଦୂରେଇ ଯିବ । ସମାଜରେ ମାନବବାଦର ପ୍ରତିଷ୍ଠା ହେବ । ସମ୍ବିଧାନରେ ସଂଯୋଜିତ ଏହି ମୌଳିକ କର୍ତ୍ତବ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ସୂଚୀତ କରେ । ଏହାର ପାଳନ ଏକ ପ୍ରଗତିଶୀଳ ରାଷ୍ଟ୍ର ଗଠନର ମାର୍ଗକୁ ଉନ୍ମୁକ୍ତ କରେ । ଦେଶକୁ ତଥା ସମାଜକୁ ମଧ୍ୟଯୁଗୀୟ ସଂକୀର୍ଣ୍ଣ ଭାବନାରୁ ବାହାର କରି ଆଧୁନିକତା ଆଡକୁ ନେଇ ଯିବାର ଅଭିପ୍ରାୟ ରଖେ । ଏକ ଐକ୍ୟବଦ୍ଧ, ନ୍ୟାୟପୂର୍ଣ୍ଣ, ସମତାଭିତ୍ତିକ ଓ ଭାତୃତ୍ୱଭାବ ଉପରେ ପ୍ରତିଷ୍ଠିତ ଏକ ନୂଆ ସମାଜର ପରିକଳ୍ପନା କରେ । ଉଚ୍ଚତର ବୈଜ୍ଞାନିକ ଧାରାର ସ୍ଥାପନ ଦ୍ୱାରା ଏହା ସମ୍ଭବପର । ଏ ମୌଳିକ କର୍ତ୍ତବ୍ୟ କେବଳ ନାମକୁ ନୁହେଁ, ଏହା କାମକୁ । ସମ୍ବିଧାନରେ ସ୍ଥାନିତ ଏହି ନିର୍ଦ୍ଦେଶନାକୁ ପ୍ରତ୍ୟେକ ନାଗରୀକ ଆନ୍ତରିକତାର ସହିତ ପାଳନ କରିବା ଉଚିତ୍ ଓ ଦେଶକୁ ଏକ ଉନ୍ନତ ଶିଖରକୁ ନେଇଯିବା ପାଇଁ ପ୍ରଚେଷ୍ଟା କରିବା ଉଚିତ୍ । ଧାରା ୫୧-କ(ଏଚ)ର ବ୍ୟାପକ ପ୍ରଚାର ଓ ପ୍ରସାର ହେବା ଉଚିତ୍ ।

# ଅବିସ୍ମରଣୀୟ ପ୍ରତିଭା ନନ୍ଦକିଶୋର ବଳ



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

ଓଡିଆ ବାଣୀଭଣ୍ଡାରକୁ ସମୃଦ୍ଧଶାଳୀ କରିବାରେ ଯେଉଁ କେତେଜଣ ସାରସ୍ୱତ ସାଧକ ଆପ୍ରାଣ ଉଦ୍ୟମ କରିଥିଲେ, ସେମାନଙ୍କ ମଧ୍ୟରୁ ପଲ୍ଲୀକବି ନନ୍ଦକିଶୋର ବଳ ଅନ୍ୟତମ । ତାଙ୍କର ସୃଜନଶୀଳତା ଏ ମାଟିର ପଲ୍ଲୀ ଜୀବନକୁ ବେଶ୍ ସରସ ସୁନ୍ଦର କରିପାରିଛି । ଯଥାର୍ଥରେ ସେ ଥିଲେ ପଲ୍ଲୀକବି । ତାଙ୍କର କାଳଜୟୀ ସୃଷ୍ଟିରେ ପଲ୍ଲୀ ଚିତ୍ର ଓ ଗ୍ରାମ୍ୟ ଜୀବନର ବର୍ଣ୍ଣନା ଏତେ କମନୀୟ ହୋଇଉଠିଛି ଯେ ଏକଥା ଯେ କେହି ପାଠକ ନିଃସନ୍ଦେହରେ ସ୍ୱୀକାର କରିବେ । ପଲ୍ଲୀ ଜୀବନର ଆଠଟି ଦୃଶ୍ୟ ଯଥା : ପଲ୍ଲୀବାସୀ, ଗ୍ରାମଖଳା, ଗ୍ରାମ ଋଟଶାଳୀ, ଗ୍ରାମ ତୋଟା, ଗ୍ରାମ ଦେବତା, ଗ୍ରାମ ମହାଦେବ, ଗ୍ରାମ ଶ୍ମଶାନ, ଗ୍ରାମ ହାଟକୁ ନେଇ ତାଙ୍କର ପ୍ରତ୍ୟେକଟି କବିତା ସ୍ନିଗ୍ଧ, ସୁନ୍ଦର ଓ ପ୍ରାଣବନ୍ତ ହୋଇଛି ।

ଏହି ଯଶସ୍ୱୀ ସାଧକ ୧୮୭୫ ମସିହା ଡିସେମ୍ବର ୨୨ତାରିଖରେ ନନ୍ଦକିଶୋର କଟକ ଜିଲ୍ଲା କୁସୁପୁର ଗ୍ରାମରେ ପିତା ଭଜନାନନ୍ଦ ଜେନା ଓ ମାତା ହିରଣ୍ମୟୀ ଦେବୀଙ୍କ କୋଳମଣ୍ଡନ କରିଥିଲେ । ତୁଳସୀ ଦୁଇପତ୍ରରୁ ବାସିଲା ପରି ବାଲ୍ୟକାଳରୁ ତାଙ୍କ ସାରସ୍ୱତ ପ୍ରତିଭାର ଉନ୍ମେଷ ଘଟିଥିଲା । ସେ କୁସୁପୁର ପ୍ରାଥମିକ ବିଦ୍ୟାଳୟ, କଟକ ଟାଉନ୍ ସ୍କୁଲ୍, ରେଭେନ୍ସା କଲିଜିଏଟ୍ ସ୍କୁଲ୍ ଓ କେନ୍ଦ୍ରାପଡା ହାଇସ୍କୁଲରୁ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ଲାଭକରି ପରେ ରେଭେନ୍ସା କଲେଜରୁ ସ୍ନାତକ ଶିକ୍ଷା ଲାଭ କରିଥିଲେ । ପ୍ରଥମେ ଶିକ୍ଷକତାରୁ ନିଜର କର୍ମମୟ ଜୀବନର ଶୁଭାରମ୍ଭ କରିଥିଲେ ସେ । ପରବର୍ତ୍ତୀ ସମୟରେ ନିଜର କାର୍ଯ୍ୟ କୁଶଳତା ଯୋଗୁଁ ୧୯୦୩ ମସିହାରେ କଟକ ଜିଲ୍ଲା ବୋର୍ଡ ଅଧୀନରେ ସ୍କୁଲ ସବ୍‌ଇନ୍ସପେକ୍ଟର, ୧୯୧୧ ମସିହାରେ ସମ୍ବଲପୁର ଜିଲ୍ଲା ସ୍କୁଲର ପ୍ରଧାନଶିକ୍ଷକ, ୧୯୧୫ ମସିହାରେ ଡେପୁଟି ଇନ୍ସପେକ୍ଟର ଭାବେ କାର୍ଯ୍ୟ ସେ ତାଙ୍କର ପାରଦର୍ଶିତାର ପ୍ରମାଣ ଦେଇଥିଲେ । ଏସବୁ ଥିଲା ତାଙ୍କ ପାଇଁ ଗୋଟିଏ ଗୋଟିଏ ଅଗ୍ନି ପରୀକ୍ଷା । ସବୁ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ ନନ୍ଦକିଶୋର । ତାଙ୍କ ଦକ୍ଷତା ଓ କୃତିତ୍ୱକୁ ସ୍ୱୀକୃତି ଜଣାଇ ୧୯୨୪ ମସିହାରେ ଇଂରେଜ ସରକାର ତାଙ୍କୁ "ରାୟ ବାହାଦୂର" ଉପାଧି ପ୍ରଦାନ କରିଥିଲେ ।

କର୍ମମୟ ଜୀବନରେ ବିଭିନ୍ନ ପଦ ପଦବୀରେ ଅବସ୍ଥାପିତ ହୋଇଥିଲେ ବି ସାହିତ୍ୟ ସାଧନାରୁ ବିରତ ହୋଇନଥିଲେ ନନ୍ଦକିଶୋର । ସେ ଚିହ୍ନିଥିଲେ ମାଆକୁ, ମାଟିକୁ ଓ ମାତୃଭାଷାକୁ । ପଲ୍ଲୀଜୀବନର ଜଣେ ସାର୍ଥକ ରୂପକାର ଥିଲେ ନନ୍ଦକିଶୋର ବଳ । ତାଙ୍କ ଲେଖନୀରେ ଭରି ରହିଥିଲା ପଲ୍ଲୀଜୀବନର କଥା-ବ୍ୟଥା ବେଦନା-ଯନ୍ତ୍ରଣା, ସୁଖ-ଦୁଃଖ ଓ ସବୁକିଛି । ତାଙ୍କ ରଚିତ 'ପଲ୍ଲୀଚିତ୍ର', "ନିର୍ଝରିଣୀ",''ବସନ୍ତ କୋକିଳ'', "ତରଙ୍ଗିଣୀ",''ଚାରୁଚିତ୍ର", "ଶର୍ମିଷ୍ଠା", "ଜନ୍ମଭୂମି", "ନିର୍ମାଲ୍ୟ" ଓ "ନାନାବାୟା ଗୀତ" ପ୍ରଭୃତି କାବ୍ୟକୁଞ୍ଜ ଓଡିଆ ସାହିତ୍ୟର ଗୋଟିଏ ଗୋଟିଏ ଅମୂଲ୍ୟ ରତ୍ନ । ଏଥିସହିତ ରୋମା ିକ ଓ ଐତିହାସିକ କବିତା ଲେଖିବାରେ ମଧ୍ୟ ଧୁରନ୍ଧର ଥିଲେ ସେ । ସେହିପରି ଐତିହାସିକ କାବ୍ୟ "କୃଷ୍ଣା କାବେରୀ" ରେ ତାଙ୍କ କବିତ୍ୱର ଛିଟା ସ୍ପଷ୍ଟ ବାରି ହୋଇପଡେ । ଏଥିସହିତ ରାଶି ରାଶି ଚତୁର୍ଦ୍ଦଶୀ ପଦୀ କବିତା ମଧ୍ୟ ସେ ଲେଖିଯାଇଛନ୍ତି ।

ନନ୍ଦ କିଶୋର ଜଣେ କାବ୍ୟକାର ଓ ପଲ୍ଲୀକବି ଭାବରେ ଯେପରି ପ୍ରତିଷ୍ଠିତ, ଜଣେ ଦକ୍ଷ ଗଦ୍ୟଶିଳ୍ପୀ ଭାବେ ମଧ୍ୟ ସେପରି ପ୍ରତିଷ୍ଠିତ । ତାଙ୍କର ପ୍ରବନ୍ଧ ଓ ଜୀବନୀ ଗଦ୍ୟ ସାହିତ୍ୟରେ ତାଙ୍କ କୃତିତ୍ୱର ପ୍ରମାଣ ଦିଏ । କର୍ମ, ସଂଗ୍ରାମ ଓ ଜୀବନ ଏବଂ ଉତ୍କଳ ସାହିତ୍ୟ ଇତ୍ୟାଦି ତାଙ୍କର ତତ୍ତ୍ୱନିଷ୍ଠ ପ୍ରବନ୍ଧ । ରାୟ ମଧୁସୂଦନ ରାଓ ବାହାଦୂର, ଉତ୍କଳ କବି ଫକୀର ମୋହନ, ମହାରାଜ ଚନ୍ଦ୍ରଗୁପ୍ତ ତାଙ୍କର ଗୋଟିଏ ଗୋଟିଏ ଜୀବନୀ ମୂଳକ ପ୍ରବନ୍ଧ । ଭାରତର ଭବିଷ୍ୟତ ଭାଷା ପ୍ରବନ୍ଧ ତାଙ୍କ ସଫଳ ସୃଷ୍ଟିର ଆଉ ଏକ ନମୁନା । ଏଥିରୁ ଭାରତ ବର୍ଷର ଏକତା ପାଇଁ ତାଙ୍କର ଭବିଷ୍ୟତ ଦୃଷ୍ଟି ଯେ କେତେ ବାସ୍ତବ ତାହା ଏଇ ପ୍ରବନ୍ଧରୁ ସୂଚୀତ ହୁଏ । ସେହିପରି କନକଲତା ଉପନ୍ୟାସ ଓ ଲକ୍ଷ୍ମୀ ଗଳ୍ପ ତାଙ୍କ ସାହିତ୍ୟ କୃତିର ପରିଚୟ ଦିଏ । ଯେଉଁଥିପାଇଁ କନକଲତା ଉପନ୍ୟାସକୁ ବାଗ୍ମୀ ବିଶ୍ୱନାଥ କର ଫକୀର ମୋହନଙ୍କ ଛଅମାଣ ଆଠ ଗୁଣ୍ଠ ପରେ ଖାଣ୍ଟି ଓଡିଆ ଉପନ୍ୟାସ ଭାବେ ଗ୍ରହଣ କରିଛନ୍ତି । ପ୍ରକୃତରେ କହିବାକୁ ଗଲେ ପଲ୍ଲୀକବି ନନ୍ଦକିଶୋରଙ୍କ ସୃଷ୍ଟି ବିପୁଳ ଓ ବିବିଧ । ଆଧୁନିକ ଓଡିଆ ସାହିତ୍ୟରେ ସେ ଏକ ଦୀପ୍ତିମାନ ଦୀପଶିଖା କହିଲେ ଅତ୍ୟୁକ୍ତି ହେବନାହିଁ ।

ସମାଲୋଚନା କ୍ଷେତ୍ରରେ ମଧ୍ୟ ନନ୍ଦକିଶୋରଙ୍କ ଗଭୀର ପ୍ରବେଶ ଥିଲା । କବି ରାଧାନାଥ ଓ ତଦୀୟ କବିତା ନନ୍ଦକିଶୋରଙ୍କ ଏକ ଉତ୍କୃଷ୍ଟ ସମାଲୋଚନା । ତୁଳନାତ୍ମକ ଦୃଷ୍ଟିକୋଣରୁ ସେ କବିବର ରାଧାନାଥଙ୍କ କାବ୍ୟର ବିଚାର କରି ତାଙ୍କ ଦୋଷ ଓ ଗୁଣକୁ ସଠିକ ଭାବରେ ଦର୍ଶାଇଛନ୍ତି । ତାଙ୍କ ପର୍ଯ୍ୟନ୍ତ ରାଧାନାଥଙ୍କ କବିତାର ଏପରି ପ୍ରାମାଣିକ ଓ ବଳିଷ୍ଠ ଆଲୋଚନା କେହି କରିନଥିଲେ । ସେହିପରି ଭକ୍ତକବି ମଧୁସୂଦନଙ୍କର ଛାନ୍ଦମାଳା ୧ମ ଭାଗ ଓ ଛାନ୍ଦମାଳା ୨ୟ ଭାଗର ସମାଲୋଚନା ତାଙ୍କ ପାଣ୍ଡିତ୍ୟର ପରିଚୟ ଦେଇଥାଏ । "ଚିଠିର ଉତ୍ତର" ମଧ୍ୟ ତାଙ୍କ ସମାଲୋଚନାତ୍ମକ ଦୃଷ୍ଟିଭଙ୍ଗୀର ନିଛକ ଉଦାହରଣ । ସେ ଯେଉଁସବୁ ଚିଠି କବିବର ରାଧାନାଥ, ଗଙ୍ଗାଧର ମେହେର, ଶଶୀଭୂଷଣ ରାୟ, ପଦ୍ମଚରଣ ପଟ୍ଟନାୟକ ପ୍ରମୁଖଙ୍କ ନିକଟକୁ ଲେଖିଥିଲେ ସେଗୁଡିକ ଗୋଟିଏ ଗୋଟିଏ ଅମୂଲ୍ୟ ସମ୍ପଦ । ସେସବୁ ଚିଠିରେ ସାହିତ୍ୟିକ ମୂଲ୍ୟାୟନ ସହିତ ବ୍ୟକ୍ତିତ୍ୱର ମଧ୍ୟ ତୁଳନା ହୋଇଅଛି । ଇଂରେଜ ମାନଙ୍କ ରାଜତ୍ୱ ସମୟରେ ଓଡିଶାର ଦୁର୍ଦ୍ଦଶା ତାଙ୍କ କବି ପ୍ରାଣକୁ ବ୍ୟଥିତ କରିଥିଲା । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, ପାରଳା ମହାରାଜା, ବ୍ୟାସକବି ଫକୀର ମୋହନ, କବିବର ରାଧାନାଥଙ୍କ ସ୍ୱର ସହିତ ସ୍ୱର ମିଳାଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନିମନ୍ତେ ନିଷ୍ଠାପର ଉଦ୍ୟମ କରିଥିଲେ । ଓଡିଶା ସ୍ୱତନ୍ତ୍ର ପ୍ରଦେଶ ହେଉ ଓ ଓଡିଆମାନଙ୍କ ସ୍ୱାଭିମାନ ରକ୍ଷା ହେଉ ଏହା ତାଙ୍କର ଅଭିଳାଷ ଥିଲା । ଶୋକ କବିତା ଲେଖିବାରେ ମାହିର ଥିଲେ ନନ୍ଦକିଶୋର । ସରଳ, ସାବଲୀଳ ଭାଷା ଓ ମନୋରମ ଶବ୍ଦ ସଂଯୋଜନା ତାଙ୍କ ଶୋକ କବିତାର ମୁଖ୍ୟ ବୈଶିଷ୍ଟ୍ୟ ଥିଲା ।

ଉତ୍କଳମାତାର ଏହି ପ୍ରତିଭାଦୀପ୍ତ ମଣିଷ ଆଜି ଆମ ଗହଣରେ ନାହାଁନ୍ତି । ୧୯୨୮ ମସିହା ଜୁଲାଇ ୧ତାରିଖ ରେ ତାଙ୍କର ଦେହାନ୍ତ ହୋଇଯାଇଛି । ହେଲେ ଓଡିଆ ସାହିତ୍ୟକୁ ତାଙ୍କ ବହୁବିଧ ସୃଷ୍ଟି ସମ୍ଭାର ପାଇଁ ସେ ଚିରକାଳ ଅବିସ୍ମରଣୀୟ ହୋଇ ରହିବେ ।

# ପୁନରାବୃତ୍ତି ନ ଘଟୁ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୭୯୭୮୬୬୬୪୦୩

ଓଡିଆର ପରିଚୟ, ଓଡିଆର ଅସ୍ମିତା, ଓଡିଆର ନେତା ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରାରେ ଅବ୍ୟବସ୍ଥା ଏବଂ ଦଳାଚକଟାରେ ୩ଜଣ ଭକ୍ତଙ୍କ ଦେହାନ୍ତ ଏବଂ ବହୁ ଗୁରୁତର ଆହତ ହେବା କେବଳ ପ୍ରଶାସନ ଅବହେଳା ନୁହେଁ, ରାଜ୍ୟ ସରକାର ମଧ୍ୟ ଦାୟୀ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କହିବା ବାହୁଲ୍ୟ ଯେ, ଏହାର ରଥଯାତ୍ରାରେ ପୂର୍ବବର୍ଷଗୁଡିକ ତୁଳନାରେ ଦେଢଗୁଣା ଭକ୍ତଙ୍କ ସମାଗମ ହୋଇଥିବା ଖୋଦ୍ ବିଭାଗୀୟ ମନ୍ତ୍ରୀ ସଗର୍ବରେ ଗଣମାଧ୍ୟମ ନିକଟରେ ବୟାନ ଦେଇଥିବାବେଳେ ଦଳାଚକଟାରେ ସମୟରେ କେହି ପୋଲିସ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ନଥିଲେ । ଏପରିକି ମୃତାହତଙ୍କୁ ପରିବାର ଓ ଭକ୍ତମାନେ ହିଁ ଉଦ୍ଧାର କରି ହସ୍‌ପିଟାଲକୁ ପଠାଇଥିଲେ । ଏହି ଘଟଣାକୁ ମନ୍ତ୍ରୀ ମଧ୍ୟ ଏକ ସାମାନ୍ୟ ଘଟଣା ବୋଲି ମନ୍ତବ୍ୟ ଦେଇଥିଲେ । ଗତ ବର୍ଷ ବଡଠାକୁର ବଳଭଦ୍ର ଚାରମାଳରେ ମୁହଁମାଡି ପଡିଯାଇଥିଲେ, ଯେଉଁ ଘଟଣା ସାଢେ ଚାରିକୋଟି ଓଡିଆଙ୍କୁ ମର୍ମାହତ କରିଥିବାବେଳେ ବିଭାଗୀୟ ମନ୍ତ୍ରୀ ଓ ଜଣେ ଉପ-ମୁଖ୍ୟମନ୍ତ୍ରୀ ଏହା ଲୀଳାମୟଙ୍କ ଲୀଳା କହି ଘଟଣାକୁ ଏଡାଇ ଯାଇଥିଲେ । ଏହି ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ବର୍ଷେ ବିତିଗଲା, କିନ୍ତୁ ତଦନ୍ତ ରିପୋର୍ଟ ଆସିଲା ନାହିଁ । ଦଳାଚକଟା ଘଟଣାର ଗୁରୁତ୍ୱ ବୁଝି ମୁଖ୍ୟମନ୍ତ୍ରୀ ଅବିଳମ୍ବେ କ୍ଷମା ପ୍ରାର୍ଥନା କରିବା ସହ ଏହା ଅକ୍ଷମଣୀୟ ଅପରାଧ ବୋଲି ସ୍ୱୀକାର କରିଛନ୍ତି । ମୁଖ୍ୟମନ୍ତ୍ରୀ ଘଟଣାର ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ ଦେବା ସହ ସ୍ଥାନୀୟ ଜିଲ୍ଲାପାଳ ଓ ଏସପିଙ୍କୁ ବଦଳି କରିବା ସହ ଦୁଇଜଣ ପୋଲିସ ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି । ସେହିପରି ମୃତକଙ୍କ ପରିବାରବର୍ଗଙ୍କ ପାଇଁ ୨୫ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ସେହିପରି ରଥ ପରିଚାଳନା ପାଇଁ ସ୍ଥାନୀୟ ପୂର୍ବତନ ଜିଲ୍ଲାପାଳ ଏବଂ ପୋଲିସ ତଥା ସୁରକ୍ଷା ତଦାରଖ ପାଇଁ ପୂର୍ବତନ ଏସପି ତଥା ଅଭିଜ୍ଞ ପୋଲିସ ଅଧିକାରୀଙ୍କୁ ଦାୟିତ୍ୱ ଦେଇଛନ୍ତି । ଚୋର ଚୋରି କରି ଯିବାପରେ ଫାଟକ ବନ୍ଦ କରିବା ସଦୃଶ ହୋଇଛି ବୋଲି କୁହାଯାଇପାରେ । ଉଲ୍ଲେଖ କରାଯାଇପାରେ ଯେ, ଚଳିତ ବର୍ଷର ରଥଯାତ୍ରାକୁ ଶୃଙ୍ଖଳିତ ଓ ଯାତ୍ରୀଙ୍କ ସୁରକ୍ଷା ଏଆଇ, ଡ୍ରୋନ ମୁତୟନ ଠାରୁ ଆରମ୍ଭ କରି ବ୍ୟାପକ ପୋଲିସ ମୁତୟନ କରାଯାଇଥିବାବେଳେ ନୀତି ନିର୍ଘଣ୍ଟ ମଧ୍ୟ ସ୍ଥିର ହୋଇଥିଲା । କାରଣ ଚତୁର୍ଦ୍ଧାମୂର୍ତ୍ତି ହେଉଛନ୍ତି ନୀତିକାନ୍ତିର ଠାକୁର । କିନ୍ତୁ ରଥଯାତ୍ରା ଦିନ ରଥଟଣାରେ ଅହେତୁକ ବିଳମ୍ବ ଏବଂ ବିଧି ରକ୍ଷା ପାଇଁ ରାତିରେ କିଛି ବାଟ ଗଡାଇ ଦିଆଯାଇଥିଲା । ଯାହା ଲକ୍ଷ ଲକ୍ଷ ଭକ୍ତଙ୍କୁ ନିରାଶ କରିଥିଲା । ଏଭଳି ବିଧି ବିଭ୍ରାଟକୁ ସରକାର ଗ୍ରହଣ କରିବା ପରିବର୍ତ୍ତେ ରଥଯାତ୍ରା ଶୃଙ୍ଖଳିତ ହୋଇଛି ବୋଲି ଡିଣ୍ଡିମ ପିଟୁଥିବାବେଳେ ମୁଖ୍ୟ ପ୍ରଶାସକ ମହାପ୍ରଭୁଙ୍କର ହୁଏତ ଇଚ୍ଛା ଥିଲା ବୋଲି କହିବା ବିଧି ଓ ନୀତି ପ୍ରତି କେତେ ଅଙ୍ଗୀକାର, ତାହା ବୁଝାପଡେ । ରଥଟଣାରେ ଅହେତୁକ ବିଳମ୍ବ ପାଇଁ କଡନ୍ ଭିତରେ ଅତ୍ୟଧିକ ଭିଡକୁ ଦାୟୀ କରାଯାଇଥିଲା । ତେବେ ପ୍ରଶ୍ନ ଉଠୁଛି ଏହି କଡନ୍ ପାସ୍ ଦେଲା କିଏ ? ୧୦ହଜାର ଲୋକଙ୍କୁ କଡନ୍ ପାସ ଦିଆଯାଇଥିବା କୁହାଯାଇଛି । ଏପରିକି ରଥଯାତ୍ରା ସହ ସମ୍ପୃକ୍ତ ନଥିବା ବିଜେପି ନେତା, କର୍ମୀ, ବଜରଙ୍ଗ ଦଳ ସମେତ ଦଳ ସହ ସମ୍ପୃକ୍ତ ବିଭିନ୍ନ ସଂଗଠନର ୧୨୦୦ ସଦସ୍ୟଙ୍କୁ କଡନ୍ ପାସ୍ ଦିଆଯାଇଥିବା ଅଭିଯୋଗ ହୁଏ । କିନ୍ତୁ ଭୁବନେଶ୍ୱରରୁ ରାଜ୍ୟ ଲୋକସମ୍ପର୍କ ବିଭାଗ ଦ୍ୱାରା ନିଆଯାଇଥିବା ପ୍ରେସ୍ ପାଶ୍ ଧରି ସାମ୍ବାଦିମାନଙ୍କୁ କଡନ୍ ଭିତରକୁ ନଛାଡିବା ଏବଂ ସେମାନଙ୍କୁ ପୋଲିସ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ମାଡ ମାରିବାକୁ ସାଧାରଣ ଜନତା ଗ୍ରହଣ କରି ପାରୁନାହାନ୍ତି । ସାମ୍ବାଦିକମାନଙ୍କୁ ଖବର ସଂଗ୍ରହ ପାଇଁ ସ୍ୱତନ୍ତ୍ର ଭାବେ ଆମନ୍ତ୍ରିତ କରି ନିଆଯାଇଥିବାବେଳେ ସେମାନଙ୍କୁ କଡନ୍ ଭିତରକୁ ନଛାଡିବା ଏବଂ ମାଡ ମାରିବା ଘଟଣା ପ୍ରଶାସନ ପ୍ରକୃତ ଖବର ଚାହିଁ ନଥିବା ସଂକେତ ପ୍ରଦାନ କରେ ବୋଲି କୁହାଯାଇପାରେ । ଏହା ସତ୍ୟ ଯେ, ପ୍ରଶାସନ ଶାସନୀକ ନୀତିର ପାଳନ କରି ତାର କାର୍ଯ୍ୟ କରିଥାଏ । ଆରମ୍ଭରୁ ଯଦି ନୀତିଗତ ତ୍ରୁଟି ରହିଥିବ, ତେବେ ସରକାର ଏଥିପାଇଁ ଦାୟୀ । ଉଲ୍ଲେଖଯୋଗ୍ୟ ଯେ, ରଥଯାତ୍ରା ପ୍ରସ୍ତୁତିରେ ଶ୍ରୀମନ୍ଦିର ପରିଚାଳନା କମିଟି ପ୍ରମୁଖ ଭୂମିକା ଗ୍ରହଣ କରିଥିବାବେଳେ ଚଳିତ ବର୍ଷ ପରିଚାଳନା କମିଟି ବିନା ରଥଯାତ୍ରା ହୋଇଛି । ଆରମ୍ଭରୁ ଏଭଳି ବିଭ୍ରାଟ ନେଇ ଗଣମାଧ୍ୟମରେ ଆଶଙ୍କା କରାଯାଇଥିଲା । ଯାହା ସତ୍ୟ ପ୍ରମାଣିତ ହୋଇଛି । ଏଥିପାଇଁ ସରକାର ଦାୟୀ । ବିଭାଗୀୟ ମନ୍ତ୍ରୀ ଉତ୍ତରଦାୟୀ । କେବଳ ପ୍ରଶାସନିକ ଅଧିକାରୀଙ୍କୁ ବଦଳି କିମ୍ବା ନିଲମ୍ବନରେ ସମସ୍ୟା ସମାଧାନ ହେବ ନାହିଁ । ବିଭାଗୀୟ ମନ୍ତ୍ରୀଙ୍କ ଅପାରଗତା ମଧ୍ୟ ଦାୟୀ ନେଇ କାର୍ଯ୍ୟାନୁଷ୍ଠାନ ହେବା ଦରକାର । କହିବା ଅଯଥାର୍ଥ ହେବ ନାହିଁ ଯେ, ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବାକୁ ନେଇ ସରକାର ଗତ ବର୍ଷକ ମଧ୍ୟରେ ନିଜର ସବୁଠୁ ବଡ ସଫଳତା ବୋଲି କହୁଛନ୍ତି । ମାତ୍ର ଗମ୍ଭୀର ଭିତରେ ଅବ୍ୟବସ୍ଥା, ଭକ୍ତଙ୍କ ଦୁର୍ଦ୍ଦଶା ନେଇ ସରକାର କେବେ ଭାବିଛନ୍ତି କି ? ଗମ୍ଭୀର ଭିତରେ ଧାଡି ଦର୍ଶନ ପାଇଁ ତାରିଖ ଗଡି ଚାଲିଛି । କିନ୍ତୁ କାର୍ଯ୍ୟକାରୀ ହୋଇପାରିନଥିବା ଭକ୍ତଙ୍କ ଦୁର୍ଦ୍ଦଶା ବଢିଚାଲିଛି । ଏବେ ଶ୍ରୀମନ୍ଦିରରେ ଭକ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢିଚାଲିଛି । ସେହି ହାରରେ ରଥଯାତ୍ରାରେ ଶ୍ରଦ୍ଧାଳୁ, ପର୍ଯ୍ୟଟକଙ୍କ ସଂଖ୍ୟା ବଢିବା ସ୍ୱାଭାବିକ । ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢିବା ଆକସ୍ମିକ ନଥିଲା । ଏଥିଲାଗି ସରକାର ସମସ୍ତ ପୂର୍ବପ୍ରସ୍ତୁତି କରିଥିବା ବାରମ୍ବାର ଘୋଷଣା ଦୃଢୋକ୍ତି ପ୍ରକାଶ କରିଥିବାବେଳେ ଅବ୍ୟବସ୍ଥା ଓ ଦଳାଚକଟା କେବଳ ଭକ୍ତଙ୍କ ସୁରକ୍ଷାକୁ ବିପନ୍ନ କରିନାହିଁ, ରଥଯାତ୍ରାର ବିଶ୍ୱବ୍ୟାପୀ ପ୍ରସିଦ୍ଧିକୁ କଳୁଷିତ କରିଛି ବୋଲି କହିଲେ ଭୁଲ ହେବ ନାହିଁ । ଏଥିରୁ ପ୍ରଶାସନ ଓ ସରକାର କିଛି ଶିକ୍ଷା କରିବା ଆବଶ୍ୟକ । ଆଗକୁ ବାହୁଡା ଯାତ୍ରା, ସୁନାବେଶ, ନୀଳାଦ୍ରି ବିଜେ ଉତ୍ସବ ଥିବାରୁ ଆହୁରି ଅଧିକ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି । ଏଥିଲାଗି ସରକାର ଓ ପ୍ରଶାସନ ପ୍ରସ୍ତୁତ ହେବା ସହ ସର୍ତ୍ତକତା ମୂଳକ ପଦକ୍ଷେପ ଗ୍ରହଣ କରିବା ବର୍ତ୍ତମାନ ସମୟର ସବୁଠାରୁ ବଡ ଆବଶ୍ୟକତା । ଅବ୍ୟବସ୍ଥା ଓ ଦଳାଚକଟା ଘଟଣାର ଯେପରି ପୁନରାବୃତ୍ତି ନହୁଏ ସେଥିପ୍ରତି ସରକାର ଅଗ୍ରାଧିକାର ଦେଇ ଘଟଣାର ପ୍ରଶାସନିକ ନୁହେଁ, ବିଚାର ବିଭାଗୀୟ ତଦନ୍ତ କରାଇବେ ବୋଲି ସାଧାରଣ ଜନତା ଦାବି କରୁଛନ୍ତି ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ପିଲାଙ୍କ ମହାଭାରତ-୪୦

## ବ୍ୟାସଦେବଙ୍କ ଭବିଷ୍ୟବାଣୀ-୩



ନିତ୍ୟାନନ୍ଦ ପଣ୍ଡା



ଧୃତରାଷ୍ଟ୍ର କହିଲେ, "ପୁତ୍ର ମୋର ! ପାଣ୍ଡବମାନେ ତୁମର ଭାଇ । ସେମାନଙ୍କର ଉନ୍ନତି ଦେଖି ତୁମେ ଖୁସିହେବା କଥା । କିନ୍ତୁ ତୁମେ ଈର୍ଷା କରୁଛ ? ଶୁଣ ଦୁର୍ଯ୍ୟୋଧନ ! ପାଣ୍ଡବମାନଙ୍କର ସଂପଦ, କ'ଣ ଆମର ନୁହଁ ? ଆମର ବଂଧୁ ଯିଏ, ଯୁଧିଷ୍ଠିରଙ୍କ ବଂଧୁ ସିଏ । ଯୁଧିଷ୍ଠିର ଜଣେ ନିର୍ଲୋଭ ଓ ନିରହଂକାର ମଣିଷ । ସେ ତ ତୁମକୁ ଈର୍ଷା କରୁନାହିଁ ? ତୁମେ ଯୁଦ୍ଧ ବିଦ୍ୟାରେ ତାଙ୍କ ସହ ସମାନ । କେଉଁଥିରେ ତୁମେ କମ୍ ନୁହଁ । ମନେରଖ ପୁତ୍ର, ଈର୍ଷା ଓ ଘୃଣା ମଣିଷର ପତନ ଘଟାଏ ।"

ଏହିପରି ରୋକ୍‌ଠୋକ୍ କହିଲେ ଧୃତରାଷ୍ଟ୍ର । ନିଜର ପୁତ୍ରମାନଙ୍କ ପ୍ରତି ସେ ଅତ୍ୟଧିକ ଆସକ୍ତ ହେଲେ ମଧ୍ୟ ଅନେକ ସମୟରେ ସେ ସତ୍ୟ ହିଁ କହିଥାନ୍ତି ।

ଦୁର୍ଯ୍ୟୋଧନ କହିଲେ, "ମୁଁ ଦେଖୁଛି, ତୁମେ ପାଣ୍ଡବ ଭାଇମାନଙ୍କ ପ୍ରତି ଯେତେ ଉଦାର ଓ ସ୍ନେହଶୀଳ, ଆମମାନଙ୍କ ପ୍ରତି ସେତେ ନୁହଁ । ତୁମେ ରାଜା ହୋଇଛ ଠିକ୍, କିନ୍ତୁ ରାଜ୍ୟ କିପରି ଶାସନ କରାଯାଏ ତୁମକୁ ଜଣାନାହିଁ ।"

ପିତାଙ୍କ ପ୍ରତି ତାଙ୍କର କ୍ରୋଧ ଜଣାପଡ଼ିଗଲା ।

ସେଠାରେ ଉପସ୍ଥିତ ଥିବା ଶକୁନି ହସ୍ତକ୍ଷେପ କଲେ ଓ କଥାବାର୍ତ୍ତାକୁ ନୂଆ ଦିଗଦେଲେ ।

ସେ କହିଲେ, "ମହାରାଜ ! ଦୁର୍ଯ୍ୟୋଧନ ପାଇଁ ଗୋଟିଏ ମାତ୍ର କାମ କରନ୍ତୁ । ପାଣ୍ଡବ ଭାଇମାନଙ୍କୁ ପଶାଖେଳ ପାଇଁ ଏଠାକୁ ଆମନ୍ତ୍ରଣ ଜଣାନ୍ତୁ । ଅବଶିଷ୍ଟ କଥା ମୋ ଉପରେ ଛାଡ଼ିଦିଅନ୍ତୁ ।"

ଦୁର୍ଯ୍ୟୋଧନ ଯୋଗଦେଲେ, "ହଁ ସତ । ମାମୁ ମୋ ତରଫରୁ ଖେଳିବେ । ବାଜି ରଖି ପଶାଖେଳ ହେବ । ଖେଳରେ ମୁଁ ବହୁତ କିଛି ହାସଲ କରିବି । କେବଳ ପଶାଖେଳ ପାଇଁ ଯୁଧିଷ୍ଠିରଙ୍କୁ ନିମନ୍ତ୍ରଣ ପଠାନ୍ତୁ । ମୁଁ ଯୁଦ୍ଧ ଚାହେଁନା କି ରକ୍ତପାତ ଚାହେଁନା ।"

ଧୃତରାଷ୍ଟ୍ର କହିଲେ, "ତୁମ ଦୁହେଁଙ୍କ କଥା ମୋତେ ଠିକ୍ ଲାଗୁନି । ଏ ଦିଗରେ ବିଦୁରଙ୍କ ପରାମର୍ଶ ଗ୍ରହଣ କରିବା ।"

ଦୁର୍ଯ୍ୟୋଧନ ଜାଣିଗଲେ, ବିଦୁର ନିଶ୍ଚୟ ନାହିଁ କରିବେ । ତେଣୁ ତାଙ୍କୁ ନ ପଚାରିବା ନିମନ୍ତେ ସେ ବୁଲେଇ ବଙ୍କେଇ କହିଲେ । କହିଲେ- ମହାରାଜ, ବିଦୁରଙ୍କୁ ପଚାରିଲେ ସେ ଗୁଡ଼ାଏ ଉପଦେଶ ଝାଡ଼ିବେ । ତାଙ୍କ ଉପଦେଶ ଅନୁସାରେ ରାଜ୍ୟ ଶାସନ କରିହେବନାହିଁ । ତା'ଛଡ଼ା ବିଦୁର ମୋତେ ଆଦୌ ଭଲ ପାଆନ୍ତି ନାହିଁ । ତାଙ୍କର ପ୍ରିୟ ଯୁଧିଷ୍ଠିର । ଏକଥା ତୁମେ ମଧ୍ୟ ଜାଣ । ତାଙ୍କୁ ପଚାରିବାର ଆବଶ୍ୟକତା ନାହିଁ ।

ଧୃତରାଷ୍ଟ୍ର : ପଶାଖେଳ ଗୋଟେ ଭଲ ଖେଳ ନୁହଁ । ମୁଁ ଜାଣିପାରୁଛି, ସେ ଖେଳ ପାଣ୍ଡବ ଭାଇମାନଙ୍କ ସହ ତୁମର ଶତ୍ରୁତା ବଢେଇବ । ସେ ଖେଳ ହେବା ଉଚିତ୍ ନୁହେଁ ।

ଦୁର୍ଯ୍ୟୋଧନ : କିଛି ଘଟିବା ପୂର୍ବରୁ ମହାରାଜ ଏତେ ଭୟ କରୁଛନ୍ତି କାହିଁକି ! ଆମେ ଉଦ୍ୟମ କରିବା । ତେଣିକି ହବ କି ନହେବ ଭିନ୍ନ କଥା । ମହାରାଜ ! ପଶାଖେଳ ମୁଁ ଉଦ୍‌ଭାବନ କରିନାହିଁ । ଏହା ଏକ ପ୍ରାଚୀନ ଖେଳ । କ୍ଷତ୍ରିୟମାନେ କେଉଁ ଯୁଗରୁ ଖେଳି ଆସୁଛନ୍ତି । ଆମର ସମ୍ମାନ ବଢ଼ିବ ମହାରାଜ !

ଧୃତରାଷ୍ଟ୍ର ବୁଝିଗଲେ ପୁଅ ତାଙ୍କର କଥା ରଖିବ ନାହିଁ । ଏବଂ କୌଣସି ଉପଦେଶ ଶୁଣିବା ଅବସ୍ଥାରେ ସେ ନାହିଁ । ସେ ନିଜେ ମଧ୍ୟ କ୍ଳାନ୍ତ ହୋଇଯାଇଥିଲେ ।

କହିଲେ, "ପ୍ରିୟ ଦୁର୍ଯ୍ୟୋଧନ ! ମୁଁ ବୃଦ୍ଧ ହେଲିଣି । ଅଧିକ କହିବା ଅବସ୍ଥାରେ ନାହିଁ । ତୁମେ ଯାହା ଭଲ ଭାବୁଛ କର । କିନ୍ତୁ ମୁଁ ଦେଖିପାରୁଛି, ବିପଦ ଆମ ପରିବାର ଉପରକୁ ମାଡ଼ିଆସୁଛି । ଈଶ୍ୱର ତୁମକୁ ସହାୟ ହୁଅନ୍ତୁ ।"

ଅନିଚ୍ଛା ସତ୍ତ୍ୱେ ଧୃତରାଷ୍ଟ୍ର ପଶାଖେଳ ପାଇଁ ଅନୁମତି ଦେଲେ । କିନ୍ତୁ ଶେଷପର୍ଯ୍ୟନ୍ତ ବିଦୁରଙ୍କ ସହ ପରାମର୍ଶ କରିପାରିଲେ ନାହିଁ ।

ଧୃତରାଷ୍ଟ୍ର ଅନୁମତି ଦେବାପରେ ବିଦୁର ପହଞ୍ଚିଲେ ତାଙ୍କ ପାଖରେ । କହିଲେ, "ଏ କ'ଣ କଲେ ରାଜା ! ପଶାଖେଳ ଦ୍ୱାରା ଭାଇମାନଙ୍କ ମଧ୍ୟରେ ଘୃଣା ଓ ଶତ୍ରୁତା ବଢ଼ିବା ନିଶ୍ଚିତ । ଆମର ବଂଶ ଉପରକୁ ବିପଦ ମାଡ଼ିଆସୁଛି ।"

ଧୃତରାଷ୍ଟ୍ର କହିଲେ, "ଯଦି ଭାଗ୍ୟ ଆମକୁ ସମର୍ଥନ କରେ ମୋର ଭୟ ନାହିଁ । ଆମକୁ ଯେବେ ଭାଗ୍ୟ ସମର୍ଥନ ନକରେ, ଆମେ କ'ଣ କରିପାରିବା ! ବିଦୁର ତୁମେ ଇନ୍ଦ୍ରପ୍ରସ୍ଥ ଯାଅ ଓ ମୋ ତରଫରୁ ସେମାନଙ୍କୁ ନିମନ୍ତ୍ରଣ ଜଣାଅ, ପଶାଖେଳ ପାଇଁ !

ଅନ୍ୟ ଉପାୟ ନଦେଖି ବିଦୁର ଚାଲିଲେ ଇନ୍ଦ୍ରପ୍ରସ୍ଥ ।

"ଯାହା ଭାଗ୍ୟରେ ଥିବ ।" - ଗୁଣ୍ ଗୁଣ୍ ହେଲେ ଧୃତରାଷ୍ଟ୍ର । (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*



# କଳାଠାକୁର

### ବନବିହାରୀ ମିଶ୍ର

ପ୍ରଣତି ଘେନ ଚରଣେ
ମୋ କଳା ଠାକୁର
ତୁମେ ପରା ସ୍ରଷ୍ଟା
ଏ ସାରା ସୃଷ୍ଟିର (୧)

ତୁମେ ତ ଗଢିଛ ପ୍ରଭୁ
ଏ ମୋର ଶରୀର
ସେ ଶରୀରେ ପ୍ରାଣ ଦେଇ
କରିଛ ସୁନ୍ଦର (୨)

ଏତେ ବଡ଼ ଦୁନିଆରେ
ଏତେ କ୍ଷୁଦ୍ର ମୁହିଁ
ବିଶ୍ୱ ହିତେ ଏ ଜୀବନ
ଯାଉ ହେ ଗୋସାଇଁ (୩)

ତୁମ ପାଦତଳେ
ମୋର ଏତିକି ତ ଅଳି
ଛୋଟ ଦୀପଟିଏ ମୋତେ
କର ବନମାଳୀ (୪)

ଦେଶ ହିତ ପାଇଁ
ମୋର ଶିଖା ଜଳୁଥାଉ
ଅଜ୍ଞାନ ଅନ୍ଧାର
ସବୁ ଦୁରିଭୂତ ହେଉ (୫)

*ଅଧ୍ୟାପକ, ରାଜନୀତି ବିଜ୍ଞାନ, ଶ୍ରୀ ଜଗନ୍ନାଥ କନିଷ୍ଠ ମହାବିଦ୍ୟାଳୟ, ବାଉଁଶୁଣୀ ଜିଲ୍ଲା ସୁବର୍ଣ୍ଣପୁର*
*ମୋ-୯୯୩୭୪୫୩୧୪୫*



# ପୁରୀ ଆସୁଥିବା ଧାଇଁ

### ଶୁଭନାରାୟଣ ଶତପଥୀ

ମାଧିଆ ଆସିଛି ବାହୁଡାଯାତକୁ
ଆଈଙ୍କ ସହିତ ମିଶି
ଆଈଙ୍କ ପଣତ ଧରିଥାଏ ସିଏ
ଭିଡରେ ଯିବକି ଫସି !

ବଡଦାଣ୍ଡେ କେତେ ଭକତ ଗହଳି
ଦେଖିଲା ତିନୋଟି ରଥ
ସାଜସଜା ଭାରି ଭଲ ଲାଗୁଅଛି
ପୁରିଛି ଭକ୍ତରେ ପଥ ।

ଜାଗା ବସି ନନ୍ଦିଘୋଷ ଗଡୁଅଛି
ଗତି ତାର ଅତି ଧିର
ଦର୍ପଦଳନ ଓ ତାଳଧ୍ୱଜେ ଯାନ୍ତି
ସୁଭଦ୍ରା ଓ ବଳଭଦ୍ର ।

ମାଉସୀମା ଘରେ ଖାଇ ପୋଡପିଠା
ଫେରିବେ ଜଗତନାଥ
ଲକ୍ଷ୍ମୀ ଠାକୁରାଣୀ ଚାହିଁ ବସିଛନ୍ତି
ଜଗାର ଫେରିବା ପଥ ।

ସୁନ୍ଦର ଦିଶଇ ବଡଦାଣ୍ଡ ଆଜି
ଚାଲିଛି ବାହୁଡା ଯାତ
କିଏ ନାଚୁଅଛି କିଏ ଗାଉଅଛି
କିଏ ଟେକୁଅଛି ହାତ ।

ଆଈ ଓ ମାଧିଆ ଦୀପଜାଳି ଦେଇ
ଗାଇଲେ ଜଣାଣ କେତେ
ଜଗତ ଠାକୁର ସୁଖରେ ରଖିବ
ଜଗତରେ ଲୋକ ଯେତେ ।

ଯେତେ ଦେଖୁଥିଲେ ମନ ପୁରୁନାହିଁ
ମାଧିଆ କୁହଇ ଆଈ
ପ୍ରତି ବରଷ ଏ ବାହୁଡାଯାତକୁ
ପୁରୀ ଆସୁଥିବା ଧାଇଁ ।

*ବିଜିପୁର, ବ୍ରହ୍ମଗିରି, ପୁରୀ*
*ମୋ-୯୪୩୮୪୩୨୦୨୩*





# ବାହୁଡ଼ା ରଥକୁ ଟାଣିବା

### ନିରଞ୍ଜନ ସାହୁ

ଆସ ସାଙ୍ଗସାଥି ଟାଣିବା
ଆମେ ବାହୁଡ଼ା ରଥ
ପିଲାଙ୍କର ଭିଡ଼ ଲାଗିବ
ପରା ଆମ ଗାଆଁ ପଥ ।

କୁନି କୁନି ହାତେ ଟାଣିବା
ହରିବୋଲ ଯେ କହି
ରଥ ଟାଣୁଟାଣୁ ମଝିରେ
ଟିକେ ଯିବା ଯେ ରହି ।

ଗୁଣ୍ଡିଚା ମନ୍ଦିର ସାମ୍ନାରୁ
ବଡ଼ ଦେଉଳ ଯିବା
ଘଣ୍ଟ ବାଜୁଥିବ ଉଚ୍ଚରେ
ଆମେ ଭକ୍ତିରେ ଥିବା ।

ଆମର ତ କୁନି ଠାକୁର
ପୁଣି ରଥଟି ସାନ
କୁନି ଡାହୁକଙ୍କ ଡାକକୁ
ସର୍ବେ ଡେରିବା କାନ ।

କୁନି ନନା ମନ୍ତ୍ର ପଢିବେ
ଆସିବେ କୁନି ରଜା
ଛେରାପହଁରା ସେ କରିବେ
ହେବ ବାଇଦ ବଜା ।

ହରିବୋଲ ଯେବେ ପଡିବ
ଗାଆଁ ଉଚ୍ଛୁଳି ଯିବ
କୁନିରଥ ଆମେ ଟାଣିବା
ସର୍ବେ ପ୍ରସ୍ତୁତ ଥିବ ।

ରଥରେ ତ ନେତ ଉଡ଼ିବ
ପୁଣି ଗଡ଼ିବ ଚକ
ରଥ ଅଟକିବ ବାଟରେ
ପୁଣି ଛକକୁ ଛକ ।

ଧୀରେଧୀରେ ରଥ ଟାଣିବା
ଆଜି ବରଷା ପାଗ
ଝିପିଝିପି ବର୍ଷା ହେଉଛି
ଟିକେ ଲାଗୁନି ବାଗ ।

ବରଷାରେ ତିନ୍ତି ଟାଣିବା
ଧୀରେ ପକାଇ ପାଦ
ରଥ ଗିଡ଼ିଗିଡ଼ି ଗଡ଼ିବ
ହୋଇ ଘର୍ଘର ନାଦ ।

ଉଛୁର ନକରି ସଅଳ
ସାଙ୍ଗସାଥି ହେ ଆସ
ବାହୁଡ଼ା ଯାତରା ଆସିଛି
ଆସ ରଥର ପାଶ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ- ୭୫୯୦୧୬*
*ମୋ-୯୯୩୮୭୪୧୫୮୩*

# ଆଡ଼ପ ଦର୍ଶନ...

### ରାମଚନ୍ଦ୍ର ବେହେରା



ଶୁକ୍ଳ ଆଷାଢର ତୃତୀୟା ତିଥିରେ
ଗୋଟି ପହଣ୍ଡିରେ ଯାଇ
ଆଡପରେ ବିଜେ କରନ୍ତି ସାଆନ୍ତ
ସାଥିରେ ଭଉଣୀ ଭାଇ

ପୁଣି ପ୍ରଭୁ ସୁଦର୍ଶନ
ଜନମ ବେଦୀରେ ସାତଦିନ ରହି
ଦିଅନ୍ତି ଜନେ ଦର୍ଶନ ।
ସନ୍ଧ୍ୟା ଧୂପ ପରେ ଦିବ୍ୟ ପହଣ୍ଡିରେ
ଗୁଣ୍ଡିଚା ଗୃହେ ପ୍ରବେଶି
ଶ୍ରଦ୍ଧାଳୁଙ୍କ ଦୁଃଖ ଶୁଣନ୍ତି ମଣିମା
ମୁରୁକି ମୁରୁକି ହସି
ଶୁଭେ ଶଂଖ ହୁଳହୁଳି
ଘଣ୍ଟ ଘଣ୍ଟି ତୂରୀ ମୃଦଙ୍ଗ କାହାଳୀ
ଶବଦ ପଡେ ଉଚ୍ଛୁଳି ।
ଜନମ ବେଦୀରେ ହୁଏ ଦିଅଁଙ୍କର
ଭିନ୍ନ ନୀତି ବେଶଭୂଷା
ଆଡପେ ଦର୍ଶନ ଯେ'କରେ ଭକ୍ତିରେ
ପୂର୍ଣ୍ଣହୁଏ ଅଭିଳାଷା
ଶାସ୍ତ୍ରରେ ଅଛି ବର୍ଣ୍ଣନ
ନୀଳାଦ୍ରିରେ ଦଶ ବର୍ଷର ଦର୍ଶନ
ଆଡପରେ ଏକ ଦିନ ।
ରାସ ମଣ୍ଡପରେ ରାସଲୀଳା ବିଧି
ଶ୍ରେଷ୍ଠ ବିଧି ରୂପେ ଗଣା
ସର୍ପମଣୋହୀର ଭୋଗଲାଗି ହୁଏ
ପରେ ହୁଏ ବନ୍ଦାପନା
ବିଶ୍ୱ ବିଖ୍ୟାତ ଏ ଯାତ
ମାଉସୀଙ୍କ ହାତ ପୋଡପିଠା ଖାଇ
ବାହୁଡନ୍ତି ଜଗନ୍ନାଥ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

# ବଡ଼ଦାଣ୍ଡ ଦୁଲୁକେଇ

### ଜଗଦୀଶ ସାହୁ

ନନ୍ଦିଘୋଷ ଚଢ଼ି ଆସୁଛି କାଳିଆ
ବଡ଼ ଦାଣ୍ଡ ଦୁଲୁକେଇ
ଶିରିମନ୍ଦିରକୁ ଫେରୁଛି ସାଥିରେ
ଭାଇ ଭଉଣୀକୁ ନେଇ ।
ପଡେ ହରିବୋଲ ଶୁଭେ ହୁଳହୁଳି
କମ୍ପି ଉଠେ ତିନିପୁର
ବାମନ ବେଶକୁ ଦେଖିବାକୁ ନର
ବେଶ ଧରିଛନ୍ତି ସୁର ।
ମଣିମା ମଣିମା ହୁରି ପଡୁଅଛି
ଭକତି ହୁଅଇ ଜାତ
ଦରଶନ କରେ ଭକତ ଭକ୍ତିରେ
ଟେକି ଦେଇ ଦୁଇ ହାତ ।
ବରଷକେ ଥରେ ଜନମ ବେଦୀକୁ
ଯିବାକୁ କାଳିଆ ମନ
ମାଉସୀ ମାଆର ପୋଡ଼ ପିଠା ଖାଇ
ବାହୁଡେ ଶ୍ରୀକ୍ଷେତ୍ର ଧନ ।

*ସଂଜପଡା, ହିନ୍ଦୋଳ,*
*ଢେଙ୍କାନାଳ-୭୫୯୧୨୮*
*ମୋ-୯୦୭୮୧୮୫୬୧୬*

# ଆନନ୍ଦ ଗୋଟେଇ ନେବି

### ପ୍ରତିଭା ମଞ୍ଜରୀ ଦେବୀ

ମନଟା ବାଇଆ ଆନନ୍ଦ ପାଇଁ
ତେଣୁ ଶ୍ରୀକ୍ଷେତ୍ରକୁ ଆସିଛି ଧାଇଁ
ସବୁ ଆନନ୍ଦ ମୁଁ ନେବି ଗୋଟେଇ
ହସୁ ପଛେ ଜଗା କଣେଇ ଚାହିଁ ।

ପବନେ ଆନନ୍ଦ ଗଗନେ ଆନନ୍ଦ
ରଥରେ ତ ସ୍ୱୟଂ ଆନନ୍ଦମୟ
ରଙ୍ଗ ଅଧରରୁ ଆନନ୍ଦ ଝରୁଛି
ଯିଏ ଯେତେ ପାର ଗୋଟେଇ ନିଅ
ଯେତେ ନେଲେ ସେତ ସରିବ ନାହିଁ
ଅସରନ୍ତି ଆନନ୍ଦ ଠୁଳ ତହିଁ ।

ପ୍ରତିଟି ଧୂଳିକଣା ବଡଦାଣ୍ଡର
ଆନନ୍ଦ ବାଣ୍ଟିବା ପାଇଁ ଅଧୀର
ଶରଧା ବାଲିତ ଶ୍ରଦ୍ଧା ଜୁଡୁବୁଡୁ
ଭକତଙ୍କୁ ନେବା ପାଇଁ କୋଳେଇ
ଚକାଆଖି ଦୁଇ ଆନନ୍ଦେ ମଗନ
ଆନନ୍ଦରେ ପଲକ ପଡୁନାହିଁ ।

ମହୋଦଧି ନାଚି ନାଚି ଆନନ୍ଦେ
ଡାକ ଦିଏ ଅବଗାହନ ପାଇଁ
ଝାଉଁବଣ ବୋଲେ ଜୟ ଜଗନ୍ନାଥ
ପବନ ସାଥେ ତୁହାଇ ତୁହାଇ
ଆନନ୍ଦର ବନ୍ୟା ଚଉ ଦିଗରେ
ଆନନ୍ଦ ଛଡା ଆଉ କିଛି ନାହିଁ ।

*ମୋ-୦୯୫୦୦୦୦୬୨୩୬*

# ଶ୍ରୀମନ୍ଦିରେ ହେବା ଦେଖା...

### ନଗେନ୍ଦ୍ର ନାଥ ପଟ୍ଟନାୟକ

ଜନମ ବେଦୀରେ ବଡଦିଅଁ ବିଜେ
ଭାଇ ଭଉଣୀଙ୍କ ମେଳେ
ନାଥଙ୍କୁ ଖୋଜନ୍ତି ଲକ୍ଷ୍ମୀ ସାଆନ୍ତାଣୀ
ରାଗେ ତାଙ୍କ ଦିହ ଜଳେ ।
ଭାଙ୍ଗି ଦିଅନ୍ତି ସେ ନନ୍ଦିଘୋଷ ରଥ
ରୋଷେ ଗରଗର ହୋଇ
ମନତଳ ଦୁଃଖ ମନରେ ମାରନ୍ତି
ହୃଦେ କୋହ ଚାପିଦେଇ ।
କାଳିଆ ଦିଅଁଙ୍କ ଆଜ୍ଞାମାଳ ନେଇ
ମାନ ଅଭିମାନେ ମାତ
ସୁନା ପାଲିଙ୍କିରେ ବାହୁଡନ୍ତି ବେଗି
ଦୁଃଖନୀରେ ଭିଜେ ନେତ ।
ଆଷାଢ଼ ଶୁକ୍ଳ ପଞ୍ଚମୀ ପବିତ୍ର
ହେରାପଞ୍ଚମୀର ତିଥି
ପୂଜିତ ହୁଅନ୍ତି ନରସିଂହ ବେଶେ
ମଣ୍ଡପରେ ମହୀପତି ।
ବୋଧଦେଇ ନାଥ କହନ୍ତି ମାତାଙ୍କୁ
ମନେ କାହିଁ ତୁମ ଶଙ୍କା
ଚାରିଦିନ ପରେ ଫେରିଆସିଲେ ମୁଁ
ଶ୍ରୀମନ୍ଦିରେ ହେବା ଦେଖା ।

*ପ୍ରାକ୍ତନ ଅତିରିକ୍ତ ଶାସନ*
*ଲକ୍ଷ୍ମୀ ସାଗର କେନାଲ ରୋଡ,*
*ମୋ- ୯୪୩୮୩୩୨୧୩୮*

# ଟାଣିବା ବାହୁଡା ରଥ

### ଧ୍ରୁବ ଚରଣ ବେହେରା



ଆସ ଯିବା ସାଙ୍ଗ ପୁରୀ ଧାମକୁ
ଟାଣିବା ରଥକୁ ଭିଡି ଆଗକୁ ।।

ଯାଇଛି କାଳିଆ ଗୁଣ୍ଡିଚା ଘର
ଭାଇ ସାଙ୍ଗେ ନେଇ ଭଉଣୀ ତା'ର ।।

ନଅ ଦିନ ରହି ଆସିବେ ଫେରି
ବାହୁଡା ଯାତ୍ରାରେ ଥିବ ବାହାରି ।।

କେତେ ଭକତଙ୍କ ମେଳରେ ବସି
ଆସୁଥିବ ଜଗା ହୋଇକି ଖୁସି ।।

ଚକା ଆଖି ତା'ର ବଡ ସୁନ୍ଦର
ଜଗତର ସେହି ଭାବ ଠାକୁର ।।

ଆସ କୁନି ହାତେ ଭିଡିବା ରଥ
ହସି ଆସୁଥିବେ ଜଗତ ନାଥ ।।

ଫେରିବେ କାଳିଆ ବଡ ଦେଉଳ
ବଡ ଦାଣ୍ଡେ ପଡୁ ଥିବ ଚହଳ ।।

ହରିବୋଲ ଧ୍ୱନି ଉଚ୍ଛୁଳୁ ଥିବ
ଜୟ ଜଗନ୍ନାଥ ହୃଦ ଗାଇବ ।।

ଆସ ଦେଖି ଯିବା ବାହୁଡା ଯାତ
ଉତ୍କଳେ ବିଜୟ ଜଗତ ନାଥ ।।

ହାତ ଟେକି ତାଙ୍କୁ କରି ପ୍ରଣାମ
ହେବା ଭଲ ପିଲା ଅତି ଉତ୍ତମ ।।

ଆସ ସାଙ୍ଗ ଯିବା ପୁରୀ ଧାମକୁ
ଟାଣିବା ବାହୁଡା ରଥ ଆଗକୁ ।।

*ଭାରତୀୟ ସାମରିକ ସେବା, ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା*
*ମୋ-୮୩୨୮୯୩୦୫୫୪*



# ତୁଳସୀ ଦୁଇ ପତ୍ରରୁ ବାସେ



ସୁନନ୍ଦା ମହାନ୍ତି

ଗୁ[illegible]ନ ଛାତ୍ରଛାତ୍ରୀ ମାନେ ଗୁରୁଙ୍କ [illegible]ର ଥାଆନ୍ତି । ସବୁ ଗୁରୁମା [illegible]ଞ୍ଝି ସାରିଥିଲେ, ବଡ଼ ଗୁରୁମା ଏହି ଦିବସରେ ଗୁରୁ ଓ ଛାତ୍ର ସମ୍ପର୍କରେ ବହୁ ମୂଲ୍ୟବାନ କଥା କହିଥାଆନ୍ତି, ଯେପରିକି, ଆରୁଣୀ, ଉପମନ୍ୟୁ, ଏକଲବ୍ୟ ଆଦି ଗୁରୁଭକ୍ତି ଥିବା ଛାତ୍ର । ସେମିତି କହିଥାଆନ୍ତି ଗୋପବନ୍ଧୁ, ଗାନ୍ଧୀ, ଲାଲବାହାଦୁରଙ୍କ ଗୁରୁ ଭକ୍ତି ନିଦର୍ଶନ କଥା । ଗୁରୁ ଭକ୍ତି ପାଇଁ ଜରୁଆ ଗୁରୁଙ୍କୁ ଲେମ୍ବୁଟିଏ ଆଣି ଦେବା ପାଇଁ ଶହେ କୋଷ ଚାଲି ଚାଲି ଯାଇ, ଲେମ୍ବୁ ବଗିଚାର ମାଳି ଶୋଇଥିବାରୁ, ନିଦରୁ ନଉଠେଇ ଲେମ୍ବୁଟିଏ ମାଗିନେବାକୁ ଗୋପବନ୍ଧୁ ସେହି ମାଳିଙ୍କର ପଦ ସଞ୍ଚାଳନ କରିଥିଲେ ଘଣ୍ଟା ଘଣ୍ଟା ଧରି, ଯେତେବେଳେ ମାଳିଙ୍କ ନିଦ ଭାଙ୍ଗିଲା ସେ ଦେଖିଥିଲେ ପିଲାଟିଏ ତାଙ୍କୁ ଘଷା ମୋଡା କରୁଛି । କାରଣ ପଚାରିବାରୁ, ପିଲାଟି ଲେମ୍ବୁଟିଏ ନେବାକୁ ଆସି ଆପଣଙ୍କୁ ନିଦରୁ ନଉଠାଇ, ନିଦ ଭାଙ୍ଗିବାର ପ୍ରୟାସ ଜାରି କରିଥିଲି, ନିଦ ଭାଙ୍ଗିବା ଓ ନକହି ଲେମ୍ବୁ ତୋଳି ନେବା ଉଚିତ ନୁହେଁ, ପୁଣି ଲେମ୍ବୁ ନନେଇ ଫେରିଗଲେ ଗୁରୁଙ୍କ ଜରୁଆ ଅରୁଚି ପାଟିକୁ ଲେମ୍ବୁ ବିନା ସେ କେମିତି ସୁସ୍ଥ ନିରୋଗ ରଖିପାରିଥାନ୍ତେ ? ପିଲାଦିନର ସେହି ଗୁରୁଭକ୍ତି ଦେଖି ମାଳି ହୃଦୟଙ୍ଗମ କରିଥିଲେ କି ପିଲାଟି ନିଶ୍ଚୟ ଭଲମଣିଷ ହେବ । ଗୋପବନ୍ଧୁଙ୍କ ସେହି ଗୁରୁଭକ୍ତି କାହାଣୀ ପ୍ରେରଣା ଯୋଗାଏ, ଛାତ୍ର ଛାତ୍ରୀ ମାନଙ୍କୁ । ବଡ଼ ଗୁରୁମା କହନ୍ତି ଶ୍ରବଣ କୁମାର କିପରି ନିଜ ଅନ୍ଧ ପିତା ମାତାଙ୍କୁ, ଟୋକେଇ ଓ ବାହୁଙ୍ଗିରେ ବୋହି ତୀର୍ଥ ଯାତ୍ରା କରାଇ ମନୋବାଞ୍ଛା ପୁରଣ କରିବାକୁ ଯାଇ, ରାଜା ଦଶରଥଙ୍କ ଦ୍ୱାରା ଶରବିଦ୍ଧ ହୋଇ ପ୍ରାଣତ୍ୟାଗ କରିବା ପୂର୍ବରୁ, ପିତା ମାତାଙ୍କ ସୁରକ୍ଷା ପାଇଁ, ଅନୁରୋଧ କରିଥିଲେ ରାଜାଙ୍କୁ । ମୃଗୁଣୀ ଭାବି ପାଣି ଆଣୁଥିବା ବେଳେ ଶ୍ରାବଣଙ୍କ ଭଳି ପିତୃ ମାତୃ ଭକ୍ତଙ୍କୁ ଶରବିଦ୍ଧ କରି ଦଶରଥ ଯେତିକି ଅନୁତପ୍ତ ଓ ଅଭିଶପ୍ତ, ଶ୍ରବଣଙ୍କ ଗୁରୁରୂପୀ ପିତାମାତାଙ୍କୁ ଭକ୍ତି ତାଙ୍କୁ କରିଛି ସେତିକି ଅମର ଓ କାଳଜୟୀ ।

ଏମିତି ସବୁ କଥା ସହ ନିଜ ଅନୁଭୂତି କଥା ମଧ୍ୟ କହିଥାଆନ୍ତି ବଡଗୁରୁମା । ସେ ପଢୁଥିବା ସ୍କୁଲରେ ତାଙ୍କର ଜଣେ ଗୁରୁ, କ୍ଲାସ୍‌ରେ ସବୁ ପିଲାଙ୍କ ନାମ କରଣ ଯଥା ସାପ, ବେଙ୍ଗ, ପିମ୍ପୁଡି, ଗଛ, ନଈ, ପକ୍ଷୀ ଆଦି ରଖୁ ରଖୁ ତାଙ୍କ ପାଳି ବେଳକୁ, ତୋ ନାମ ପନିକି ରଖିଥିବାରୁ ସେ କାନ୍ଦିଥିଲେ ଖୁବ୍, ହେଲେ ପରେ ସାର୍ ବୁଝେଇ ଦେଇଥିଲେ, ପନିକି କେବଳ ସାର ଅଂଶ ଗ୍ରହଣ କରି ଅଳିଆ ଚୋପା ଆଦି ଅସ୍ୱଚ୍ଛ ବା ଆବର୍ଜନା ଫିଙ୍ଗିଦେଇଥାଏ । ତୁ ଠିକ୍ ସେହି ଭଳି ସବୁ କାମରୁ, କଥାରୁ ସାର ବୁଝି ଅଯଥା କାମ ଓ କଥା ଯଥା ଦ୍ୱନ୍ଦ୍ୱ କଳହ ଅହଙ୍କାର, ଘୃଣା, ରାଗ, ରୋଷ, ଦ୍ୱେଷ ଇତ୍ୟାଦିକୁ ମନ ହୃଦୟରୁ ବିତାଡିତ କରିବୁ । ଏହା କହିବା ସହ ବଡ ଗୁରୁମା କାନ୍ଦି ପକାନ୍ତି । ପିଲାମାନେ ପ୍ରେରଣା ପାଆନ୍ତି ଅନେକ ।

ଏଥର ଯେବେ ବଡ ଗୁରୁମା ଆସି ପହଞ୍ଚିଲେ ଛାତ୍ରଛାତ୍ରୀଙ୍କର ଅପେକ୍ଷାର ଅନ୍ତ ଘଟିଲା । ବଡ଼ ଗୁରୁମା ପଚାରୁଥିଲେ, ଜଣ ଜଣ କରି ପିଲାମାନଙ୍କୁ, ତୁମେ କାହା ଭଳି ହେବାକୁ ଚାହଁ କୁହ ପିଲାମାନେ । କିଏ ପକ୍ଷୀ, କିଏ ମାଙ୍କଡ଼, କିଏ କାଗଜ, କିଏ ବହି, କିଏ ଗୁଡ଼ି, କିଏ ଡଙ୍ଗା, ଇତ୍ୟାଦି କହୁଥିବା ବେଳେ, ଗୁରୁମା କାରଣ ପଚାରୁଥାନ୍ତି ତ ପିଲାମାନେ ନିଜ ବୁଦ୍ଧି ବଳରେ କିଛି କିଛି ଉତ୍ତର ଦେଉଥାଆନ୍ତି । ଏହି ସମୟରେ ଶେଷ ଛାତ୍ରକୁ ପଚରା ଯିବାରୁ ସେ କହିଥିଲା ଆରିଶା ପିଠା ପରି ହେବାକୁ ଚାହେଁ ଗୁରୁମା ଓ କାହିଁକି ଉତ୍ତରରେ କହୁଥିଲା, ଆରିଶା ପିଠା ସବୁଠୁ ନିଆରା, ସ୍ୱାଦ, ରୂପ, ରଙ୍ଗ ଓ ତିଆରି ପ୍ରଣାଳୀ ସହ ବହୁଦିନ ଧରି ରହିପାରେ ଖାଦ୍ୟ ରୂପେ । ସମସ୍ତେ ହସୁଥିଲେ ସିନା ବଡ ଗୁରୁମା ଗମ୍ଭୀର ହୋଇ ଭାବୁଥିଲେ ବହୁତ ବୁଦ୍ଧିଆ ହେବ ନିଶ୍ଚୟ ଏହି ପିଲାଟି । ସେ ବର୍ଷ ସେ ଏ ପ୍ଲସ୍ ଗ୍ରେଡ଼ ନମ୍ବର ରଖି, ଉତ୍ତୀର୍ଣ୍ଣ ହୋଇ ଆଗକୁ ବଢୁଥିଲା ତା କଥାର ମହତ୍ତ୍ୱରେ ।

*ସାକ୍ଷୀଗୋପାଳ, ପୁରୀ*
*ମୋ-୯୦୪୦୯୭୭୩୨୭*

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର,୦୩ ଜୁଲାଇ, ଗୁରୁବାର,୨୦୨୫



# ପତ୍ନୀ ଓ ଝିଅଙ୍କୁ ଏବେ ମାସକୁ ୪ ଲକ୍ଷ ଟଙ୍କା ଦେବେ ମହମ୍ମଦ ସାମି



**ନୂଆଦିଲ୍ଲୀ**

ଦ୍ରୁତ ବୋଲର ମହମ୍ମଦ ସାମିଙ୍କୁ ପୁଣି ଏକ ଝଟ୍କା। ଭାରତୀୟ କ୍ରିକେଟ ଦଳର ଷ୍ଟାର ଖେଳାଳି ମହମ୍ମଦ ସାମିଙ୍କୁ କଲିକତା ହାଇକୋର୍ଟରେ ଛାଡପତ୍ର ମାମଲାରେ ଏକ ବଡ଼ ଝଟ୍କା ଲାଗିଛି। କୋର୍ଟ ଷ୍ଟାର କ୍ରିକେଟରଙ୍କୁ ତାଙ୍କ ପୂର୍ବ ପତ୍ନୀ ହସିନ ଜହାଁ ଓ ଝିଅଙ୍କୁ ପ୍ରତି ମାସରେ ୪ ଲକ୍ଷ ଟଙ୍କା ଦେବାକୁ କହିଛନ୍ତି । ହସିନ ଜହାଁଙ୍କୁ ପ୍ରତି ମାସରେ ୧.୫୦ ଲକ୍ଷ ଟଙ୍କା ଦେବାକୁ ପଡିବ ଓ ଝିଅଙ୍କୁ ପ୍ରତି ମାସରେ ୨.୫୦ ଲକ୍ଷ ଟଙ୍କା ମିଳିବ ବୋଲି ଅଦାଲତ ଶୁଣାଣି କରିଛନ୍ତି । ତେବେ ଏହି ରାଶି ପଛୁଆ ୭ ବର୍ଷରୁ ଲାଗୁ କରାଯାଇଛି ।

'ଘରୋଇ ହିଂସାରୁ ମହିଳା ସୁରକ୍ଷା' ଆଇନ ଅନୁଯାୟୀ ଏହି ମାମଲା ଦାୟର କରାଯାଇଥିବା ବେଳେ ଏହାର ଶୁଣାଣି କରି ନିମ୍ନ ଅଦାଲତକୁ ଛଅ ମାସ ମଧ୍ୟରେ ମାମଲାର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଗତବର୍ଷ ମହମ୍ମଦ ସାମି ତାଙ୍କ ଝିଅ ଆଇରାଙ୍କ ସହ ଏକ ଭାବପ୍ରବଣ ସାକ୍ଷାତ କରିଥିଲେ। ଭାରତୀୟ କ୍ରିକେଟ ଦଳର ଏହି ଖେଳାଳି ବହୁତ ଦିନ ପରେ ତାଙ୍କ ଝିଅଙ୍କୁ ଭେଟିଥିଲେ ଏବଂ ବାପା-ଝିଅ ଯୋଡ଼ିଙ୍କୁ ଏକାଠି ସପିଂ କରୁଥିବାର ଦେଖିବାକୁ ମିଳିଥିଲା।

ବହୁତ ଦିନ ପରେ ଯେତେବେଳେ ମୁଁ ତାଙ୍କୁ ପୁଣି ଦେଖିଲି ସେତେବେଳେ ସମୟ ଅଟକିଗଲା। ତୁମକୁ ମୋ ଶବ୍ଦ ଅପେକ୍ଷା ମୁଁ ଅଧିକ ଭଲପାଉଛି, ବେବୋ, ବୋଲି ସାମି ଇନଷ୍ଟାଗ୍ରାମରେ ପୋଷ୍ଟ କରିଥିଲେ। ପୋଷ୍ଟଟି ମାତ୍ର ଗୋଟିଏ ଘଣ୍ଟା ମଧ୍ୟରେ ୧.୭୦ ଲକ୍ଷରୁ ଅଧିକ ଲାଇକ ପାଇଥିଲା। ତଥାପି, ସାମିଙ୍କ ପରିତ୍ୟକ୍ତା ପତ୍ନୀ ହାସିନ ଜହାଁ ସେତେବେଳେ ସାକ୍ଷାତକୁ ନେଇ କିଛି ଗମ୍ଭୀର ଅଭିଯୋଗ ଆଣିଥିଲେ।

# ହୋଟେଲ୍ ଭିତରେ ବନ୍ଦ ଟିମ୍ଇଣ୍ଡିଆ: ମିଳିଲା ସନ୍ଦେହଜନକ ପ୍ୟାକେଜ୍

**ବର୍ମିଂହାମ**

ବର୍ମିଂହାମ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଆରମ୍ଭ ହେଉଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ ପୂର୍ବରୁ ବର୍ମିଂହାମ ସହରରେ ଏକ ସନ୍ଦେହଜନକ ପ୍ୟାକେଜ୍ ମିଳିଥିଲା। ଏହା ଖେଳାଳିମାନଙ୍କ ସହିତ ପ୍ରଶଂସକଙ୍କ ଉତ୍ତେଜନାକୁ ବୃଦ୍ଧି କରିଥିଲା। ଖେଳାଳିମାନଙ୍କୁ ବର୍ମିଂହାମରେ ଭାରତୀୟ କ୍ରିକେଟ ଦଳ ରହୁଥିବା ହୋଟେଲରୁ ବାହାରକୁ ନଯିବାକୁ ପରାମର୍ଶ ଦିଆଯାଇଥିଲା। ସହରର ସେଣ୍ଟେନରୀ ସ୍କୋୟାରରେ ଏହି ପ୍ୟାକେଜ ମିଳିଥିଲା। ଏହା ପରେ ବର୍ମିଂହାମ ସିଟି ସେଣ୍ଟର ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା।



ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ, ବର୍ମିଂହାମ ସିଟି ସେଣ୍ଟର ପୋଲିସ ସେଣ୍ଟେନରୀ ସ୍କୋୟାରରେ ଏକ ସନ୍ଦେହଜନକ ପ୍ୟାକେଜ ବିଷୟରେ ସୂଚନା ପାଇଲା। ଏହା ପରେ ପୋଲିସ ତୁରନ୍ତ ସେଣ୍ଟେନରୀ ସ୍କୋୟାର ଏବଂ ଆଖପାଖ ଅଞ୍ଚଳରେ ସୁରକ୍ଷା ଘେରାବନ୍ଦୀ ସ୍ଥାପନ କରିଥିଲା। ବର୍ମିଂହାମ ସିଟି ସେଣ୍ଟର ପୋଲିସ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ କହିଛି, ଆମେ ବର୍ମିଂହାମ ସିଟି ସେଣ୍ଟରରେ ସେଣ୍ଟେନରୀ ସ୍କୋୟାର ଚାରିପାଖ ଅଞ୍ଚଳକୁ ଘେରାବନ୍ଦୀ କରିଛୁ ଏବଂ ଏକ ସନ୍ଦେହଜନକ ପ୍ୟାକେଜ ତଦନ୍ତ କରୁଛୁ। ଆମେ ଅପରାହ୍ନ ୩ଟା ପୂର୍ବରୁ ଏହା ବିଷୟରେ ସୂଚନା ପାଇଥିଲୁ। ସତର୍କତା ସ୍ୱରୂପ, ଏହାର ତଦନ୍ତ ଚାଲିଥିବା ସମୟରେ ଅନେକ କୋଠା ଖାଲି କରାଯାଇଛି। ଦୟାକରି ସେହି ଅଞ୍ଚଳକୁ ଯିବାରୁ ନିବୃତ୍ତ ରୁହନ୍ତୁ।

ଏହି ଘଟଣା ପରେ, ଦଳର ସଦସ୍ୟମାନଙ୍କୁ ହୋଟେଲ ଛାଡିବାକୁ ବାରଣ କରାଯାଇଥିଲା। ବିସିସିଆଇର ଏକ ସୂତ୍ର ପିଟିଆଇକୁ ନିଶ୍ଚିତ କରିଛି, ବର୍ମିଂହାମ ସିଟି ସେଣ୍ଟର ପୋଲିସ ସୋସିଆଲ ମିଡିଆରେ ପୋଷ୍ଟ ପରେ ଖେଳାଳିମାନଙ୍କୁ ବାହାରକୁ ନଯିବାକୁ ପରାମର୍ଶ ଦେଇଥିଲା। ତଥାପି, ପୋଲିସ ଏକ ଘଣ୍ଟା ପରେ ସୁରକ୍ଷା ବଳୟ ହଟାଇ ଦେଇଥିଲା। ଭାରତୀୟ କ୍ରିକେଟରମାନେ ସାଧାରଣତଃ ଟିମ ହୋଟେଲ ନିକଟବର୍ତ୍ତୀ ଅଞ୍ଚଳରେ ବୁଲନ୍ତି, ଯାହା କାରଣରୁ ଏହି ନିଷ୍ପତ୍ତି ନିଆଯାଇଛି। ଏହି ଘଟଣା ଯୋଗୁ ଖେଳାଳିମାନଙ୍କୁ ବିଶେଷ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଥିଲା।

# ଜାତୀୟ ତାଏକୋଣ୍ଡୋ ଚାମ୍ପିଅନସିପ୍ ୨୮ ପଦକ ସହ ଚତୁର୍ଥରେ ଓଡ଼ିଶା

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

'ତାଏକୋଣ୍ଡୋ ଫେଡେରେସନ୍ ଅଫ୍ ଇଣ୍ଡିଆ' ଆନୁକୂଲ୍ୟରେ, ଦେବଭୂମି ଉତ୍ତରାଖଣ୍ଡ ରାଜ୍ୟ ଅନ୍ତର୍ଗତ ହରିଦ୍ୱାର ସ୍ଥିତ 'ବନ୍ଦନା କଟାରିଆ ଷ୍ଟାଡିୟମ'ରେ ଆୟୋଜିତ ତ୍ରିଦିବସୀୟ ୪୨ତମ ଜାତୀୟ ତାଏକୋଣ୍ଡୋ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଟିମ୍ ଓଡ଼ିଶା ୬ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଓ ୧୩ଟି ବ୍ରୋଞ୍ଜ ସହ ମୋଟ ୨୮ଟି ପଦକ ଜିଣି ଦଳଗତ ସଫଳତାର ଚତୁର୍ଥ ସ୍ଥାନରେ ରହିଛି। ଚଳିତ ସଂସ୍କରଣରେ 'ତାଏକୋଣ୍ଡୋ ଆସୋସିଏସନ୍ ଅଫ୍ ଓଡ଼ିଶା'ର ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ଓଡ଼ିଶାରୁ ୩୪ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସଂଗ୍ରାମ ତ୍ରିପାଠୀ ଓ ଧନେଶ୍ୱର ଜେନା ମ୍ୟାନେଜର ରୂପେ ଏବଂ ଆଦ୍ୟାଶା ଦାସ ଓ ସୁଧାକର ଜେନା ପ୍ରଶିକ୍ଷକ ରୂପେ ଦାୟିତ୍ୱ ବହନ କରିଥିଲେ। ଫେଡେରେସନ୍ ତରଫରୁ ଓଡିଶାରୁ ଅଶୋକ ସାହୁ, ଶେଖ୍ ସମୀର ଓ ସୁରେଶ ନାୟକଙ୍କୁ ରେଫରୀ ରୂପେ ନିଯୁକ୍ତି ମିଳିଥିଲା। 'ଟିମ୍ ଓଡ଼ିଶା'ର ପ୍ରତିଯୋଗୀ ନୟୋନିକା ଦାସ ଦୁଇଟି ସ୍ୱର୍ଣ୍ଣ ପଦକ ଜିଣିଥିବା ବେଳେ ଶୁଭଶ୍ରୀ ପ୍ରିୟଦର୍ଶିନୀ ଦାସ, ପି.ଆର. କଶିସ୍, ଅଭିଜିତ କୁମାର ସାହୁ ଓ ଅଶୋକ କୁମାର ସାହୁ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ଜିଣିଛନ୍ତି। ସେହିପରି କମଳ ଲୋଚନ ସାହୁ ଦୁଇଟି ରୌପ୍ୟ ପଦକ ଜିଣିଥିବା ବେଳେ ଅପରୂପା ଜେନା, ଇସିତା ପଟ୍ଟନାୟକ, କାବ୍ୟା ଦାଶ, ପୁଷ୍ପାଞ୍ଜଳି ସାହୁ, ଶ୍ରଦ୍ଧାଞ୍ଜଳି ସାହୁ, ଅଭିମାନ ଅନୁପ୍ରାସ ମଲ୍ଲିକ ଓ ଦେବାଂଶ ମହାନ୍ତି ଗୋଟିଏ ଲେଖାଏଁ ରୌପ୍ୟ ପଦକ ଜିତିଛନ୍ତି। ଶ୍ରେୟାଂଶ ସାହୁ ଦୁଇଟି ବ୍ରୋଞ୍ଜ ପଦକ ଜିଣିଥିବା ବେଳେ ଅପରୂପା ଜେନା, ଅନିନ୍ଦିତା ମିଶ୍ର, ଶୁଭଶ୍ରୀ ଦାସ, ଅଭୟ କୁମାର ପରିଡ଼ା, ଚନ୍ଦନ ଜେନା, ଯତିନ୍ କୁମାର ସାହୁ, କୃଷ୍ଣ ଗୋପାଳ ପ୍ରଧାନ, ପଦ୍ମଲୋଚନ ସିଂ, ଶ୍ରୀମାନ ଅୟସ ନାରାୟଣ, ଶ୍ରେୟାକ୍ ବରାଳ ଓ ତେଜସ୍ ନାୟକ ଗୋଟିଏ ଲେଖାଏଁ ପଦକ ଜିତିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଚଳିତ ସଂସ୍କରଣର ସ୍ୱର୍ଣ୍ଣପଦକ ବିଜେତାମାନେ ଆସନ୍ତା ନଭେମ୍ବର ମାସରେ ଦକ୍ଷିଣ କୋରିଆରେ ଅନୁଷ୍ଠିତ ହେବାକୁ ଯାଉଥିବା ବିଶ୍ୱ ତାଏକୋଣ୍ଡୋ ଚାମ୍ପିଅନସିପ୍‌ରେ ଭାରତର ପ୍ରତିନିଧିତ୍ୱ କରିବେ। ଉଦ୍‌ଯାପନ ଉତ୍ସବରେ ଭାରତୀୟ ତାଏକୋଣ୍ଡୋର ଜନକ, ଡାଃ ଜିମ୍ମୀ ଆର୍ତ୍ତି ଜାଗତିଆନୀ ଅଧ୍ୟକ୍ଷତା କରିଥିଲେ। ଉତ୍ତରାଖଣ୍ଡ କ୍ରୀଡାମନ୍ତ୍ରୀ ରେଖା ଆର୍ଯ୍ୟ, ଉତ୍ତରପ୍ରଦେଶ ବିଧାନ ପରିଷଦର ଅଧ୍ୟକ୍ଷ ସୁଧୀର ହଲୱାସିଆ, ମେଜର୍ ଜେନେରାଲ ଜଗଦୀପ୍ ସିଂ ଓ ଜାତୀୟ ମାନବାଧିକାର କମିଶନ ସଦସ୍ୟ ବିଜୟ ଲକ୍ଷ୍ମୀ ବିହାନ, ଅତିଥି ରୂପେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପଦକ ପ୍ରଦାନ କରିଥିଲେ।

# ମାଗଣା ଶବବାହନ ସେବା ଶୁଭାରମ୍ଭ କଲେ ସାଂସଦ ଅନନ୍ତ ନାୟକ

**କେନ୍ଦୁଝର : ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରେ ମାଗଣା ଶବବାହନ ସେବା କେନ୍ଦୁଝର ଲୋକସେବା ସାଂସଦ ଅନନ୍ତ ନାୟକଙ୍କ କରକମଳରେ ଶୁଭାରମ୍ଭ ହୋଇଛି । ସାଂସଦ ବୁଧବାର ସନ୍ଧ୍ୟାରେ ପତକା ହଲାଇ ଦୁଇଟି ଶବବାହକ ଗାଡି(ମହାପ୍ରୟାଣ) ମାଗଣା ସେବା ଉଦ୍‌ଘାଟନ କରିଥିଲେ । ମାଗଣା ଶବ ବାହନ ସେବା ଦ୍ୱାରା ଦୁର୍ବଳବର୍ଗଙ୍କୁ ସହାୟକ ହେବ ବୋଲି ଶ୍ରୀ ନାୟକ କହିଛନ୍ତି । ଏହି ସେବା ମାଧ୍ୟମରେ ମୃତ ବ୍ୟକ୍ତିଙ୍କ ଶବକୁ ସମ୍ମାନର ସହିତ ତାଙ୍କ ଗୃହ କିମ୍ବା ଶ୍ମଶାନକୁ ପରିବହନ କରାଯାଇପାରିବ, ଯାହା ପରିବାରଗୁଡିକ ଉପରେ ଆର୍ଥିକ ଓ ମାନସିକ ବୋଝକୁ ହ୍ରାସ କରିପାରିବ । ଏହି ସେବା ସମ୍ପୂର୍ଣ୍ଣ ମାଗଣା ହେବ । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ୨ଟି ମାଗଣା ଶବବାହକ ଗାଡି ଯୋଗାଇ ଦିଆଯାଇଛି । ଏହି ମାଗଣା ସେବା ଶବବାହନ ପାଇଁ ଆବଶ୍ୟକତା ଅନୁସାରେ ପହଞ୍ଚିବ ବୋଲି ସିଡିଏମଓ ଡାକ୍ତର ବିନୋଦ ବିହାରୀ ମିଶ୍ର କହିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିଡିଏମଓ ଡାକ୍ତର ବିନୋଦ ବିହାରୀ ମିଶ୍ର, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ(ମେଡିକାଲ) ଡାକ୍ତର ପ୍ରଦୀପ କୁମାର ମିଶ୍ର, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ(ଜନସ୍ୱାସ୍ଥ୍ୟ) ଡାକ୍ତର ପୁରୁଷୋତ୍ତମ ମହାନ୍ତ, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ(ରୋଗ ନିୟନ୍ତ୍ରଣ) ଡାକ୍ତର ବସନ୍ତ କୁମାର ପାତ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ନିତ୍ୟରଞ୍ଜନ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରବାସୀ ଶ୍ରମିକଙ୍କ ଉପରେ ଆଇନ ସଚେତନତା ଶିବିର

**କେନ୍ଦ୍ରାପଡା। ନ୍ୟୁଜ୍ ବ୍ୟୁରୋ।**

କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟ ରେ ପୌରସଂସ୍ଥା ଟାଉନହଲ ଠାରେ ପ୍ରବାସୀ ଶ୍ରମିକଙ୍କ ଉପରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ପ୍ରବାସୀ ଶ୍ରମିକଙ୍କର ମୌଳିକ କର୍ତ୍ତବ୍ୟ ସଂପର୍କରେ ଆଲୋଚନା କରାଯାଇ ଥିଲା । ଉପସ୍ଥିତ ଥିବା ସାଧାରଣଙ୍କୁ ସମ୍ବିଧାନର ମୌଳିକ କର୍ତ୍ତବ୍ୟ ଓ ପ୍ରବାସୀ ଶ୍ରମିକ ମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଥିବା ଓ ବାହାର ରାଜ୍ୟରୁ ଆମ ରାଜ୍ୟକୁ ଆସିବା ଉପରେ ବିସ୍ତୃତ ଭାବେ ସଚେତନତା କରା ଯାଇଥିଲା । ସମ୍ବିଧାନର ନିୟମ ମାନି କର୍ତ୍ତବ୍ୟ କରିବା ଉପରେ ଆହ୍ୱାନ ଦେଇଥିଲେ । ଆଇନସେବା ପ୍ରାଧିକରଣ ସଚିବ ଶ୍ରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ଜିଲ୍ଲା ଶ୍ରମ ଅଧିକାରୀ ଏପି ମହା ମାନସିଂହ, ବରିଷ୍ଠ ଆଇନଜୀବି ରମଣୀ ରଂଜନ ରାଉତରାୟ ପ୍ରମୁଖ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।

# ସାମୁହିକ ଛୁଟିରେ ଗଲେ କେନ୍ଦୁଝର ଜିଲ୍ଲାର ସମସ୍ତ ଓଏଏସ ଅଧିକାରୀ

**କେନ୍ଦୁଝର,ନ୍ୟୁଜ୍**

ଭୁବନେଶ୍ୱର ମହାନଗର ନିଗମରେ କାର୍ଯ୍ୟରତ ବରିଷ୍ଠ ଓଏଏସ ଅଧିକାରୀ ରତ୍ନାକର ସାହୁଙ୍କ ଉପରେ ସମ୍ପ୍ରତି ହୋଇଥିବା ଆକ୍ରମଣର କଡ଼ା ପ୍ରତିକ୍ରିୟା ସ୍ୱରୂପ, ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ଆସୋସିଏସନ, କେନ୍ଦୁଝର ୟୁନିଟର ସମସ୍ତ ଓଏଏସ ଅଧିକାରୀ ସାମୁହିକ ଭାବେ ଅନିର୍ଦ୍ଦିଷ୍ଟକାଳ ପାଇଁ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଓଏଏସ ଅଧିକାରୀଙ୍କ ଦସ୍ତଖତ ସମ୍ବଳିତ ଦରଖାସ୍ତ ମାଧ୍ୟମରେ ଜିଲ୍ଲାପାଳଙ୍କୁ ସୂଚିତ କରାଯାଇଛି। ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଜିଲ୍ଲା ଓଏଏସ ସଂଘର ସଭାପତି ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଦସ୍ୟମାନଙ୍କ ମଧ୍ୟରେ ସର୍ବସମ୍ମତ କ୍ଷୋଭ ପ୍ରକାଶ ପାଇଥିଲା, ଏହି ଆକ୍ରମଣକୁ କେବଳ ଏକ ଅପରାଧିକ କାର୍ଯ୍ୟ ନୁହେଁ ବରଂ



ସାର୍ବଜନୀନ ସେବାର ମର୍ଯ୍ୟାଦା ଉପରେ ଏକ ସ୍ପଷ୍ଟ ଆକ୍ରମଣ ବୋଲି କହିଥିଲେ। ସଂଘ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଧନ୍ୟବାଦ ଦେବା ସହ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ସମସ୍ତ ଅପରାଧୀଙ୍କ ବିରୁଦ୍ଧରେ କଠୋର ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରି ଏକ ପ୍ରସ୍ତାବ ଗୃହୀତ କରାଯାଇଛି। ଆକ୍ରମଣକୁ ବିରୋଧ କରି ଏହି ଆନ୍ଦୋଳନକୁ ଜିଲ୍ଲା ଓଡ଼ିଶା ରାଜସ୍ୱ ସଂଘ ଏବଂ ରାଜସ୍ୱ ଅମଲା ସଂଘ ମଧ୍ୟ ସମର୍ଥନ ଜଣାଇଛନ୍ତି।

# ସାଂପ୍ରତିକ ସମସ୍ୟା ସମାଧାନ ପାଇଁ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



**ସୁବର୍ଣ୍ଣପୁର : ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାରେ ଗତ କିଛିଦିନ ହେବ ଲଗାଣ ବର୍ଷା ଲାଗି ରହିଥିବାରୁ ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା କଂଗ୍ରେସ ପକ୍ଷରୁ ପୂର୍ବତନ ବିଧାୟକ ତଥା ଜିଲ୍ଲା କଂଗ୍ରେସ ସଭାପତି ଙ୍କ ନେତୃତ୍ୱରେ ଏକ କମିଟି ଜିଲ୍ଲାପାଳ ଙ୍କୁ ଭେଟି ଏକ ଦାବୀପତ୍ର ପ୍ରଦାନ କରିଛନ୍ତି। ଚାଷୀ ମାନଙ୍କର ଅନେକ ଧାନ କ୍ଷତି ହୋଇଛି। ତତ୍ ସଙ୍ଗେ ସଙ୍ଗେ ସୁବର୍ଣ୍ଣପୁର ଜିଲ୍ଲାର ସଦରମହକୁମା ସମେତ ଜିଲ୍ଲା ର ଅନେକ ଡାକ୍ତର ଅଭାବ ଯୋଗୁଁ ରୋଗୀ ବହୁତ ହନ୍ତସନ୍ତ ହେଉଛନ୍ତି। କଂଗ୍ରେସ ପକ୍ଷରୁ ବିଭିନ୍ନ ଦାବି ଗୁଡ଼ିକ ଉପସ୍ଥାପନ କରିଛନ୍ତି; ୧.ଚାଷୀ ମାନଙ୍କ ଠାରେ ମହଜୁଦ ଥିବା ସମସ୍ତ ଧାନକୁ ସରକାରୀ ଦରରେ କିଣାଯାଉ। ୨.ଧାନ କିଣା ଅବଧି ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରି, ଯେଉଁ ଚାଷୀ ମାନଙ୍କର ଟୋକନ ସମୟ ସମାପ୍ତ ହୋଇଛି ତାକୁ ପୂନର୍ବାର କାର୍ଯ୍ୟକ୍ଷମ କରାଯାଉ।୩.ବର୍ଷାରେ କ୍ଷତି ସହିଥିବା ସମସ୍ତ ଚାଷୀ ଙ୍କୁ କ୍ଷତି ପୂରଣ ଦିଆଯାଉ।୪.ମଣ୍ଡି ମାନଙ୍କର ହେଉଥିବା ଅବ୍ୟବସ୍ଥା ଉନ୍ନତି ଦିଗରେ ପଦକ୍ଷେପ ନିଆଯାଉ, ନିୟମାନୁସାରେ ସମସ୍ତ ଆନୁଷଙ୍ଗିକ ଉପକରଣ ଯୋଗାଇ ଦିଆଯାଉ।୫.କଟନି ଛଟନୀ କଡାକଡି ଭାବେ ସମ୍ପୂର୍ଣ୍ଣ ବନ୍ଦ କରାଯାଉ।୬. ସରକାର ଙ୍କ ଘୋଷଣା ମୁତାବକ ସୁବର୍ଣ୍ଣପୁର ଜିଲ୍ଲା ମୂଖ୍ୟ ଚିକିତ୍ସାଳୟକୁ ମେଡିକାଲ କଲେଜର ମାନ୍ୟତା ପ୍ରଦାନ କରି ସମସ୍ତ ଡ଼ାକ୍ତର ପଦବୀ ପୂରଣ ସହିତ ଅତ୍ୟାଧୁନିକ ଯନ୍ତ୍ରପାତି ଯୋଗାଇ ଦିଆଯାଉ। ବିନୋଦ ପାତ୍ର, ପୂର୍ବତନ ବିଧାୟକ ତଥା ସଭାପତି ଜିଲ୍ଲା କଂଗ୍ରେସ କମିଟି, ସଂଗ୍ରାମ କେଶରୀ ନାୟକ, ଉପସଭାପତି ଡି ସି ସି, ନରେନ୍ଦ୍ର ସାହୁ, ବରିଷ୍ଠ ନେତା, ଯୁବନେତା ସୁବ୍ରତ ପାତ୍ର ସାମିଲ ହୋଇଥିଲେ ।

# ଡେଙ୍ଗୁ ଜ୍ୱର ପ୍ରତି ସତର୍କ ଓ ସଚେତନତା ଅଭିଯାନ

**ଯୋଡା : ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌର ପାଳିକା ଓ ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡର ମିଳିତ ଉଦ୍ୟମରେ ବୁଧବାର ସ୍ଥାନୀୟ ଲୋକମାନଙ୍କୁ ଡେଙ୍ଗୁ ରୋଗ ନିବାରଣ ପାଇଁ ପ୍ରତିକାରାତ୍ମକ ଓ ଆରୋଗ୍ୟକର ପଦକ୍ଷେପ ବିଷୟରେ ସଚେତନ କରାଇବା ଲକ୍ଷ୍ୟରେ ଏକ ସଚେତନତା ଅଭିଯାନର ଶୁଭାରମ୍ଭ କରାଯାଇଛି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବର୍ଷା ଋତୁରେ ବଡବିଲ ସହରରେ ଡେଙ୍ଗୁ, ମେଲେରିଆ ଆଦି ପ୍ରାଣଘାତକ ରୋଗରୁ ରକ୍ଷା ପାଇବା ନିମନ୍ତେ ୧ ଜୁଲାଇରୁ ୱାର୍ଡ ସଂଖ୍ୟା ୪ ରାମ ନଗର, ବଡବିଲ ଠାରେ ଡେଙ୍ଗୁ ସଚେତନତା ଅଭିଯାନ ଆରମ୍ଭ କରାଯାଇଥିଲା । ଶୁଭାରମ୍ଭ କାର୍ଯ୍ୟକ୍ରମରେ ୱାର୍ଡ ନମ୍ବର ୪ର କାଉନସିଲର ସଦସ୍ୟ ରଶ୍ମିତା ମହାନ୍ତି ଏବଂ ସ୍ୱଚ୍ଛ ସାଥୀ ମହିଳା ସମିତିର ପ୍ରତିନିଧି ମାନଙ୍କ ଉପସ୍ଥିତିରେ ହୋଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଲୋକଙ୍କ ନିକଟରେ ପହଞ୍ଚାଇବା ସହିତ ସେମାନଙ୍କୁ ସଚେତନ କରିବାରେ ସହାୟକ ହେବ ବୋଲି ଉପସ୍ଥିତ ଅତିଥି କହିଥିଲେ। ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ ବଡବିଲ ଅଫିସ ତରଫରୁ ଶ୍ରମିକ



ସେନଗୁପ୍ତ, ବିନୋଦ ବିହାରୀ ମହାନ୍ତ, ସିଦ୍ଧାନ୍ତ ଆଚାର୍ଯ୍ୟ, ସୋମେନ ହୋତା ଏହି ଅବସରରେ ଉପସ୍ଥିତ ଥିଲେ। ଏହି ଅବସରରେ ମଶା ନିବାରଣ ପାଇଁ ଆଣ୍ଟି ଲାର୍ଭା, ଫଗ ଧୂଆଁ ବ୍ୟବହାର, ଡେଙ୍ଗୁ ଜ୍ୱର ପ୍ରତି ସତର୍କ ଓ ସଚେତନତା ବାର୍ତ୍ତା ପ୍ରଚାର କରାଯାଇଥିଲା।

# ସତ୍ୟସାଇ ସେବା ସଂଗଠନର ମାଗଣା ପଶୁ ଚିକିତ୍ସା



**ଜଳେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଧିନସ୍ଥ ନଛିମପୁର ଗ୍ରାମପଞ୍ଚାୟତ ସ୍ଥିତ ଅର୍ଜ୍ଜୁନୀ ସଂଲଗ୍ନ ଥିବା ଏକ ପଡ଼ିଆରେ ସକାଳ ଆଠଟା ସମୟରେ ସତ୍ୟସାଇ ବାବାଙ୍କ ଦିବ୍ୟ କାର୍ଯ୍ୟକ୍ରମରେ ପଶୁମାନଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଗାଈ, ଛେଳି ଓ ବାଛୁରୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଇଞ୍ଜେକ୍ସନ ଓ ଭିଟାମିନ ମାଗଣାରେ ବିତରଣ କରାଯାଇ ଥିଲ। ଉକ୍ତ ମାଗଣା ସ୍ୱାସ୍ଥ୍ୟ ସେବା ଜଳେଶ୍ୱର ପଶୁ ଚିକିତ୍ସା କେନ୍ଦ୍ରରୁ ଯୋଗାଇ ଦିଆଯାଇ ଥିଲା।ଜଳେଶ୍ୱର ପଶୁ ଚିକିତ୍ସା ଏଲାଇ ବିଭାଗର ଅଧିକାରୀ ଶତ୍ରୁଘ୍ନ ସିଂ, ଶୁକଦେବ ସିଂହ ସ୍ୱାସ୍ଥ୍ୟ ପରୀକ୍ଷା କରି ଉତ୍ତମ ସେବା ଯୋଗାଇ ଦେଇଛନ୍ତି। ଉକ୍ତ ଦିବ୍ୟ କାର୍ଯ୍ୟକ୍ରମକୁ ଜଳେଶ୍ୱର ସତ୍ୟସାଇ ସମିତିର ଆବାହକ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ପୂର୍ବତନ ଆବାହକ ରାମଚନ୍ଦ୍ର ସାହୁ, ସେବା ସଂଯୋଜକ ପ୍ରଦୀପ କୁମାର ଜେନା, ସାଇ ଆଶ୍ରିତ ସଞ୍ଜୟ ପ୍ରଧାନ, ରମାକାନ୍ତ ନନ୍ଦୀ, ମଧୁସୂଦନ ମହାନ୍ତି, ସୁଦାମ ପାତ୍ର, ଦିଲ୍ଲିପ କୁମାର ପ୍ରଧାନ, କେଦାର ନାଥ ଜେନା, ୱାର୍ଡ ସଭ୍ୟାଙ୍କ ପ୍ରତିନିଧି ବଂଶୀଧର ପ୍ରଧାନ ପରିଚାଳନା କରିବା ସହିତ ସହଯୋଗ କରିଥିଲେ।

# ସୁନା ଗହଣା ଲୁଟ ଘଟଣାର ଦୋଷୀଙ୍କୁ ଯଥାଶୀଘ୍ର ଧରିବାକୁ ଗ୍ରାମବାସୀ ଥାନାର ଦ୍ୱାରସ୍ଥ

**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ସଦର ମହାକୁମା କଦୁଭାଟା ସାହିରେ ରହୁଥିବା ସୁନା ବ୍ୟବସାୟୀ ରାମ ଡାକୁଆ ରାଇଘର ମେଡିକାଲ ଛକରେ ଏକ ସୁନା ଦୋକାନ କରିଥିଲେ। ଦୋକାନରେ ଥିବା ସୁନା, ରୁପାକୁ ଧରି ନିଜ ସ୍ତ୍ରୀ ସହ ସବୁଦିନ ଭଳି ଘରକୁ ଯାଉଥିଲେ। କିନ୍ତୁ କିଏ ଜାଣିଛି ଘର ପାଖେ ଛପି ରହିଥିଲା। କିଛି ମୁଖା ପିନ୍ଧା ଦୁର୍ବୃତ୍ତ ରାମ ଡାକୁଆଙ୍କୁ ବନ୍ଧୁକ ଦେଖାଇ ଗୁଳି କରିଥିଲେ ଏବଂ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ଠେଙ୍ଗାରେ ମାଡ ମାରି ସୁନା ରୁପା ସବୁ ଗହଣା ଯାହାର ମୂଲ୍ୟ ୨୪ ଲକ୍ଷ ଟଙ୍କା ସମସ୍ତ ଗହଣା ଲୁଟି ନେଇଯାଇଥିଲେ। ସ୍ୱାମୀ ସ୍ତ୍ରୀଙ୍କୁ ଏତେ ଆଘାତ ଲାଗିଥିଲା ଯେ ଉଭୟଙ୍କୁ ଜଗଦଲପୁର ମେଡିକାଲକୁ ଭର୍ତ୍ତି କରାଯାଇଥିଲା। ଏହି ଘଟଣାକୁ ନେଇ ରାମ ଡାକୁଆ ରାଇଘର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଘଟଣା ଟିମ ଆସି ତଦନ୍ତ କରିବା ସହ ଉମରକୋଟ ଏସଡିପିଓଙ୍କ ସମେତ ଅତିରିକ୍ତ ଏସପି ଘଟଣାସ୍ଥଳକୁ ଆସି ତଦନ୍ତ ଜୋରସୋର ଚଳେଇଥିବାର ଦେଖିବାକୁ ମିଳିଛି । ଏହି ଚୋରି ସନ୍ଦେହରେ ପୋଲିସ କେତେକ ଯୁବକଙ୍କୁ ଥାନାରେ ଆଣି ପଚରା ଉଚରା କରିଛି। କିନ୍ତୁ ଆଜିକୁ ୧୭ ଦିନ ବିତିଗଲା ଆଜିଯାଏ ସଠିକ ଦୁର୍ବୃତ୍ତଙ୍କୁ ଧରା ପଡିନଥିବାରୁ ରାମ ଡାକୁଆଙ୍କ ସହ ସାହିର ଲୋକ ରାଇଘର ଥାନାକୁ ଯାଇ ଥାନା ଅଧିକାରୀ ରଘୁନାଥ ମାଝୀଙ୍କ ସହ ଦେଖାକରି ଯଥାଶୀଘ୍ର ଦୋଷୀଙ୍କୁ ଧରି କଠୋର ଦଣ୍ଡଦେବାକୁ କହିଛନ୍ତି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୩।୭।୨୦୨୫, ଆଷାଢ଼ ଦି୧୯ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୧୨।୦୬ ଚନ୍ଦ୍ରୋଦୟ- ଦିଘ ୧୨।୧୧।୧୪**

**ଅଷ୍ଟମୀ-** ଦିଘ ୨।୦୭ ପର୍ଯ୍ୟନ୍ତ । **ହସ୍ତା ନକ୍ଷତ୍ର-** ଦିଘ ୧।୫୧ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର-** ରାଘ ୩।୧୯ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । ରାଘ ୩।୧୯ ଗତେ ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ବୃଷ ରାଶିର । ରାଘ ୩।୧୯ ମଧ୍ୟେ । **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଦିଘ ୨।୦୭ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୬ ଗତେ ଘ ୬।୦୯ ମଧ୍ୟେ, ଦିଘ ୯।୩୯ ଗତେ ଘ ୧୧।୨୫ ମଧ୍ୟେ । **ପର୍ବୋତ୍ସବ-** ପରଶୁରାମାଷ୍ଟମୀ, ନବମୀ ସନ୍ଧ୍ୟା ଦର୍ଶନ ।

**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଘରେ କଳହ ଦେଖାଦେଇପାରେ । ବନ୍ଧୁଙ୍କ ସହ ମତାନ୍ତର ଓ ଅସହଯୋଗ ଦେଖାଦେବ ।

**ବୃଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅସହଯୋଗ ଦେଖାଦେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଅଶାନ୍ତିର ବାତାବରଣ ରହିବ । ମାନସିକ ଅଶାନ୍ତି ମନକୁ ଭାରାକ୍ରାନ୍ତ କରିବ ।

**ମିଥୁନ:** ଆୟ ଯୋଗର ସମ୍ଭାବନା । ଶତ୍ରୁ ନାଶ ହେବେ । ଦେହ ଓ ମନ ଭଲ ରହିବ । ପରୋପକାରୀ ହେବେ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ମହିଳାମାନେ ସୁଖୀ ହେବାର ସୂଚନା ।

**କର୍କଟ:** ଶରୀରରେ ସାମାନ୍ୟ ପୀଡ଼ା ଦେଖାଦେଇପାରେ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ। ରୋଜଗାର ଭଲ ହେବ । ଦୂରଯାତ୍ରା କରି ସଫଳତା ହାସଲ କରିବେ ।

**ସିଂହ:** ଶୁଭ ଖବର ପାଇ ଆନନ୍ଦିତ ହେବେ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ ।

**କନ୍ୟା:** ଆଜି ଆପଣଙ୍କର ଦିନଟି ଆନନ୍ଦରେ କଟିବ । ବ୍ୟବସାୟରେ ଲାଭବାନ୍ ହେବେ । ରୋଜଗାରର ପରିମାଣ ବଢ଼ିବ । ଘରେ ଆନନ୍ଦ ଦେଖାଦେବ । ବନ୍ଧୁଙ୍କ ସହ ଆମୋଦ ପ୍ରମୋଦରେ ଦିନଟି କଟିପାରେ ।

**ତୁଳା:** ଦୂର ସ୍ଥାନକୁ ଯିବା ପାଇଁ ବାଧ ହେବେ । ଆର୍ଥିକ କ୍ଷେତ୍ରରେ ଉନ୍ନତି ଘଟିବ । ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ମନରେ ଆନନ୍ଦ ଦେଖାଦେବ। ମହିଳାମାନେ ସୁଖୀ ହେବେ ।

**ବିଛା:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । ମାନସିକ ଶାନ୍ତି ଅବ୍ୟାହତ ରହିବ । ଅଟକି ରହିଥିବା କାର୍ଯ୍ୟଟି ସମ୍ପୂର୍ଣ୍ଣ ହେବ । ଶରୀର ସୁସ୍ଥ ରହିବ । ଆୟ ଓ ବ୍ୟୟ ସମାନ ରହିବାର ସୂଚନା ।

**ଧନୁ:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମିଳିବନାହିଁ । ମାନସିକ ଅଶାନ୍ତି ମନକୁ ବିଚଳିତ କରିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ ।

**ମକର:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ପରୋପକାର କରି ଆନନ୍ଦିତ ହେବେ । ମନ ଭଲ ରହିବ । ରୋଜଗାର ଭଲ ହେବ । ଘରେ ଶାନ୍ତି ଲାଭ ହେବ ।

**କୁମ୍ଭ:** କର୍ମକ୍ଷେତ୍ରରେ ଆତ୍ମ ସନ୍ତୋଷ ଲାଭ କରିବେ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଆୟ ମଧ୍ୟମ ଧରଣର ହେବ । ଦେବ ଦର୍ଶନ ସହିତ ସେବା ପୂଜାର ସୁଯୋଗ ମଧ୍ୟ ଜୁଟିପାରେ ।

**ମୀନ:** ସାମାଜିକ ସ୍ତରରେ ମାନ ସମ୍ମାନ ବଢ଼ିବ । କର୍ମକ୍ଷେତ୍ରରେ ଶୁଭଫଳ ପାଇବେ । ପାରିବାରିକ ଶାନ୍ତି ମିଳିବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ପିଲାମାନେ ପଢ଼ାପଢ଼ିରେ ମନ ଦେବେ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୪।୭।୨୦୨୫, ଆଷାଢ଼ ଦି୨୦ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୧୨।୨୫ ଚନ୍ଦ୍ରୋଦୟ- ଦିଘ ୧।୦୦।୨୩**

**ନବମୀ-** ଦିଘ ୪।୩୨ ପର୍ଯ୍ୟନ୍ତ । **ଚିତ୍ରା ନକ୍ଷତ୍ର-** ଦିଘ ୪।୫୦ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ଦିଘ ୪।୩୨ ପରେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୯ ଗତେ ଘ ୭।୦୧ ମଧ୍ୟେ, ଦିଘ ୧୨।୧୮ ଗତେ ଘ ୨।୫୫ ମଧ୍ୟେ । **ପର୍ବୋତ୍ସବ-** ଆଡ଼ପ ମଣ୍ଡପେ ଶ୍ରୀଜୀୟୁଙ୍କ ଶେଷ ସନ୍ଧ୍ୟା ଦର୍ଶନ ।

ଭୁବନେଶ୍ୱର
୦୩ ଜୁଲାଇ,
ଗୁରୁବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ତାଳଧ୍ୱଜରେ ପ୍ଲେଟ୍ ଓ ନନ୍ଦିଘୋଷରେ କ୍ଲାମ୍ପ ଲାଗିଲା

**ପୁରୀ,୦୨/୦୭ ନ୍ୟୁଜ ବ୍ୟୁରୋ**

ଶ୍ରୀଜୀଉଙ୍କ ବାହୁଡା ଯାତ୍ରା ପାଇଁ ଶରଧାବାଲିରେ ବୁଧବାର ରଥ ଦକ୍ଷିଣ ମୋଡ଼ ଅନୁଷ୍ଠିତ ହୋଇଥିବା ବେଳେ ପୂର୍ବରୁ ତିନି ରଥ ଯାଞ୍ଚ କରାଯାଇ ଆବଶ୍ୟକ ମରାମତି କରାଯାଇଛି । ତାଳଧ୍ୱଜ ରଥର ୩ଟି ଚକରେ ୪ଟି ଲେଖା ପ୍ଲେଟ୍ ଲାଗିଛି। ଏଥିସହ ନନ୍ଦିଘୋଷ ରଥର ନାହାକା ଅଖରେ କ୍ଲାମ୍ପ ଲାଗିଛି । ସେହିଭଳି ଦେବଦଳନ ରଥର ସ୍ଥିତି ପରଖି ଆବଶ୍ୟକ ମରାମତି ହୋଇଛି । ରଥ ଦକ୍ଷିଣ ମୋଡ଼ରେ ଶ୍ରୀଗୁଣ୍ଡିଚା ଘର ସିଂହଦ୍ୱାର ସମ୍ମୁଖରୁ ରଥତ୍ରୟ ଟଣା ହୋଇ ନାକଚଣା ଦ୍ୱାରକୁ ଆସିଛି । ଏଣୁ ବିଶ୍ୱକର୍ମା, ଭୋଇ ସେବକ, କମାର ସେବକ, ଇଂଜିନିୟରଙ୍କ ଉପସ୍ଥିତିରେ ରଥ ଯାଞ୍ଚ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଆସନ୍ତା ୫ ତାରିଖ ଶନିବାର ବାହୁଡ଼ା ଯାତ୍ରାରେ ଗୁଣ୍ଡିଚା ଘରୁ ଶ୍ରୀମନ୍ଦିରକୁ ବାହୁଡ଼ିବେ ରଥାରୂଢ ଠାକୁରେ । ଦକ୍ଷିଣ ମୋଡ଼ ପରେ ବାହୁଡ଼ା ପୂର୍ବରୁ ପୁଣି ତିନି ରଥର ସ୍ଥିତି ଯାଞ୍ଚ ହେବ ବୋଲି ଶ୍ରୀମନ୍ଦିର ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ କହିଛନ୍ତି ।

### ୭୦ ବର୍ଷରେ ପଦାର୍ପଣ କଲା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଏସବିଆଇ ଭାରତର ବୃହତ ବ୍ୟାଙ୍କିଂ ନେଟୱାର୍କ : ଅର୍ଥମନ୍ତ୍ରୀ



**ନୂଆଦିଲ୍ଲୀ, ୨/୦୭**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଭାରତରେ ସେବା ଯୋଗାଇ ଆସିବାକୁ ୭୦ବର୍ଷ ପୂରଣ ହୋଇଛି । ଏହି ଅବସରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବିଗତ ଦଶନ୍ଧିରେ ବ୍ୟାଙ୍କ ଦ୍ୱାରା ନିଆଯାଇଥିବା ଡିଜିଟାଲ ପରିବର୍ତ୍ତନ ଭଳି ପଦକ୍ଷେପ ଗ୍ରାହକମାନଙ୍କୁ ବହୁଳ ଭାବେ ଲାଭ ପ୍ରଦାନ କରିଥିବାର କହିଛନ୍ତି । ୭୦ ବର୍ଷ ପୂର୍ତ୍ତି ଅବସରରେ ବିତ୍ତମନ୍ତ୍ରୀ ଏସବିଆଇକୁ ଶୁଭେଚ୍ଛା ଜଣାଇବା ସହିତ ଆଗାମୀ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ପୂରଣ ନିମନ୍ତେ ଏହା ଭାରତରେ ନିଜର ସେବା ଜାରି ରଖିବ ବୋଲି ଆଶା ପ୍ରକାଶ କରିଛନ୍ତି। ସାରା ଭାରତରେ ୨୩,୦୦୦ରୁ ଊର୍ଦ୍ଧ୍ୱ ବ୍ରାଞ୍ଚ, ୭୮,୦୦୦ କଷ୍ଟମର ସର୍ଭିସ ପଏଣ୍ଟ ସହ ୬୪,୦୦୦ ଏଟିଏମ ସେଣ୍ଟର ସହିତ ଏସବିଆଇ ଭାରତର ଏକ ବୃହତ୍ତ ବ୍ୟାଙ୍କିଂ ନେଟୱର୍କ ଅଟେ। ଏସବିଆଇର ପରିଚାଳନା ପ୍ରକ୍ରିୟାରେ ଡିଜିଟାଲ ପରିବର୍ତ୍ତନ ବିଗତ ଦଶନ୍ଧିରେ ଏହାର ଗ୍ରାହକଙ୍କୁ ବହୁଳ ମାତ୍ରାରେ ଲାଭବାନ କରିପାରିଛି ବୋଲି ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ନିଜ ଏକ୍ସ ହ୍ୟାଣ୍ଡେଲରେ ପ୍ରକାଶ କରିଛନ୍ତି। ଏସବିଆଇ ଦେଢ କୋଟି ଚାଷୀ, ୧.୩ କୋଟି ମହିଳାଙ୍କ ନେତୃତ୍ୱାଧୀନ ସ୍ୱୟଂ ସହାୟକ ଗୋଷ୍ଠି, ୩୨ ଲକ୍ଷ ଖୁଚୁରା ଦୋକାନୀଙ୍କୁ ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାରେ ସାମିଲ କରିଛି । ଏହା ସହ ୨୩ ଲକ୍ଷ ମିଡିୟମ୍ ସ୍କେଲ୍ ମିଡିୟମ୍ ଏଣ୍ଟରପ୍ରାଇସ ସହ ଲକ୍ଷଲକ୍ଷ କଳାକାରମାନଙ୍କୁ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରିଛି । ଏସବିଆଇରେ ୧୫କୋଟିରୁ ଅଧିକା ଜନଧନ ଆକାଉଣ୍ଟ ରହିଛି । ଏହା ସହ ୧୪.୬୫ କୋଟି ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ୧.୭୩ କୋଟି ଅଟଳ ପେନସନ ଯୋଜନା ଏବଂ ୭ କୋଟି ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କ ଆକାଉଣ୍ଟ ରହିଛି। ନିଜର ୭୦ ତମ ବର୍ଷ ପୂର୍ତ୍ତି ଅବସରରେ ଏସବିଆଇ, ଆଗାମୀ ୨୦୨୭ ମସିହା ସୁଦ୍ଧା ୪୦ ଲକ୍ଷ ଘରେ ସୌରଶକ୍ତି ପହଞ୍ଚାଇବ ବୋଲି ନିଜର ଯୋଜନା ସମ୍ପର୍କରେ ପ୍ରକାଶ କରିଥିଲା । ଏହା ଦ୍ୱାରା ଦେଶ ନବୀକରଣ ଶକ୍ତିସ୍ରୋତକୁ ଆପଣାଇବା ଲକ୍ଷ୍ୟକୁ ସାଧନ କରାଯାଇପାରିବ । ଆମେ ଆମର ଲୋକ, ପ୍ରଯୁକ୍ତିବିଦ୍ୟା ଏବଂ ଭିତ୍ତିଭୂମିର ବିକାଶ ପାଇଁ ଗଭୀର ଭାବେ ନିବେଶ କରୁଛୁ । ଏହା ଦ୍ୱାରା ଅନେକ ଆଶା ଓ ଆକାଂକ୍ଷାକୁ ଗତି ଓ ଦାୟିତ୍ୱପୂର୍ଣ୍ଣ ଉପାୟରେ ପୂରଣ କରିହେବ । ଏସବିଆଇ ଅଧକ୍ଷ ସିଏସ ସେଟ୍ଟୀ କହିଛନ୍ତି, ଆମର ସଂଖ୍ୟା ବଢାଇବା ଲକ୍ଷ୍ୟ ନୁହେଁ, ବରଂ ଏକ ଉଦ୍ଦେଶ୍ୟ ସହିତ ପ୍ରତ୍ୟେକ ଅଂଶୀଦାରଙ୍କ ଲାଭକୁ ଦୀର୍ଘକାଳୀନ କରିବା ସହିତ ଭାରତକୁ ଶକ୍ତିଶାଳୀ କରିବା ସହିତ ଏକ ସୁଦୃଢ ଭବିଷ୍ୟତ ଆଡକୁ ନେବା ହେଉଛି ଆମର ଲକ୍ଷ୍ୟ ବୋଲି କହିଛନ୍ତି । ଏସବିଆଇ ୧୯୫୫ ମସିହା ଜୁଲାଇ ୧ ତାରିଖରୁ ଭାରତରେ ସେବା ଯୋଗାଇ ଆସୁଥିବା ବେଳେ ସ୍ୱାଧୀନତା ପରବର୍ତ୍ତୀ କାଳରେ ଭାରତର ପ୍ରାଥମିକ ଉନ୍ନତି ଲକ୍ଷଣ ଗୁଡିକୁ ହାସଲ କରିବାରେ ସାହାଯ୍ୟ କରିଆସିଛି। ଏହା ସହିତ ଭାରତକୁ ଏହାର ଡିଜିଟାଲ ଯୁଗରେ ଅଗ୍ରୀମ ସେବା ଯୋଗାଇ ଦେଶକୁ ସବୁଜ ଅର୍ଥନୈତିକ ଦିଗରେ ଆଗେଇବାରେ ସାହାଯ୍ୟ କରିଛି । ଭାରତର ଏକ ପ୍ରମୁଖ ବ୍ୟାଙ୍କ ହିସାବରେ ଏହା ୫୨ କୋଟି ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିପାରିଛି ।

### ଯାତ୍ରୀ ସେବା ପାଇଁ ୱାନ୍ ଷ୍ଟପ୍ ସମାଧାନ

## ରେଲ୍ ୱାନ୍ ଆପ୍ ଲଞ୍ଚ୍ କଲେ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ



**ନୂଆଦିଲ୍ଲୀ, ୨/୭**

ସମସ୍ତ ଯାତ୍ରୀ ସେବା ପାଇଁ ୱାନ୍ ଷ୍ଟପ୍ ସମାଧାନ ପ୍ରଦାନ କରିବା ପାଇଁ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୁପରଆପ୍ 'ରେଲ୍ ୱାନ୍' ଲଞ୍ଚ୍ କରିଛନ୍ତି। ସେଣ୍ଟର ଫର୍ ରେଲୱେ ଇନଫର୍ମେସନ ସିଷ୍ଟମ୍ସ (ସିଆର୍‌ଆଇଏସ୍)ର ୪୦ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଶ୍ରୀ ବୈଷ୍ଣବ ଏହି ଆପ୍ ଲଞ୍ଚ୍ କରିଛନ୍ତି। ଯାତ୍ରୀମାନେ ଅପଡେଟ୍ ସୂଚନା ପାଇବା ପାଇଁ ସ୍ମାର୍ଟ ଡିଭାଇସ୍- ଆଣ୍ଡ୍ରଏଡ୍ ପ୍ଲେ ଷ୍ଟୋର ଏବଂ ଆଇଓଏସ୍ ଆପ୍ ଷ୍ଟୋରରୁ ଏହି ଆପ୍ ଡାଉନଲୋଡ୍ କରିପାରିବେ। ରେଳ ମନ୍ତ୍ରଣାଳୟ ଅନୁଯାୟୀ, ଏହି ଆପ୍ ଟିକେଟିଂ- ସଂରକ୍ଷିତ, ଅଣସଂରକ୍ଷିତ, ପ୍ଲାଟଫର୍ମ ଟିକେଟ୍, ଟ୍ରେନ ସମ୍ବନ୍ଧିୟ ସୂଚନା, ପିଏନ୍‌ଆର୍, ଯାତ୍ରା ଯୋଜନା, ରେଲ୍ ମଦଦ ସେବା, ଟ୍ରେନରେ ଖାଦ୍ୟ ସମେତ ସେବା ପାଇଁ ସହଜ ସୁବିଧା ପ୍ରଦାନ କରେ। ଏଥିରେ ମାଲ୍ ପରିବହନ ସେବା ସମ୍ବନ୍ଧୀୟ ପଚରାଉଚରା ପାଇଁ ମଧ୍ୟ ବୈଶିଷ୍ଟ୍ୟ ରହିଛି। 'ରେଳ ଭିତ୍ତିଭୂମିର ଦ୍ରୁତ ବିକାଶ ପରେ ଲୋକଙ୍କର ରେଳବାଇ ଉପରେ ଭରସା ଅଛି। ରେଳବାଇ ପ୍ରତି ଲୋକଙ୍କ ବିଶ୍ୱାସକୁ ସୁଦୃଢ଼ କରିବା ଆମର ଦାୟିତ୍ୱ। ଯାତ୍ରୀମାନେ ଏବେ ରେଲ୍ ୱାନ୍ ଆପ୍ ମାଧ୍ୟମରେ ଅଣସଂରକ୍ଷିତ ଟିକେଟ୍ ବୁକ୍ କରିପାରିବେ। ପ୍ରାଥମିକତା ହେଉଛି ଯାତ୍ରୀଙ୍କ ସୁରକ୍ଷା, ବୋଲି ଲଞ୍ଚ୍ ଅବସରରେ ଶ୍ରୀ ବୈଷ୍ଣବ କହିଛନ୍ତି। ପ୍ରାୟ ୭୦ ପ୍ରତିଶତ ଷ୍ଟେସନରେ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମ୍ ପ୍ରଚଳନ କରାଯାଇଛି। ବାର୍ଷିକ ପ୍ରାୟ ୭୩୦ କୋଟି ଯାତ୍ରୀ ଟ୍ରେନ୍ ମାଧ୍ୟମରେ ଯାତ୍ରା କରନ୍ତି। ନମୋ ଭାରତ, ବନ୍ଦେ ଭାରତ ଏବଂ ଅମୃତ ଭାରତ ଭଳି ନୂତନ ପ୍ରଯୁକ୍ତିବିଦ୍ୟା ଟ୍ରେନଗୁଡ଼ିକୁ ମଧ୍ୟ ବିଭିନ୍ନ ରୁଟ୍‌ରେ ଚଳାଚଳ କରିବା ପାଇଁ ପ୍ରଚଳନ କରାଯାଇଛି, ଯାହା ଲୋକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିଛି ବୋଲି ଶ୍ରୀ ବୈଷ୍ଣବ ଏହା କହିଛନ୍ତି। ଆପ୍‌ର ମୁଖ୍ୟ ଗୁରୁତ୍ୱ ହେଉଛି ନିର୍ବିଘ୍ନ ଏବଂ ସ୍ୱଚ୍ଛ ୟୁଜର ଇଣ୍ଟରଫେସ୍ ମାଧ୍ୟମରେ ଉପଭୋକ୍ତା ଅଭିଜ୍ଞତାକୁ ବୃଦ୍ଧି କରିବା। ଏହା କେବଳ ଗୋଟିଏ ସ୍ଥାନରେ ସମସ୍ତ ସେବାକୁ ସଂଯୋଗ କରେ ନାହିଁ ବରଂ ଉପଭୋକ୍ତାମାନଙ୍କୁ ଭାରତୀୟ ରେଳ ସେବାର ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଦେବା ପାଇଁ ସେବାଗୁଡ଼ିକ ମଧ୍ୟରେ ଅନେକ ସମନ୍ୱୟ ମଧ୍ୟ ରହିଛି। ସିଙ୍ଗଲ୍-ସାଇନ୍-ଇନ୍ ସୁବିଧା ଏହି ଆପ୍‌ର ଅନନ୍ୟ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ ଯାହା ଉପଭୋକ୍ତାଙ୍କଠାରୁ ଅନେକ ପାସୱାର୍ଡ ମନେ ରଖିବାର ବୋଝ ହ୍ରାସ କରେ। ଡାଉନଲୋଡ୍ ହେବା ପରେ ଉପଭୋକ୍ତା ପଞ୍ଜିକରଣ କରିବା ପାଇଁ ମୋବାଇଲ୍ ଆପ୍‌ରେ ରେଳ ସଂଯୋଗ କିମ୍ବା ୟୁଟିଏସର ସେମାନଙ୍କର ବିଦ୍ୟମାନ ୟୁଜର ପ୍ରମାଣପତ୍ର ବ୍ୟବହାର କରିପାରିବେ। ଏହା ବ୍ୟତୀତ ୟୁଜରମାନଙ୍କୁ ବିଭିନ୍ନ ସେବା ପାଇଁ ଅନେକ ଆପ୍ଲିକେସନ୍ ବହନ କରିବାକୁ ପଡ଼ିବ ନାହିଁ। ଏହା ୟୁଜରଙ୍କ ଡିଭାଇସ୍‌ରେ ସ୍ଥାନ ବ୍ୟବହାର ମଧ୍ୟ ହ୍ରାସ କରେ। ଏଥିରେ ରେଲୱେ ଇ-ୱାଲେଟ୍ (ଜ-ୱାଲେଟ୍) ସୁବିଧା ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ସାଂଖ୍ୟିକ ଏମ୍‌ପିନ୍ ଏବଂ ବାୟୋମେଟ୍ରିକ୍ ମାଧ୍ୟମରେ ଲଗଇନ୍ କରିବାର ଏକ ସରଳ ଲଗଇନ୍ ବିକଳ୍ପ ମଧ୍ୟ ପ୍ରଦାନ କରାଯାଇଛି। ନୂତନ ୟୁଜର ପଞ୍ଜିକରଣ ପାଇଁ ସର୍ବନିମ୍ନ ୟୁଜର ଡାଟା ଆବଶ୍ୟକ, ଯାହା ଏହାକୁ ସହଜ ଏବଂ ଦ୍ରୁତ କରିଥାଏ। ଅନୁସନ୍ଧାନ ଉଦ୍ଦେଶ୍ୟରେ, ୟୁଜରମାନେ ମୋବାଇଲ୍ ନମ୍ବର/ଓଟିପି ମାଧ୍ୟମରେ ଲଗଇନ୍ କରିପାରିବେ। ଏହି ନୂତନ ଭାବେ ଆରମ୍ଭ ହୋଇଥିବା ଆପ୍ ସଂରକ୍ଷିତ ଏବଂ ଅଣସଂରକ୍ଷିତ ଟିକେଟ୍, ପ୍ଲାଟଫର୍ମ ଟିକେଟ୍, ଟ୍ରେନ୍ ବିଷୟରେ ଏନକ୍ୱାରୀ, ପିଏନଆର ସୂଚନା, ଯାତ୍ରା ଯୋଜନା, ରେଳ ସହାୟତା ସେବା ଏବଂ ଟ୍ରେନ୍‌ରେ ଖାଦ୍ୟ ଭଳି ବିଭିନ୍ନ ସେବା ପାଇଁ ସହଜ ପ୍ରବେଶ ପ୍ରଦାନ କରେ।

## ସ୍ୱାଧୀନ ଭାରତର ସବୁଠାରୁ ବଡ଼ ସଂସ୍କାର ହେଉଛି ନୂତନ ଅପରାଧିକ ଆଇନ



**ନୂଆଦିଲ୍ଲୀ, ୨/୭**

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ତିନୋଟି ନୂତନ ଫୌଜଦାରୀ ଆଇନ ପ୍ରଣୟନକୁ ସ୍ୱାଧୀନ ଭାରତର ସବୁଠାରୁ ବଡ଼ ସଂସ୍କାର ବୋଲି ଅଭିହିତ କରିଛନ୍ତି ଏବଂ କହିଛନ୍ତି ଯେ ଏହା ନ୍ୟାୟିକ ପ୍ରକ୍ରିୟାକୁ କେବଳ ସୁଲଭ ନୁହେଁ ବରଂ ସରଳ, ସମୟସୀମା ଏବଂ ସ୍ୱଚ୍ଛ କରିବା। ଶ୍ରୀ ଶାହ ଗୁରୁତ୍ୱାରୋପ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ନୂତନ ଆଇନ - ବିଏନ୍‌ଏସ୍, ବିଏନ୍‌ଏସ୍‌ଏସ୍ ଏବଂ ବିଏସ୍‌ଏର ପ୍ରସ୍ତୁତ କରିଛନ୍ତି ଯାହା ଦ୍ୱାରା ନାଗରିକଙ୍କ ସମସ୍ତ ଅଧିକାର ସୁରକ୍ଷିତ ରହିବ ଏବଂ କୌଣସି ଅପରାଧୀ ଦଣ୍ଡରୁ ମୁକ୍ତ ନ ରହିବେ। ତିନୋଟି ଆଇନ ପ୍ରଣୟନର ଏକ ବର୍ଷ ପୂର୍ତ୍ତି ଅବସରରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇଶ୍ରୀ ଶାହ କହିଛନ୍ତି, 'ଏହି ଆଇନଗୁଡ଼ିକ ଦେଶର ଫୌଜଦାରୀ ନ୍ୟାୟ ବ୍ୟବସ୍ଥାକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପରିବର୍ତ୍ତନ କରିବାକୁ ଯାଉଛି । ମୁଁ ସମସ୍ତ ନାଗରିକଙ୍କୁ ଆଶ୍ୱାସନା ଦେଉଛି ଯେ ନୂତନ ଆଇନର ପୂର୍ଣ୍ଣ କାର୍ଯ୍ୟକାରିତା ପାଇଁ ସର୍ବାଧିକ ତିନି ବର୍ଷ ସମୟ ଲାଗିବ। ମୁଁ ଆତ୍ମବିଶ୍ୱାସର ସହିତ ଏହା ମଧ୍ୟ କହିପାରିବି ଯେ ଏଫ୍‌ଆଇଆର୍ ଦାୟର କରିବାର ତିନି ବର୍ଷ ମଧ୍ୟରେ ଯେକୌଣସି ବ୍ୟକ୍ତି ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ନ୍ୟାୟ ପାଇପାରିବେ।' ସେ ଦେଶର ନ୍ୟାୟିକ ବ୍ୟବସ୍ଥା ସମ୍ମୁଖରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି "କେବେ ନ୍ୟାୟ ମିଳିବ', ଦୀର୍ଘ ସମୟ ଧରି ପଡ଼ି ରହିଥିବା ମାମଲାଗୁଡ଼ିକୁ ଉଲ୍ଲେଖ କରି କହିଥିଲେ ଯେ ଏହା ବାରମ୍ବାର ସ୍ଥଗିତ ରଖିବାର ଯୁଗ ଥିଲା। କିନ୍ତୁ ତିନୋଟି ନୂତନ ଆଇନର ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବା ପରେ ଯଦି କେହି ଦେଶର ଯେକୌଣସି କୋଣରେ ଏଫଆଇଆର ଦାୟର କରନ୍ତି, ତେବେ ତାଙ୍କୁ ତିନି ବର୍ଷ ମଧ୍ୟରେ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ନ୍ୟାୟ ମିଳିବ ବୋଲି ସେ କହିଛନ୍ତି। ଶ୍ରୀ ଶାହା ମଧ୍ୟ ବିଶ୍ୱାସ ପ୍ରକାଶ କରିଛନ୍ତି ଯେ ନୂତନ ଅପରାଧିକ ଆଇନଗୁଡ଼ିକ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବା ପରେ, 'ବିଶ୍ୱର ଅନ୍ୟ ଯେକୌଣସି ଦେଶ ତୁଳନାରେ ଦୋଷୀ ସାବ୍ୟସ୍ତ ହେବାର ହାର ଅଧିକ ହେବ, ଆମର ନ୍ୟାୟିକ ବ୍ୟବସ୍ଥା ବିଶ୍ୱର ସବୁଠାରୁ ଆଧୁନିକ ବ୍ୟବସ୍ଥା ହେବ ଏବଂ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଭାରତରେ ସର୍ବାଧିକ ହେବ। ସେ କହିଛନ୍ତି ଯେ ନୂତନ ଆଇନ ଅନୁଯାୟୀ, ସାତ ବର୍ଷ ଦଣ୍ଡର ବ୍ୟବସ୍ଥା ଥିବା ସମସ୍ତ ମାମଲା ପାଇଁ ଫରେନସିକ୍ ପ୍ରମାଣକୁ ବାଧ୍ୟତାମୂଳକ କରାଯାଇଛି। ଶ୍ରୀ ଶାହ କହିଛନ୍ତି ଯେ ଆଗାମୀ ଦିନରେ ଦେଶର ଅପରାଧିକ ନ୍ୟାୟ ବ୍ୟବସ୍ଥା ଏକ ନୂତନ ଯୁଗରେ ପ୍ରବେଶ କରିବ ଏବଂ ଏହା ନିଶ୍ଚିତ ଭାବରେ 'ଏଫଆଇଆର ଦାୟର କରିବାର ଲାଭ କ'ଣ ଭାବନାକୁ ଯଦି ଆମେ ଏଫଆଇଆର ଦାୟର କରୁ, ତେବେ ନ୍ୟାୟ ତୁରନ୍ତ ପ୍ରଦାନ କରାଯିବ ବୋଲି ସେ ତାଙ୍କ ବକ୍ତବ୍ୟରେ ଏହା କହିଛନ୍ତି।

## ତେଲେଙ୍ଗାନା କେମିକାଲ୍ ଫ୍ୟାକ୍ଟ୍ରିରେ ବିସ୍ଫୋରଣ ଘଟଣାରେ ଦୁଃଖ ପ୍ରକାଶ କଲେ ନବୀନ ପଟ୍ଟନାୟକ

**ଭୁବନେଶ୍ୱର, ୨/୦୭ ନ୍ୟୁଜ ବ୍ୟୁରୋ**

ତେଲେଙ୍ଗାନାର ଏକ କେମିକାଲ୍ ଫ୍ୟାକ୍ଟ୍ରିରେ ଘଟିଥିବା ଅଘଟଣରେ ୪ ଜଣ ଓଡ଼ିଆ ପ୍ରାଣ ହରାଇଥିବା ବିଷୟରେ ଜାଣି ଦୁଃଖ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ସମସ୍ତଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଆହତମାନଙ୍କର ଆଶୁଆରୋଗ୍ୟ କାମନା କରିଛନ୍ତି। ଏପରି ଦୁଃଖଦ ସମୟକୁ ସାମ୍ନା କରିବା ପାଇଁ ମହାପ୍ରଭୁ ପରିବାରବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଦିଅନ୍ତୁ ସେ ପ୍ରାର୍ଥନା କରିଛନ୍ତି। ସୂଚନା ଅନୁଯାୟୀ, ତେଲେଙ୍ଗାନାର ସଙ୍ଗାରେଡ୍ଡୀ ଜିଲ୍ଲାରେ ରାସାୟନିକ କାରଖାନାରେ ହୋଇଥିବା ବିସ୍ଫୋରଣରେ ମୃତ୍ୟୁ ସଂଖ୍ୟା ୪୪କୁ ବୃଦ୍ଧିପାଇଛି। ଏହି ମୃତାହତ ଶ୍ରମିକମାନଙ୍କ ମଧ୍ୟରେ ଅଧିକାଂଶ ଓଡ଼ିଶା, ୟୁପି, ବିହାର ଓ ପଶ୍ଚିମବଙ୍ଗର ରହିଥିବା ଜଣାପଡ଼ିଛି। ବିସ୍ଫୋରଣରେ ତିନି ମହଲା କୋଠା ଭୁଶୁଡ଼ି ପଡ଼ିଥିବାରୁ ଏବେ ବି ଭଗ୍ନାବଶେଷ ତଳେ ଅନେକ ଶ୍ରମିକ ପୋତି ହୋଇରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ଲାଗି ବଡ଼ ଧରଣର ଅଭିଯାନ ଆରମ୍ଭ ହୋଇଥିଲା। ଏହି ଉଦ୍ଧାର କାର୍ଯ୍ୟର ତଦାରଖ କରିବା ଲାଗି ଓଡ଼ିଶା ସରକାର ଦୁଇ ଜଣ ଅଧିକାରୀଙ୍କୁ ତେଲେଙ୍ଗାନା ପଠାଇଛନ୍ତି। ଏହି ଦୁଇ ଅଧିକାରୀ ହେଲେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ପ୍ରୀତିଶ ପଣ୍ଡା ଏବଂ ଡ. ଚନ୍ଦ୍ରଶେଖର ସାହୁ। ଦୁର୍ଘଟଣା ସ୍ଥଳରେ ରହି ଉଦ୍ଧାର କାର୍ଯ୍ୟ ତଦାରଖ କରିବା ସହିତ ଓଡ଼ିଆ ଶ୍ରମିକଙ୍କ ପରିବାର ଓ ସଂପର୍କୀୟଙ୍କୁ ସବୁ ପ୍ରକାର ସହାୟତା ଯୋଗାଇଦେବା ଲାଗି ସେମାନଙ୍କୁ କୁହାଯାଇଛି। ଏବେ ବି ଭଗ୍ନାବଶେଷ ତଳେ ଅନେକ ମୃତାହତ ଶ୍ରମିକ ପୋତି ହୋଇ ରହିଛନ୍ତି। ଅନେକ ମୃତଦେହ ସଂପୂର୍ଣ୍ଣ ରୂପେ ପୋଡ଼ି ହୋଇଯାଇଥିବାରୁ ଚିହ୍ନଟ କରିବା ମୁସ୍କିଲ ହୋଇପଡ଼ିଛି। କେତେକ ମୃତଦେହ ଖଣ୍ଡ ଖଣ୍ଡ ହୋଇଯାଇଛି। ତେଣୁ ଏଥିରେ କେତେଜଣ ଓଡ଼ିଆ ଶ୍ରମିକ ରହିଛନ୍ତି, ତାହା ଜଣାପଡ଼ି ନାହିଁ । ତେବେ ବର୍ତ୍ତମାନ ସୁଦ୍ଧା ୪ ଓଡ଼ଆ ଶ୍ରମିକଙ୍କ ମୃତଦେହ ଚିହ୍ନଟ ହୋଇଛି। ମୃତକଙ୍କ ପରିଜନଙ୍କୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଛନ୍ତି। ସେହିପରି ଆହତଙ୍କୁ ୫୦ ହଜାର ଟଙ୍କାର ସହାୟତା ରାଶି ଦେବାକୁ କୁହାଯାଇଛି। କାରଖାନାରେ ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, କେତେକ ଶ୍ରମିକ ୧୦୦ ମିଟର ଦୂରରେ ଯାଇ ଛିଟିକି ପଡ଼ିଥିଲେ।

## କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ୧୯ତମ ପ୍ରତିଷ୍ଠା ଦିବସ ପାଳିତ




**ଭୁବନେଶ୍ୱର,୨।୭, ନ୍ୟୁଜ ବ୍ୟୁରୋ**

କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ନବନିର୍ବାଚିତ ଛାତ୍ର କ୍ୟାବିନେଟର ଶପଥ ଗ୍ରହଣ ଏବଂ ପ୍ରଖ୍ୟାତ ସାମ୍ବାଦିକ, ସ୍ନାୟୁ ବିବିଧତା ପ୍ରବକ୍ତା ଏବଂ ଲେଖିକା ମୁଗ୍ଧା କାଲରାଙ୍କ ପ୍ରେରଣାଦାୟକ ଅଭିଭାଷଣ ସହିତ ଏକ ସ୍କୁଲର ୧୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ମୁଗ୍ଧା କାଲରା କହିଲେ, ମୁଁ ଦେଶର ଅନେକ କ୍ୟାମ୍ପସକୁ ଯାଇଛି, କିନ୍ତୁ ଏହି କ୍ୟାମ୍ପସକୁ ଆସି ମୁଁ ଗର୍ବିତ। ସେ ସ୍କୁଲର ଭିତ୍ତିଭୂମି ଓ ଛାତ୍ର-ଅନୁକୂଳ ସୁବିଧାଗୁଡ଼ିକୁ ପ୍ରଶଂସା କରି କହିଥିଲେ, କିଟ୍ ଏଭଳି ପରିବେଶ ସୃଷ୍ଟି କରିଛି ଯେଉଁଠି ପାଇଁ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲରେ ସ୍ୱତନ୍ତ୍ର ପିଲାଙ୍କ ସହ ଅନ୍ୟ ସାଧାରଣ ଛାତ୍ରମାନେ ଏକାଠି ପାଠ ପଢିପାରୁଛନ୍ତି। ଏହି ଅବସରରେ ସେ ଛାତ୍ରଛାତ୍ରୀମାନଙ୍କୁ ସହାନୁଭୂତି ଏବଂ ସାମାଜିକ ସଚେତନତା ସୃଷ୍ଟି କରୁଥିବା ଏପରି ଅନ୍ତର୍ଭୁକ୍ତିମୂଳକ ଅଭ୍ୟାସଗୁଡ଼ିକୁ ପ୍ରଶଂସା ଏବଂ ଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀମାନେ ନିଜକୁ ଫିଟ୍ ରଖିବା ସହ ସର୍ବଦା ପରିବାର ଏବଂ ବନ୍ଧୁମାନଙ୍କ ସହିତ ରହିବା, ସନ୍ତୁଳିତ ଜୀବନ ଧାରଣ ଏବଂ ମନଯୋଗ ଦେଇ ଉତ୍କର୍ଷତା ପ୍ରତିପାଦିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ସମସ୍ତ କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ନିଜ ବାର୍ତ୍ତା ଜରିଆରେ କିଟ୍ ଏବଂ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ ଯୋଗଦେଇ ପିଲାମାନଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲର ଚେୟାରପର୍ସନ ଡ. ମୋନା ଲିସା ବଳ କହିଲେ, ଅନ୍ୟମାନଙ୍କଠାରୁ ନିଆରା ହେବା ପାଇଁ କେବେ ବି ଭୟ କରନାହିଁ। ତୁମମାନଙ୍କ ଚିନ୍ତାଧାରା ଅଲଗା ଜଣାପଡୁଥିଲେ ମଧ୍ୟ ଏଥିପାଇଁ କେବେ ବି ଭୟ କରନାହିଁ। କାରଣ ଏକ ଅଲଗା ଚିନ୍ତାଧାରା ଅନେକ ସମୟରେ ବିଶ୍ୱକୁ ପରିବର୍ତ୍ତନ କରିଥାଏ। ସର୍ବଦା ଉତ୍ତମ ଓ ଗଭୀର ଚିନ୍ତନ ତଥା ଦୃଢ଼ତାର ସହ ଆଗେଇ ଯିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସ୍କୁଲ୍ ଅଧ୍ୟକ୍ଷ ଡ ସଞ୍ଜୟ ସୁଆର ଛାତ୍ରଛାତ୍ରୀଙ୍କ ସର୍ଜନାତ୍ମକ ଚିନ୍ତାଧାରା ବୃଦ୍ଧି ସହ ଶିକ୍ଷାରେ କିଭଳି ଅଧିକ ଭଲ କରିବେ ସେ ନେଇ ପରାମର୍ଶ ଦେଇଥିଲେ।

## ଜୁଲାଇରେ ୧୩ ଦିନ ବନ୍ଦ ରହିବ ବ୍ୟାଙ୍କ



**ନୂଆଦିଲ୍ଲୀ,୦୨/୦୭**

ଜୁଲାଇରେ ଦେଶର ବିଭିନ୍ନ ରାଜ୍ୟରେ ବ୍ୟାଙ୍କ ମୋଟ ୧୩ ଦିନ ବନ୍ଦ ରହିବ । ୪ଟି ରବିବାର ଏବଂ ୨ଟି ଶନିବାର ବାଦ ବିଭିନ୍ନ ପର୍ବପର୍ବାଣୀ ପାଇଁ ଆଉ ୭ ଦିନ ବ୍ୟାଙ୍କରେ କାମ ହେବନି । ୩ ଜୁଲାଇରେ ଖର୍ଚ୍ଚି ପୂଜା ଯୋଗୁ ଅଗରତାଲାରେ ବ୍ୟାଙ୍କ ଛୁଟି ରହିବା ସହ ୫ ଜୁଲାଇରେ ଗୁରୁ ଗୋବିନ୍ଦସିଂହ ଜନ୍ମୋତ୍ସବ ଯୋଗୁ ଜମ୍ମୁ ଓ ଶ୍ରୀନଗର, ୧୪ରେ ସିଲଂରେ ବେହ ଦିଲ୍‌ଖଲାମ, ୧୬ରେ ଡେରାଡୁନରେ ହରେଲା ତ୍ୟୋହାର, ୧୭ରେ ସିଲଂରେ ୟୁ ତୋରତ ସିଂ ପୁଣ୍ୟତିଥି, ୨୮ରେ ଗ୍ୟାଙ୍ଗଟକରେ ଦ୍ରୁପକୋସେ ଜି ଯୋଗୁ ବ୍ୟାଙ୍କ ଛୁଟି ରହିବ । ସେହିପରି ୬,୧୩,୨୦ ଏବଂ ୨୭ରେ ରବିବାର, ୧୨ ଏବଂ ୨୬ରେ ଦ୍ୱିତୀୟ ଓ ୪ର୍ଥ ଶନିବାର ପଡୁଛି । ଏହି ଦିନଗୁଡ଼ିକରେ ମଧ୍ୟ ବ୍ୟାଙ୍କ ଛୁଟି ଯୋଗୁ କାମ ହେବନି ବୋଲି ସୂଚନା ମିଳିଛି । ଗ୍ରାହକ ଏଟିଏମ, ଅନଲାଇନ ବ୍ୟାଙ୍କିଂ ଜରିଆରେ ବ୍ୟାଙ୍କ ସେବା ଲାଭ କରିପାରିବେ ।

## ଅଗଷ୍ଟ ପହିଲାରୁ ଆରଆଇ, ଅମିନ ନିଯୁକ୍ତି ପରୀକ୍ଷା

**ଭୁବନେଶ୍ୱର, ୨/୭ ନ୍ୟୁଜ ବ୍ୟୁରୋ**

ବିବାଦୀୟ ହୋଇପଡ଼ିଥିବା ଆରଆଇ, ଏଆରଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର ନିଯୁକ୍ତି ପାଇଁ ମୁଖ୍ୟ ପରୀକ୍ଷା ତାରିଖ ପ୍ରକାଶ ପାଇଛି। ଅଗଷ୍ଟ ପହିଲାରୁ ପରୀକ୍ଷା ଆରମ୍ଭ ହୋଇ ମାସେ ଯାଏଁ ଅର୍ଥାତ୍ ସେପ୍ଟେମ୍ବର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ହେବ। ଏନେଇ ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅପରପକ୍ଷେ ଅନ୍‌ଲାଇନ୍ ପରୀକ୍ଷାକୁ ପରୀକ୍ଷାର୍ଥୀମାନେ ବିରୋଧ କରୁଥିବା ବେଳେ ମେନ୍ ପରୀକ୍ଷା ମଧ୍ୟ ଅନ୍‌ଲାଇନ୍‌ରେ କରିବାକୁ ନିଷ୍ପତ୍ତି ପରେ ପୁଣିଥରେ ଅସନ୍ତୋଷ ବଢ଼ିଛି। ଅନ୍‌ଲାଇନ୍‌ରେ ହୋଇଥିବା ପ୍ରିଲିମନାରି ପରୀକ୍ଷାରେ ହେରଫେର କରି ଚାକିରି ବିକ୍ରି ମସୁଧା କରାଯାଉଥିବା ଅଭିଯୋଗ ହୋଇଥିଲା। ଆଶାୟୀମାନେ ବ୍ୟାପକ ଆନ୍ଦୋଳନ କରିବା ସହ ଅଫ୍‌ଲାଇନ୍ ପରୀକ୍ଷା ଦାବି କରିଥିଲେ। କମ୍ପ୍ୟୁଟର ସେଣ୍ଟରରେ ମାଉସ୍ ଆପେଆପେ ଚାଲିବା, ସବୁଠି ପରୀକ୍ଷା ସରିବା ପରେ କିଛି ପରୀକ୍ଷା କେନ୍ଦ୍ରରେ ଆରମ୍ଭ ହେବା, ପରୀକ୍ଷା କେନ୍ଦ୍ରରୁ ନକଲି ମାଲିକ ଗିରଫ ହେବା, କଳାତାଲିକାଭୁକ୍ତ କମ୍ପାନୀକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେବା ଆଦି ଘଟଣା ଅନ୍‌ଲାଇନ୍ ପରୀକ୍ଷାର ବିଶ୍ୱସନୀୟତା ପ୍ରତି ସନ୍ଦେହ ବଢ଼ାଇଥିଲା। ରାଜ୍ୟସାରା ତୀବ୍ର ଆନ୍ଦୋଳନ ପରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ମୁଖ୍ୟ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରାଯାଇଛି। ସମ୍ପ୍ରତି ମେନ୍ ପରୀକ୍ଷାକୁ ପୁନଃ ଅନ୍‌ଲାଇନ୍‌ରେ କରିବାକୁ ନେଇ ଆଶାୟୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଶାୟୀ ସୁନୀଲ କୁମାର ମିଶ୍ରଙ୍କ କହିବା ଅନୁଯାୟୀ, ବାରମ୍ବାର ବିରୋଧ ସତ୍ତ୍ୱେ ଅନ୍‌ଲାଇନ୍ ପରୀକ୍ଷା ନିଷ୍ପତ୍ତି ନିରୁତ୍ସାହିତ କରୁଛି। ଗୋଟିଏ ସିଫ୍ଟରେ ଅଫ୍‌ଲାଇନ୍ ପରୀକ୍ଷା କରିବାକୁ ସେ ଦାବି କରିଛନ୍ତି। ସେହିପରି ଅଗ୍ରୀମ ନେଇଥିବା ପିଲାଙ୍କୁ ଚାକିରି ଦେବା ପାଇଁ ଅନ୍‌ଲାଇନ୍ ପରୀକ୍ଷା କରାଯାଉଥିବା ଷ୍ଟୁଡେଣ୍ଟସ୍ ଏଗ୍‌ନେଷ୍ଟ କରପ୍‌ସନ୍‌ର ଆବାହକ ବିଭୂତି ଭୂଷଣ ମହାପାତ୍ର ଅଭିଯୋଗ ଆଣିଛନ୍ତି।

### ଏବେ ବଜାରରେ ଉପଲବ୍ଧ...
### 'କଥାକଳିକା'ର ଜୁଲାଇ-୨୦୨୫ ସଂଖ୍ୟା




**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ମନୋଜ କୁମାର ଜେନା।
**ସମକାଳର କଥା :** ଅମରେଶ ବିଶ୍ୱାଳ, ଆଭାସ କୁମାର ବରାଳ, ସୌରୀନ୍ଦ୍ରି ସାହୁ, ରୁମଝୁମ ନାୟକ, ଜାକିର ଖାନ୍।
**ଅନ୍ୟ ଭାଷାର କଥା :** ନଗେନ୍ଦ୍ର ପଟ୍ଟନାୟକ।
**ଯୁବ ମାନସର କଥା :** ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ରାଜେଶ ପୁଜାରୀ, କାଳନ୍ଦୀ ଭଞ୍ଜ, ସସ୍ମିତା ମହାପାତ୍ର, ସନ୍ତୋଷ ମିଶ୍ର, ମୋନିକା ସରକାର, ପ୍ରଭାତୀ ଜେନା, ନମିତା ଦାଶ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

## କୋଭିଡ୍ ଟିକା ଏବଂ ହୃଦ୍‌ଘାତ ମୃତ୍ୟୁ ମଧ୍ୟରେ କୌଣସି ସମ୍ପର୍କ ନାହିଁ: କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ



**ନୂଆଦିଲ୍ଲୀ, ୨/୦୭**

କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ହାସନ ଜିଲ୍ଲାରେ ହୃଦ୍‌ଘାତଜନିତ ମୃତ୍ୟୁକୁ କୋଭିଡ୍ ଟିକା ସହିତ ଯୋଡିବା ପରେ, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବୁଧବାର ଦିନ କହିଛି ଯେ, ଆଇସିଏମଆର୍ ଏବଂ ଏମ୍ସ ଦ୍ୱାରା କରାଯାଇଥିବା ବ୍ୟାପକ ଅଧ୍ୟୟନରୁ ନିଶ୍ଚିତ ଭାବରେ କରୋନାଭାଇରସ୍ ଟିକା ଏବଂ ହଠାତ୍ ମୃତ୍ୟୁ ମଧ୍ୟରେ କୌଣସି ସମ୍ପର୍କ ନାହିଁ।

ମୁଖ୍ୟମନ୍ତ୍ରୀ ଶ୍ରୀ ସିଦ୍ଧରମୈୟା କହିଥିଲେ ଯେ ଜନସାଧାରଣଙ୍କୁ କୋଭିଡ୍ ଟିକାର 'ଶୀଘ୍ର ଅନୁମୋଦନ ଏବଂ ବଣ୍ଟନ' ମଧ୍ୟ ଏହି ମୃତ୍ୟୁର ଏକ କାରଣ ହୋଇପାରେ। ଛାତି ଯନ୍ତ୍ରଣା କିମ୍ବା ନିଶ୍ୱାସ ନେବାରେ କଷ୍ଟ ଭଳି ଲକ୍ଷଣ ଦେଖାଗଲେ ତୁରନ୍ତ ନିକଟତମ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଞ୍ଚ ପାଇଁ ଯିବାକୁ ଏବଂ ଏହି ଲକ୍ଷଣଗୁଡ଼ିକୁ ଅଣଦେଖା ନକରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିବା ବେଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ ଦେଶର ଅନେକ ଏଜେନ୍ସି ମାଧ୍ୟମରେ ହଠାତ୍ ଅସ୍ପଷ୍ଟ ମୃତ୍ୟୁ ଘଟଣାର ତଦନ୍ତ କରାଯାଇଛି ଏବଂ ଏହି ଅଧ୍ୟୟନଗୁଡ଼ିକ ନିଷ୍କର୍ଷରେ ପ୍ରତିପାଦିତ ହୋଇଛି ଯେ କୋଭିଡ-୧୯ ଟିକାକରଣ ଏବଂ ହଠାତ୍ ମୃତ୍ୟୁ ରିପୋର୍ଟ ମଧ୍ୟରେ କୌଣସି ସିଧାସଳଖ ସମ୍ପର୍କ ନାହିଁ। ଭାରତୀୟ ଚିକିତ୍ସା ଗବେଷଣା ପରିଷଦ (ଆଇସିଏମ୍‌ଆର୍) ଏବଂ ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର (ଏନ୍‌ସିଡିସି) ଦ୍ୱାରା କରାଯାଇଥିବା ଅଧ୍ୟୟନ ନିଶ୍ଚିତ କରେ ଯେ ଭାରତରେ କୋଭିଡ୍-୧୯ ଟିକା ନିରାପଦ ଏବଂ ପ୍ରଭାବଶାଳୀ, ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟାର ଅତ୍ୟନ୍ତ ବିରଳ ଉଦାହରଣ ରହିଛି। ଆକସ୍ମିକ ହୃଦଘାତ ମୃତ୍ୟୁ ଜେନେଟିକ୍ସ, ଜୀବନଶୈଳୀ, ପୂର୍ବ ଅବସ୍ଥା ଏବଂ କୋଭିଡ୍ ପରବର୍ତ୍ତୀ ଜଟିଳତା ସମେତ ବିଭିନ୍ନ କାରଣରୁ ହୋଇପାରେ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି। ଦେଶରେ କରୋନା ମହାମାରୀ ପରେ ହୃଦଘାତର ଅନେକ ମାମଲା ସାମନାକୁ ଆସୁଛି । କେତେକଙ୍କୁ ଚାଲିବା ସମୟରେ, ବ୍ୟାୟାମ କରୁଥିବା ସମୟରେ ଏବଂ କେତେକଙ୍କୁ ବସିବା ସମୟରେ ହୃଦଘାତ ହେଉଛି। କ୍ରମାଗତ ବୃଦ୍ଧି ପାଉଥିବା ହୃଦଘାତ ମାମଲା ସମ୍ପର୍କରେ ଦାବି କରାଯାଉଥିଲା ଯେ କୋଭିଡ୍ ଟିକା ଯୋଗୁଁ ଏପରି ହେଉଛି । କିନ୍ତୁ ଆଇସିଏମଆର (ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ) ଓ ଏମ୍ସ (ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହି ଦାବିକୁ ଖାରଜ କରାଯାଇଛି । ଉଭୟ ସଂସ୍ଥା ପକ୍ଷରୁ କରାଯାଇଥିବା ଏକ ତଦନ୍ତରୁ ଜଣାପଡ଼ିଛି ଯେ କୋଭିଡ ଟିକା ଓ ହୃଦଘାତ ମୃତ୍ୟୁ ସଂପର୍କରେ କୌଣସି ସିଧାସଳଖ ସଂପର୍କ ନାହିଁ । ଏହି ରିପୋର୍ଟ ଏପରି ସମୟରେ ଆସିଛି ଯେତେବେଳେ ଅଭିନେତ୍ରୀ ଶେଫାଳି ଜରିୱାଲାଙ୍କ ଅସମୟ ମୃତ୍ୟୁ ଦେଶରେ ଚର୍ଚ୍ଚାର ବିଷୟ ହୋଇ ରହିଛି। ପୁଣି କର୍ଣ୍ଣାଟକର ହାସାନ ଜିଲ୍ଲାରେ ହେଉଥିବା କେତେକ ମୃତ୍ୟୁ ଘଟଣା ଲୋକମାନଙ୍କୁ ଚିନ୍ତାରେ ପକାଇଦେଇଛି । ଏହି ଜିଲ୍ଲାରେ ଗତ ୪୦ ଦିନ ମଧ୍ୟରେ ୨୨ ଜଣ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି ଓ ମୃତକଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଯୁବକ ।